ବର୍ଷ-୨୬, ସଂଖ୍ୟା-୧୪୫
ଭୁବନେଶ୍ୱର
୨୯, ମଇ, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 145
Bhubaneswar
29 May, 2026 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ମହିଳା ବିରୋଧୀଙ୍କ ହିଂସା ନେଇ ରାଗିଲେ ଭୂମି



## ଓଡ଼ିଶା ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୮/୫ (ମହାଭାରତ): ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ । ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ମୁଁ ଦିଲ୍ଲୀ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିଥିଲି। ଆଗାମୀ ଜୁନ ମାସରେ ରାଜ୍ୟ ସରକାରଙ୍କୁ ୨ବର୍ଷ ପୂରିବ । ଏହି ଉତ୍ସବରେ ସେ ଯୋଗଦେବେ ବୋଲି ଗ୍ରୀନ୍ ସିଗନାଲ୍ ମିଳିଛି । ଏ ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଚଳାଇଛୁ । ପ୍ରକାଶ ଯେ, ଆସନ୍ତା ଜୁନ୍ ୧୨ତାରିଖରେ ରାଜ୍ୟରେ ବିଜେପି ସରକାର ଦୁଇ ବର୍ଷ ପୂର୍ତ୍ତି ପାଳନ କରିବ ।

## ଓସିଏସ୍ ଟପ୍ପରଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୫(ମହାଭାରତ): ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଓ ଲକ୍ଷ୍ୟ ପ୍ରତି ଅତୁଟ ସମର୍ପଣ ଥିଲେ ସଫଳତା ନିଶ୍ଚିତ ମିଳିଥାଏ। ଏହାର ଜୀବନ୍ତ ଉଦାହରଣ ପାଲଟିଛନ୍ତି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ତୋଲଙ୍କପଡ଼ା ଗ୍ରାମର ପୁଅ ବୁବୁନ ସାହୁ। ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ)-୨୦୨୪ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ସେ ସମଗ୍ର ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଗୁରୁବାର ଲୋକସେବା ଭବନରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁବୁନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେ ବୁବୁନଙ୍କୁ ଅଭିନନ୍ଦନ ଜଣାଇବା ସହ ଲୋକସେବାକୁ ପ୍ରଶାସନର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ବିଶେଷ କରି ଶିଶୁ, ମହିଳା ଓ ସମାଜର ପଛୁଆ ବର୍ଗଙ୍କ କଲ୍ୟାଣ ପାଇଁ ନିଷ୍ଠାର ସହ କାମ କରିବାକୁ ପରାମର୍ଶ ଦେଇଥିଲେ।

ସବୁଠାରୁ ଆକର୍ଷଣୀୟ କଥା ହେଉଛି, ବୁବୁନ ଗତବର୍ଷ ଓଡ଼ିଶା ପୁଲିସ ସେବାରେ ମନୋନୀତ ହୋଇ ଏବେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୁଲିସ (ଡିଏସପି) ଭାବେ କାର୍ଯ୍ୟରତ ଅଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ମାସରୁ ସେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ଚାକିରି ସହ ପ୍ରସ୍ତୁତି ଜାରି ରଖି ଓଏଏସରେ ଶୀର୍ଷ ସ୍ଥାନ ହାସଲ କରିବା ତାଙ୍କ ଅଦମ୍ୟ ପରିଶ୍ରମର ପ୍ରମାଣ। ମୁଖ୍ୟମନ୍ତ୍ରୀ ବୁବୁନଙ୍କ ବାପା ଭଗବାନ ସାହୁ ଓ ମା' କୁଞ୍ଜଲତା ସାହୁଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଥିଲେ। ଜଣେ ଚାଷୀଙ୍କ ପୁଅ ଭାବେ ବୁବୁନଙ୍କ ଏହି ସଫଳତା କେବଳ ପରିବାର ପାଇଁ ନୁହେଁ, ବରଂ ହଜାର ହଜାର ଓସିଏସ ଆଶାୟୀଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ପାଲଟିଛି। ତାଙ୍କ ଏହି କାହାଣୀ ପ୍ରମାଣ କରିଛି ସ୍ୱପ୍ନ ଦେଖିବା ସହ ସେଥିପାଇଁ ନିରନ୍ତର ପରିଶ୍ରମ କଲେ ସଫଳତା ନିଶ୍ଚିତ ମିଳିବ।



# ଇସ୍ତଫା ଦେଲେ ସିଦ୍ଧରମୈୟା, ମୁଖ୍ୟମନ୍ତ୍ରୀ ହେବେ ଶିବ କୁମାର

ବେଙ୍ଗାଲୁରୁ, ୨୮।୫(ମହାଭାରତ): କର୍ଣ୍ଣାଟକାରେ ସବୁଠାରୁ ଅଧିକ ସମୟ ଧରି ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ବରିଷ୍ଠ କଂଗ୍ରେସ ନେତା ସିଦ୍ଧରମୈୟା ଆଜି ନିଜ ପଦରୁ ଇସ୍ତଫା ଦେଇଛନ୍ତି । କଂଗ୍ରେସ ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ସେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଛନ୍ତି ଓ ନିଜର ଡେପୁଟି ଡିକେ ଶିବ କୁମାରଙ୍କୁ ସର୍ବୋଚ୍ଚ ପଦରେ ବସିବାକୁ ଅନୁମତି ଦେଇଛନ୍ତି।

ତେବେ ଏହି ଫାୟାର ବ୍ରାଣ୍ଡ ନେତା ଜଣଙ୍କ ସିଧାସଳଖ କଂଗ୍ରେସ ନେତୃବୃନ୍ଦଙ୍କ ଜାତୀୟ ଦାୟିତ୍ୱ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏଥିସହ ରାଜ୍ୟ ରାଜନୀତିରେ ସେ ପୂର୍ବଭଳି ସକ୍ରିୟ ରହିବେ ବୋଲି ସେ ସ୍ପଷ୍ଟ କରିଛନ୍ତି।

କର୍ଣ୍ଣାଟକାରେ ସିଦ୍ଧରମୈୟା ଯୁଗର ଶେଷ ହୋଇଥିବା ବେଳେ ଶିବ କୁମାର ମୁଖ୍ୟମନ୍ତ୍ରୀ ହେବେ। ବେଶ କିଛି ମାସ ହେଲା ମୁଖ୍ୟମନ୍ତ୍ରୀ ପଦକୁ ନେଇ ଶିବ କୁମାର ଓ ସିଦ୍ଧରମୈୟାଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। କିନ୍ତୁ କଂଗ୍ରେସ ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ଶିବ କୁମାରଙ୍କୁ ବାଟ ଛାଡ଼ିଛନ୍ତି ସିଦ୍ଧରମୈୟା। ଖୁବଶୀଘ୍ର ଶିବ କୁମାର ୨ରୁ ୩ ଜଣ ଡେପୁଟିଙ୍କ ସହ ଶାସନ ଆରମ୍ଭ କରିବେ। କାରଣ ଜାତି ସମୀକରଣକୁ ମଧ୍ୟ କଂଗ୍ରେସ ସରକାର ଗଠନ ବେଳେ ଗୁରୁତ୍ୱ ଦେବ।

ରାଜ୍ୟପାଳଙ୍କ ସ୍ୱତନ୍ତ୍ର ସଚିବ ପ୍ରଭୁ ଶଙ୍କରଙ୍କୁ ନିଜର ଇସ୍ତଫାପତ୍ର ହସ୍ତାନ୍ତର କରିବା ପରେ ସିଦ୍ଧରମୈୟା ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଏଥିରେ ସେ ନୂଆ ମୁଖ୍ୟମନ୍ତ୍ରୀଙ୍କ ପାଇଁ ରାସ୍ତା ଛାଡ଼ିଥିବା କହିଛନ୍ତି। କିନ୍ତୁ ଜାତୀୟ ସ୍ତରର ଦାୟିତ୍ୱ ପ୍ରତି ତାଙ୍କର କୌଣସି ଇଚ୍ଛା ନଥିବା ସିଦ୍ଧରମୈୟା ସମସ୍ତଙ୍କୁ ଜଣାଇ ଦେଇଛନ୍ତି।



ସେ କହିଛନ୍ତି, "ହାଇକମାଣ୍ଡ ମୋତେ ଯେତେବେଳେ ଇସ୍ତଫାକୁ ଦେବାକୁ କହିଥାଆନ୍ତେ, ମୁଁ ଇସ୍ତଫା ଦେଇଥାଆନ୍ତି। ଦୁଇ ଦିନ ତଳେ ହାଇକମାଣ୍ଡ ମୋତେ ଇସ୍ତଫା ଦେବାକୁ କହିଥିଲେ। ତେଣୁ ମୁଁ ଇସ୍ତଫା ଦେଉଛି। ମୁଁ କର୍ଣ୍ଣାଟକା ରାଜନୀତିରେ ସକ୍ରିୟ ରହିବି। ଜାତୀୟ ସ୍ତରର ଦାୟିତ୍ୱ ପ୍ରତି ମୋର ଆଗ୍ରହ ନାହିଁ।"

ମଙ୍ଗଳବାର ସିଦ୍ଧରମୈୟା ଦିଲ୍ଲୀରେ କଂଗ୍ରେସ ନେତୃବୃନ୍ଦଙ୍କ ସହ ବୈଠକ କରିଥିଲେ। ଏହି ସମୟରେ ତାଙ୍କୁ ଇସ୍ତଫା ଦେବାକୁ କୁହାଯାଇଥିଲା। ଏଥିସହ ତାଙ୍କୁ ଦଳ ରାଜ୍ୟସଭା ଜରିଆରେ ଦିଲ୍ଲୀ ଆଣି ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ଜାତୀୟ ସ୍ତରରେ ଗୁରୁ ଦାୟିତ୍ୱ ଦେବାକୁ ଚାହୁଁଥିବା ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଆଜି ସିଦ୍ଧରମୈୟା ଜାତୀୟ ଦାୟିତ୍ୱ ପ୍ରତି ତାଙ୍କର କୌଣସି ଇଚ୍ଛା ନଥିବା କହି ହାଇକମାଣ୍ଡଙ୍କ ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଗୁରୁବାର ସିଦ୍ଧରମୈୟା ଦଳ ମଧ୍ୟରେ କୌଣସି ତିକ୍ତତା ନଥିବା ବି କହିଛନ୍ତି। ସେ କହିଛନ୍ତି, "ଆମେ ସବୁବେଳେ ଗୋଟିଏ ପରିବାର ହୋଇ ରହି ଆସିଛୁ ଓ ଆଗକୁ ରହିବୁ ବୋଲି ବିଶ୍ୱାସ। ମୋ ଶାସନ କାଳରେ ସମାନତାକୁ ଏବେ ବି ନିଶ୍ଚିତ କରାଯିବ।"

ଇସ୍ତଫା ଦେବା ପୂର୍ବରୁ ଆଜି ନିଜର କ୍ୟାବିନେଟ ସଦସ୍ୟଙ୍କ ସହ ବ୍ରେକଫାଷ୍ଟ ମିଟିଂ କରିଥିଲେ ସିଦ୍ଧରମୈୟା। ଏହି ସମୟରେ ସେ ମୁଖ୍ୟମନ୍ତ୍ରୀ ପଦ ଛାଡୁଥିବା କଥା ସମସ୍ତଙ୍କୁ କହିଥିଲେ। ଏଥିସହ ନିଜର ଡେପୁଟି ଡିକେ ଶିବ କୁମାରଙ୍କ ସହ ନାଁ ସେ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହାକୁ କ୍ୟାବିନେଟ ସଦସ୍ୟମାନେ ସମର୍ଥନ କରିଛନ୍ତି।

ଶିବ କୁମାର କର୍ଣ୍ଣାଟକାର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବାରୁ ସେ ସିଦ୍ଧରମୈୟାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଛନ୍ତି। ସେହିପରି ତାଙ୍କୁ ଖୁସିରେ କୁଣ୍ଢାଇ ପକାଇଛନ୍ତି। ସିଦ୍ଧରମୈୟା ମଧ୍ୟ ଏହାକୁ ବେଶ ଆଦରର ସହ ଗ୍ରହଣ କରିଛନ୍ତି। ଏଥିସହ ସେ ନିଜର ଶାସନ ସମୟରେ ଯଦି କୌଣସି ମନ୍ତ୍ରୀଙ୍କୁ କିଛି କହିଛନ୍ତି, ତା'ହେଲେ ସେସବୁ ଭୁଲି ଯିବାକୁ ମଧ୍ୟ ସିଦ୍ଧରମୈୟା କହିଛନ୍ତି।

୨୦୧୩ରେ ସିଦ୍ଧରମୈୟା ପ୍ରଥମଥର କର୍ଣ୍ଣାଟକାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ପୂରା ୫ ବର୍ଷ ଅର୍ଥାତ ୨୦୧୮ ଯାଏ ରହିଥିଲା। ୨୦୨୩ରେ କଂଗ୍ରେସ କର୍ଣ୍ଣାଟକାକୁ ଫେରିବା ପରେ ସିଦ୍ଧରମୈୟା ଓ ଶିବ କୁମାରଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଛକା ପଞ୍ଝା ଆରମ୍ଭ ହୋଇଥିଲା। ଶେଷରେ କଂଗ୍ରେସ ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ହୋଇଥିଲେ।

## ତ୍ୱିଶା ମୃତ୍ୟୁ ମାମଲା: ଶାଶୁ ଗିରିବାଳାଙ୍କୁ ବାନ୍ଧିଲା ସିବିଆଇ

ଭୋପାଳ, ୨୮।୫(ମହାଭାରତ): ମଡେଲ ଓ ଅଭିନେତ୍ରୀ ତ୍ୱିଶା ଶର୍ମାଙ୍କ ମୃତ୍ୟୁ ମାମଲାରେ ସିବିଆଇ ଶେଷରେ ତାଙ୍କ ଶାଶୁ ଗିରିବାଳା ସିଂହଙ୍କୁ ଗିରଫ



କରିଛି। ମାରାଥନ ଜେରା ପରେ ଗିରିବାଳାଙ୍କୁ ତାଙ୍କ ମଧ୍ୟପ୍ରଦେଶର ଭୋପାଳ ସ୍ଥିତ ବାସଭବନରୁ ଗିରଫ କରାଯାଇଛି। ଗିରିବାଳା ହେଉଛନ୍ତି ଜଣେ ଅବସରପ୍ରାପ୍ତ ଜିଲ୍ଲା ଜଜ ତାଙ୍କୁ ଗିରଫ କରିବା ପୂର୍ବରୁ ସିବିଆଇ ୮ରୁ ଅଧିକ ଘଣ୍ଟା ଧରି ଜେରା କରିଥିଲା।

ତ୍ୱିଶାଙ୍କ ମୃତ୍ୟୁ ପରେ ପରିବାର ଲୋକ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଥିଲେ। ଶାଶୁ ଗିରିବାଳା ଓ ସ୍ୱାମୀ ସମର୍ଥଙ୍କ ବିରୋଧରେ ଏପରି ଅଭିଯୋଗ ଆସିଥିଲା। ଗିରଫଦାରୀ ଆଶଙ୍କାରେ ଗିରିବାଳା ମଧ୍ୟପ୍ରଦେଶ ହାଇକୋର୍ଟରେ ଜାମିନ ଆବେଦନ କରି ସଫଳତା ପାଇଥିଲେ।

## ଦୁର୍ଘଟଣାରେ ଦୁଇ ମୃତ

ଦେଓଗାଁ ୨୮।୫(ମହାଭାରତ): ମା' ତାରିଣୀଙ୍କ ଦର୍ଶନ ଅଧୁରା ରହିଯାଇଛି। ଘଟଗାଁ ଅଭିମୁଖେ ବାହାରିଥିବା କାର ଅଧବାଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣଙ୍କୁ ଗୁରୁତର ଭାବେ ଉଦ୍ଧାର କରାଯାଇଛି। ସେମାନଙ୍କର ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କେନ୍ଦୁଝରଜିଲ୍ଲା ତୈରୀ ଥାନା ଅଧିନ ରାଶୋଳ ପଞ୍ଚାୟତ କୁଶେଇ ନଦୀ ପୋଲ ଉପରେ ଆଜି ଏହି ଦୁର୍ଘଟଣା ଘଟିଛି। ରିପୋର୍ଟ ଲେଖାଯିବା ବେଳକୁ ମୃତାହତମାନଙ୍କର ପରିଚୟ ମିଳିପାରି ନାହିଁ। ସୂଚନା ଅନୁସାରେ ଢେଙ୍କାନାଳ ଟାଉନର ୪ଜଣ ଯୁବକ ଆଜି ପୂର୍ବାହ୍ନରେ କେନ୍ଦୁଝର ଜିଲ୍ଲା ଘଟଗାଁସ୍ଥିତ ମା' ତାରିଣୀଙ୍କ ଦର୍ଶନ ପାଇଁ ବାହାରିଥିଲେ। ସେମାନେ ଏକ କାର ଯୋଗେ ଆଗକୁ ଅଗ୍ରସର ହେଉଥିଲେ।

### ଅନୁପ୍ରବେଶକାରୀଙ୍କୁ ଅମିତ ଶାହଙ୍କ ଚେତାବନୀ

# ଚିକେନ୍ ନେକ୍ ଜମି ବିଏସଏଫ୍‌କୁ ଦିଆଯାଇଛି

ନୂଆଦିଲ୍ଲୀ, ୨୮।୫(ମହାଭାରତ): ଭାରତ-ବାଂଲାଦେଶ ସୀମାରେ ପୋଷ୍ଟ ନିର୍ମାଣ ଏବଂ କଣ୍ଟା ତାର ବାଡ଼ ସ୍ଥାପନ ପାଇଁ ପଶ୍ଚିମବଙ୍ଗ ସରକାର ସୀମା ସୁରକ୍ଷା ବଳ (ଈଝର)କୁ ଜମି ହସ୍ତାନ୍ତର କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର କହିଛନ୍ତି ଯେ ପଶ୍ଚିମବଙ୍ଗରେ ନବଗଠିତ ବିଜେପି ସରକାର ବାଂଲାଦେଶ ସୀମାରେ ତାରବାଡ଼ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ସାତ ଦିନ ମଧ୍ୟରେ ବିଏସଏଫକୁ ୬୦୦ ହେକ୍ଟର ଜମି ହସ୍ତାନ୍ତର କରିଛି।



ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ବିଜେପି ରାଜ୍ୟର ସୀମାରେ ବାଡ଼ ଦେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କର ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିଛି। ସେ କହିଛନ୍ତି, 'ଆମେ ନିର୍ବାଚନ ପ୍ରଚାର ସମୟରେ ପ୍ରତିଶ୍ରୁତି ଦେଇଥିଲୁ ଯେ ଯଦି ଆପଣ ଆମକୁ କ୍ଷମତା ଦିଅନ୍ତି, ତେବେ ଆମେ କିଛି ଦିନ ମଧ୍ୟରେ ବାଂଲାଦେଶ ସୀମାରେ ବାଡ଼ ଦେବା ଆରମ୍ଭ କରିବୁ।' ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ବିଜେପି ରାଜ୍ୟର ସୀମାରେ ବାଡ଼ ଦେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କର ନିର୍ବାଚନୀ ପ୍ରତିଶ୍ରୁତି ସେ ପୂରଣ କରିଛି। ଆମେ ନିର୍ବାଚନ ପ୍ରଚାର ସମୟରେ ପ୍ରତିଶ୍ରୁତି ଦେଇଥିଲୁ ଯେ ଯଦି ଆପଣ ଆମକୁ କ୍ଷମତା ଦିଅନ୍ତି, ତେବେ ଆମେ କିଛି ଦିନ ମଧ୍ୟରେ ବାଂଲାଦେଶ ସୀମାରେ ବାଡ଼ ଦେବା ଆରମ୍ଭ କରିବୁ।' ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇ ଶାହ କହିଛନ୍ତି 'ମାତ୍ର ସାତ ଦିନ ମଧ୍ୟରେ ୬୦୦ ହେକ୍ଟର ଜମି ବିଏସଫ୍‌କୁ ହସ୍ତାନ୍ତର କରିବା ପାଇଁ ମୁଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବାକୁ ଚାହୁଁଛି।'

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ପଦକ୍ଷେପକୁ ବିଜେପିର ବ୍ୟାପକ ଜାତୀୟ ସୁରକ୍ଷା ଏଜେଣ୍ଡା ସହିତ ଯୋଡ଼ିଛନ୍ତି ଏବଂ ଦାବି କରିଛନ୍ତି ଯେ ବଙ୍ଗଳାରେ ସରକାର ପରିବର୍ତ୍ତନ ପରେ ବାଂଲାଦେଶ ସୀମା ଦେଇ ଅନୁପ୍ରବେଶ ହ୍ରାସ ପାଇଛି। ପୂର୍ବରୁ, ମମତା ବାନାର୍ଜୀଙ୍କ ଶାସନ ସମୟରେ, ପ୍ରତିଦିନ ଅନୁପ୍ରବେଶ ହେଉଥିଲା, କିନ୍ତୁ ବର୍ତ୍ତମାନ ଅନୁପ୍ରବେଶକାରୀମାନେ ନିଜେ ଫେରିବା ଆରମ୍ଭ କରିଛନ୍ତି। ମୁଁ ଅନୁପ୍ରବେଶକାରୀମାନଙ୍କୁ କହିବାକୁ ଚାହୁଁଛି ସମୟ ଥାଉ ଥାଉ ନିଜ ଦେଶକୁ ଫେରି ଯାଅ।'

ଶାହ କହିଛନ୍ତି, 'ଆଜି ବିଜେପି ଦେଶର ଭୌଗୋଳିକ କ୍ଷେତ୍ରର ୮୦ ପ୍ରତିଶତ ଉପରେ ଶାସନ କରୁଛି। ନିକଟରେ ବଙ୍ଗଳାରେ ନିର୍ବାଚନ ହୋଇଥିଲା, ଯେଉଁଠାରେ ଦିଦିଙ୍କ ସରକାର ସମ୍ପୂର୍ଣ୍ଣ ମୂଳପୋଛ ହୋଇଛି। ଗୃହମନ୍ତ୍ରୀ ଅମିତ ଶାହ ଏହା ମଧ୍ୟ କହିଥିଲେ ଯେ ବିଜେପିର 'ଗେରୁଆ ପତାକା' ଏବେ ଉତ୍ତରାଖଣ୍ଡରୁ ଗଙ୍ଗାସାଗର ପର୍ଯ୍ୟନ୍ତ ସମଗ୍ର ଗଙ୍ଗା ଅଞ୍ଚଳରେ ଉଡୁଛି। ଗାନ୍ଧୀନଗର ଗସ୍ତ ସମୟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଶାହ ଏହା କହିଛନ୍ତି।

## କୋଇଲା ଟ୍ରକରେ ୧୩.୮୫ କ୍ୱିଣ୍ଟାଲ ଗଞ୍ଜେଇ

ମନମୁଣ୍ଡା, ୨୮।୫(ମହାଭାରତ): ଅଭିନବ ଢଙ୍ଗରେ ଗଂଜେଇ ଚୋରା ଚାଲାଣ । ପୁଲିସ ନଜର ହଟାଇବା ପାଇଁ ଏକ କୋଇଲା ବୋଝେଇ ଟ୍ରକରେ ଭିତରେ ଗଞ୍ଜେଇ ଚାଲାଣ। ତେବେ କନ୍ଧମାଳ ପୁଲିସର ସନ୍ଦେହ ହେବାରୁ ଟ୍ରକ ଯାଞ୍ଚ କରିଥିଲା। ସେଥିରୁ ବାହାରିଥିଲା ଗଞ୍ଜେଇ ପ୍ୟାକେଟ। ୧୩.୮୫ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିବା ସହ ପୁଲିସ ୨ ଜଣଙ୍କୁ ଗିରଫ କରିଛି।



ଗଞ୍ଜେଇ ଚୋରା ଚାଲାଣକୁ ଦୃଷ୍ଟିରେ ରଖି କନ୍ଧମାଳ ପୁଲିସ ଅନେକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ବୁଧବାର ସକାଳ ସମୟରେ ଛକି ରହିଥିଲା। ବୁଧବାର ଏକ ୧୬ ଚକିଆ ଟ୍ରକ କନ୍ଧମାଳ - ଘଣ୍ଟାପଡା ରାସ୍ତାର ଉଦେପୁର ଛକ ଦେଇ ଯାଉଥିଲା। ପୁଲିସ ସନ୍ଦେହରେ ଟ୍ରକ୍କୁ ଅଟକାଇ ଥିଲା । ସେଥିରେ କୋଇଲା ଯାଉଥିବା କୁହାଯାଇଥିଲା । ଉକ୍ତ ରାସ୍ତାରେ କୋଇଲା ବୋଝେଇ ଟ୍ରକ ପ୍ରାୟତଃ ଚଳାଚଳ କରେ ନାହିଁ ଯାହାକି ପୁଲିସର ସନ୍ଦେହ ବଢ଼ିଥିଲା । ଟ୍ରକକୁ ଥାନାକୁ ପୁଲିସ ଆଣିଥିଲା। ଗୁରୁବାର ଟ୍ରକ ତନଖି କରାଯାଇଥିଲା। କୋଇଲା ଭିତରେ ପ୍ରଚୁର ପରିମାଣର ଗଞ୍ଜେଇ ପ୍ୟାକେଟ ଥିବା ପୁଲିସ ଦେଖିବାକୁ ପାଇଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଗଞ୍ଜେଇ ଓଜନ କରାଯାଇଥିଲା। ୧୩ କ୍ୱିଣ୍ଟାଲ ୮୫ କେଜି ଗଞ୍ଜେଇ ଥିବା ଆଇଆଇସି ବାସୁଦେବ ଭୋଇ କହିଛନ୍ତି। ଘଟଣାରେ ସଂପୃକ୍ତ ଗାଡ଼ିର ଡ୍ରାଇଭର ଓ ହେଲ୍ପରକୁ ପୁଲିସ ଗିରଫ କରିଛି।

## ଟ୍ରେନ୍‌ଉପରେ ଖସିପଡିଲା କ୍ରେନ୍, ଉଦ୍ଧାର କାର୍ଯ୍ୟ ଜାରି

ନୀଳଗିରି, ୨୮।୫(ମହାଭାରତ): ବାଲେଶ୍ୱର ଜିଲ୍ଲା ନୀଳଗିରି ଗୋପୀନାଥପୁର ରେଲୱେ ଷ୍ଟେସନରେ ବଡ଼ ଅଘଟଣ ଘଟିଛି। ସୂଚନା ମୁତାବକ ଗୋପୀନାଥପୁର ରେଲୱେ ଷ୍ଟେସନରେ ଗୁରୁବାର ମଧ୍ୟାହ୍ନରେ ଷ୍ଟେସନସଂଲଗ୍ନ ସ୍ଲିପର ଫ୍ୟାକ୍ଟ୍ରିର ରେଲୱେ ବ୍ୟବହାର କରୁଥିବା ସ୍ଲିପରଗୁଡ଼ିକ ମାଲବାହୀ ଟ୍ରେନ୍‌ରେ ଲୋଡିଂ ହେଉଥିବା ସମୟରେ ୨ଟି ମାଲବାହୀ ଟ୍ରେନ୍‌ର ବଗିଉପରେ ଖସିପଡ଼ିଲା କ୍ରେନ୍। ଏହାସହ କ୍ରେନ୍ ପଡ଼ିବାରୁ ଷ୍ଟେସନ୍‌ର ବିଦ୍ୟୁତତାର ଛିଣ୍ଡି ଯାଇଥିଲା। ଫଳରେ କିଛି ଘଣ୍ଟାପାଇଁ ଯାତ୍ରୀବାହୀ ଟ୍ରେନ୍ ବାତିଲ୍ ହୋଇଥିଲା। ଏହି ଘଟଣା ସମୟରେ ରେଲୱେସ୍ଲିପର ଲୋଡିଂ କାମରେ ନିୟୋଜିତ ଜଣେ କର୍ମଚାରୀ ଖସିପଡିଥିଲେ ହେଁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ଲେଖିବା ବେଳକୁ ରେଳବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଜାରିରହିଛି।



# ଓଏସ୍‌ଏମ୍ ଅସଙ୍ଗତିର ସମାଧାନ କରାଯିବ: କେନ୍ଦ୍ର ଶିକ୍ଷାମନ୍ତ୍ରୀ

ନୂଆଦିଲ୍ଲୀ, ୨୮।୫(ମହାଭାରତ): ସିବିଏସ୍‌ଇ ଅନ୍-ସ୍କ୍ରିନ୍ ମାର୍କିଂ ସିଷ୍ଟମକୁ ନେଇ ଅସନ୍ତୋଷ ଜାରି ରହିଥିବାବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିପାଇଁ ନିଜକୁ ଦାୟୀ କରିଛନ୍ତି ଓ ଏହାର ସମାଧାନ କରାଯିବ ବୋଲି କହିଛନ୍ତି। ଗୁରୁବାର ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ସେ ତ୍ରୁଟି ପାଇଁ ଦାୟିତ୍ୱ ନେଉଛନ୍ତି। ଛାତ୍ର ଓ ଅଭିଭାବକମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ଯଦି ମୂଲ୍ୟାଙ୍କନ ପ୍ରକ୍ରିୟାରେ ଅନିୟମିତତା ଦେଖାଯାଏ ତେବେ କାହାକୁ ଛଡାଯିବ ନାହିଁ।

ବୁଧବାର କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)କୁ ତୀବ୍ର ସମାଲୋଚନା କରିଥିଲେ। ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପ୍ରଶ୍ନପତ୍ର ମୂଲ୍ୟାୟନ ପାଇଁ ବୋର୍ଡର ଓଏସ୍‌ଏମ୍ ସିଷ୍ଟମରେ 'ବ୍ୟାପକ ହେରଫେର' ହୋଇଥିବା ରାହୁଲ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ପୁନଃମୂଲ୍ୟାୟନ



ପ୍ରକ୍ରିୟା ସମୟରେ ଛାତ୍ରମାନଙ୍କ ଦ୍ୱାରା ଅସ୍ପଷ୍ଟ ସ୍କାନ କପି, ଚେକ୍ ହୋଇନଥିବା ଉତ୍ତର ଖାତା, ପୋର୍ଟାଲ କ୍ରାସ୍, ପେମେଣ୍ଟ ସମସ୍ୟା ଓ ଦ୍ୱନ୍ଦ୍ୱ ସମ୍ପର୍କରେ ଅଭିଯୋଗ ଆସିବା ପରେ ମନ୍ତ୍ରୀ ସ୍ପଷ୍ଟୀକରଣ ରଖିଛନ୍ତି। ଦିଲ୍ଲୀରେ ସିବିଏସ୍‌ଇ ଅଧିକାରୀଙ୍କ ସହ ଏକ ବୈଠକ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ବୋର୍ଡର ନୂତନ ଡିଜିଟାଲ୍ ମୂଲ୍ୟାୟନ ମଡେଲକୁ ସମର୍ଥନ କରିଥିଲେ ଓ ଛାତ୍ରଛାତ୍ରୀମାନେ ସମ୍ମୁଖୀନ ହୋଇଥିବା ଚାପକୁ ମଧ୍ୟ ସ୍ୱୀକାର କରିଥିଲେ।

ପରୀକ୍ଷା ଦେଇଥିବା ୧୭ ଲକ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଆମେ ୯୮ ଲକ୍ଷ କପିର ଉତ୍ତର ପତ୍ର ବଜାୟ ରଖିଛୁ ବୋଲି ସେ କହିଛନ୍ତି। ଶିକ୍ଷାମନ୍ତ୍ରୀଙ୍କ ଅନୁଯାୟୀ, ପ୍ରତ୍ୟେକ ଉତ୍ତର ପୁସ୍ତକରେ ପ୍ରାୟ ୪୦ପୃଷ୍ଠା ଥାଏ, ଯାହା ସ୍କାନ ହୋଇଥିବା ପୃଷ୍ଠା ସଂଖ୍ୟାକୁ ପ୍ରାୟ ୪୦ କୋଟି ସ୍କାନ କପିରେ ପହଞ୍ଚାଇଥାଏ। ସେ ଅନ୍-ସ୍କ୍ରିନ୍ ମାର୍କିଂ ସିଷ୍ଟମ ବା ଓଏସ୍‌ଏମ୍‌କୁ ବିଶ୍ୱ ସ୍ତରରେ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ପୂର୍ବରୁ ଗ୍ରହଣ କରାଯାଇଥିବା ଏକ ପ୍ରଗତିଶୀଳ ଉପକରଣ ଭାବରେ ବର୍ଣ୍ଣନା କରିଥିଲେ।

## କୋଲୋନ୍ କ୍ୟାନସରର ଉପଚାର କଫିରେ

ଯେଉଁମାନେ କୋଲୋନ୍ କ୍ୟାନସର (ପେଟରେ କ୍ୟାନସର)ରେ ଆକ୍ରାନ୍ତ ଥିବେ ସେମାନଙ୍କ ପାଇଁ ଗୋଟିଏ କପ୍ କଫି ବହୁତ ଲାଭଦାୟକ। ଏକ ରିପୋର୍ଟ ଅନୁଯାୟୀ, ଯଦି ପେଟରେ କ୍ୟାନସର ହୋଇଥିବା ବ୍ୟକ୍ତି ଯଦି ଦିନକୁ ଚାରି କପ୍ କଫି ପିଉଛନ୍ତି, ତେବେ ଏହାର ପ୍ରଭାବ ବହୁତ ପ୍ରଭାବଶାଳୀ ହୋଇପାରେ। ରିପୋର୍ଟ ଅନୁଯାୟୀ, କଫି ପିଇବା ଦ୍ୱାରା ପେଟରେ କ୍ୟାନସର ବୃଦ୍ଧି ଉପରେ ବ୍ରେକ୍ ଦେଇଥାଏ। ଏମିତିକି ସ୍ଥିତି ବିଗିଡିବା ପୂର୍ବରୁ ଏହାକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ଏଥିସହ ଜଣାପଡ଼ୁଛି ଯେ ଦିନକୁ ଅତି କମରେ ଚାରି କପ୍ କଫି ପିଉଥିବା ରୋଗୀଙ୍କ ବଞ୍ଚିବାର ସମ୍ଭାବନା ବଢ଼ିଥାଏ। ତେବେ ଏହା ଲାଭଦାୟକ ହେବ ଯେଉଁମାନଙ୍କ ବୟସ ୫୦ ବର୍ଷରୁ କମ୍ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ୫୦ ବର୍ଷରୁ ଅଧିକ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା ଏତେଟା ସଫଳ ନୁହେଁ ବୋଲି ଜଣାପଡ଼ିଛି। ତେବେ ଏହି କୋଲେନ୍ କ୍ୟାନସର ପାଇଁ କେବଳ କଫି ଉପରେ ନିର୍ଭର କରିବା ଠିକ୍ ନୁହେଁ। ଡକ୍ଟର କିମି ନାଗ କହିଛନ୍ତି, କୋଲେନ୍ କ୍ୟାନସର ରୋଗୀଙ୍କ ଅବସ୍ଥା ସୁଧାରିବାରେ କଫି ସହାୟକ ହେଉଛି। ଏହାକୁ ନେଇ ଅନୁସନ୍ଧାନ ଚାଲିଛି। ବ୍ୟକ୍ତି ଅନୁସାରେ ଏହା ଅଲଗା ଅଲଗା ହୋଇପାରେ।



## ଖବର

## ‘ବକରୀ ଇଦରେ ଫ୍ୟାନ୍ସଙ୍କୁ ସପ୍ରାଇଜ ଦେଲେ ସଲମାନ



ଆଜି ପୁରା ଦେଶରେ ବକରୀଇଦ ଉତ୍ସବ ପାଳନ କରାଯାଉଛି । ଏହାରି ମଧ୍ୟରେ ବଲିଉଡର ସୁପରଷ୍ଟାର ସଲମାନ ଖାନ୍ ତାଙ୍କ ଫ୍ୟାନ୍ସଙ୍କୁ ସପ୍ରାଇଜ୍ ଦେଇଛନ୍ତି । ଆଜି ସକାଳୁ ସଲମାନ ଖାନ୍ ତାଙ୍କ ଇନଷ୍ଟାଗ୍ରାମ ପେଜରେ ଫିଲ୍ମ ମାତୃଭୂମିର ମୈ ବାର ରେଷ୍ଟ ଇନ୍ ପିସ୍ ର ନୂଆ ମ୍ୟୁଜିକ୍ ଭିଡିଓ ରିଲିଜ କରିଛନ୍ତି ।ଫିଲ୍ମ ମାତୃଭୂମିର ନୂଆ ଗୀତ ମୈ ହୁଁ ଏକ ରୋମାଣ୍ଟିକ୍ ଟ୍ରାକ୍ । ଯେଉଁଥିରେ ସଲମାନ ଖାନ୍ ଏବଂ ତାଙ୍କ ହିରୋଇନ୍ ଚିତ୍ରାଙ୍ଗଦା ସିଂ ନଜର ଆସିଛନ୍ତି । ଏହା ଗୀତର ନୂଆ ଭର୍ସନ । ଯେଉଁଥିରେ ଶ୍ରେୟା ଘୋଷାଲ ଏବଂ କୁନିକା ସଦାନନ୍ଦଙ୍କ ପୁଅ ଅୟାନ ଲାଲଙ୍କ କଣ୍ଠ ସ୍ୱର ଶୁଣିବାକୁ ମିଳିଛି । ଏହି ଗୀତରେ ଚିତ୍ରଙ୍ଗଦା ଖୁବ୍ ଇମୋସନାଲ ହୋଇଥିବା ଦେଖିବାକୁ ମିଳିଛି । ଏଥିସହିତ ସେ ଏଥିରେ ସଲମାନଙ୍କ କଥା ଭାବୁଥିବାର ମଧ୍ୟ ଦେଖିବାକୁ ମିଳିଛି । ଦୁହେଁ ଏହି ଗୀତରେ ଖୁବ୍ ରୋମାଣ୍ଟିକ୍ ଭାବେ ନଜର ଆସିଛନ୍ତି । ଅନ୍-ସ୍କ୍ରିନରେ ସେମାନଙ୍କ କେମେଷ୍ଟ୍ରିକୁ ବହୁତ ପ୍ରଶଂସା ମିଳିଛି । ଏହା ସଲମାନ ଖାନଙ୍କ ଦ୍ୱାରା ସେୟାର ହୋଇଥିବା ଛୋଟ ଟିଜର ଥିଲା । ଶ୍ରେୟା ଘୋଷାଲଙ୍କ ଏହି ଗୀତଟି ଆଜି ରିଲିଜ ହେବ। ସଲମାନ ଏହାକୁ ସେୟାର କରିବା ପରେ ତାଙ୍କ ଫ୍ୟାନ୍ସ ଖୁବ୍ ଉତ୍ସାହିତ ରହିଛନ୍ତି । ଏଥିସହ ସମସ୍ତେ ତାଙ୍କୁ ଇଦ୍ ମୁବାରକର ଶୁଭେଚ୍ଛା ମଧ୍ୟ ଜଣାଉଛନ୍ତି ।ସଲମାନ ଖାନଙ୍କ ଫିଲ୍ମ ମାତୃଭୂମି: ମେ ୱାର ରେଷ୍ଟ ଇନ୍ ପିସକୁ ଉତ୍ସୁକତାର ସହିତ ଅପେକ୍ଷା କରିଛନ୍ତି ଫ୍ୟାନ୍ସ । ଏହା ପ୍ରଥମେ ଏପ୍ରିଲ ୧୭ ତାରିଖରେ ରିଲିଜ ହେବାର ଥିଲା କିନ୍ତୁ କୌଣସି କାରଣରୁ ଏହାକୁ ସ୍ଥଗିତ ରଖାଯାଇଥିଲା । ଏକ ରିପୋର୍ଟ ଅନୁଯାୟୀ ସଲମାନ ଖାନଙ୍କ ଫିଲ୍ମରେ ଅନେକ ପରିବର୍ତ୍ତନ କରାଯାଉଛି । ଭାରତ-ଚୀନ୍ ଯୁଦ୍ଧ ସମ୍ପର୍କର ବିବାଦୀୟ ହୋଇପାରେ ବୋଲି କୁହାଯାଉଛି । ତେଣୁ ଫିଲ୍ମର କାହାଣୀରେ ପରିବର୍ତ୍ତନ କରିବା ପାଇଁ ପ୍ରୟାସ ଚାଲିଛି । ପ୍ରତିରକ୍ଷା ମନ୍ତ୍ରଣାଳୟରୁ କ୍ଲିନ୍ ଚିଟ୍ ପାଇବା ପରେ ସିନେମା ହଲରେ ଫିଲ୍ମ ରିଲିଜ ହେବ।

## ଭାଗ୍ୟ ଚମକାଇବ ଦୁବ ଘାସ

ଅନେକ ସମୟରେ ଆର୍ଥିକ ସମସ୍ୟା ଲାଗି ରହୁଥିବା ଦେଖାଯାଏ। ଏହି କାରଣରୁ ଘରେ କଳହ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ। ତେବେ ଏକ ସରଳ ବାସ୍ତୁ ଉପାୟ ଆପଣାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ..

ଦୁବ ଘାସ ଭାଗ୍ୟରେ ପରିବର୍ତ୍ତନ ଆଣିଥାଏ। ଘରର ଦକ୍ଷିଣ-ପୂର୍ବ କୋଣରେ ଦୁବ ଘାସ ଲଗାଇବା ଦ୍ୱାରା ଘରେ ସକରାତ୍ମକ ଶକ୍ତି ପ୍ରବେଶ କରିଥାଏ ।ଦୁବ ଘାସର ସଠିକ ଭାବେ ଯତ୍ନ ନିଅନ୍ତୁ। ଏହା ସବୁଜ ଶ୍ୟାମଳା ହୋଇ ରହିଲେ ଘରେ ସୁଖଶାନ୍ତିରେ ବୃଦ୍ଧି ଓ ଉନ୍ନତି ହୋଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସହ କାର୍ଯ୍ୟରେ ସଫଳତା ପ୍ରାପ୍ତି ହୋଇଥାଏ।

ଘରେ ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ଦୁବ ଘାସକୁ ଘରର ଈଶାନ୍ୟ କୋଣରେ ଲଗାନ୍ତୁ। ଏହାସହ ମନ୍ଦିର ନିକଟରେ ମଧ୍ୟ ଦୁବ ଘାସ ଲଗାଇପାରିବେ। ଏହାଦ୍ୱାରା ଆମଦାନୀରେ ବୃଦ୍ଧି, କର୍ମକ୍ଷେତ୍ରରେ ସଫଳତା ଓ ଉନ୍ନତି



## ନିୟମିତ ସପୁରୀ ଜୁସ୍ ପିଇଲେ ରହିବେ ଫିଟ୍

ଜଣେ ବ୍ୟକ୍ତି ସୁସ୍ଥ ରହିବାକୁ କଣ କଣ ନ କରେ। ସମସ୍ତ ପ୍ରକାରର ଉପାୟ ଆପଣାଏ। ବିଶେଷ କରି ଶୀତଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ୍ ଏବଂ ମିନେରାଲ୍ସ ଯାହା ଦରକାର, ତାହା ଶରୀରରେ କଦାପି ଅଭାବ ହେବା ଉଚିତ୍ ନୁହେଁ । ଶରୀରକୁ ଉପକାର କରୁଥିବା ଏହି ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନାପଲ ତଥା ସପୁରୀ ଜୁସ୍। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠାରୁ ଫାଇଦା । ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନ୍ ର ଏକମାତ୍ର ଖାଦ୍ୟ ଉତ୍ସ । ଶୀତଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ଏପରି



ପରିସ୍ଥିତିରେ, ଆମେ ଆପଣଙ୍କୁ ଏଠାରେ କହିବୁ ସପୁରୀ ଜୁସ୍ ପିଇବା ଦ୍ୱାରା କଣ ଫାଇଦା ମିଳେ।

କେଉଁ ଭିଟାମିନ୍ ଏବଂ ମିନେରାଲ୍ସ ମିଳିଥାଏ ?

ସପୁରୀ ଜୁସରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ। ବ୍ରଣ ମୁକ୍ତ ହୁଏ- ଅନେକ ଲୋକ ଜାଣିପାରିବେ ନାହିଁ ଯେ ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ଦିଏ ଉଜ୍ୱଳ ତ୍ୱଚା ଫେରାଏ। ବୟସ ବଢିବା ସହିତ ଚର୍ମର ସତେଜ ରୁହେ ଏବଂ କୁଞ୍ଚନ ଦେଖାଯାଏ ନାହିଁ । ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ପିଅନ୍ତି । ତେବେ ଆପଣଙ୍କ ତ୍ୱଚାକୁ ସୁସ୍ଥ କୋମଳ ରଖିବ।

ପେଟ ଯନ୍ତ୍ରଣାରୁ ମୁକ୍ତି ମିଳିବ: ଅନେକ ଥର କୌଣସି ଫାଷ୍ଟଫୁଡ୍ ଖାଇବା ଦ୍ୱାରା ପେଟ ଭାରୀ ହୋଇଯାଏ । ଏହା ପେଟକୁ ଯନ୍ତ୍ରଣା ଦିଏ । ଏହି ସମୟରେ ସପୁରୀ ଜୁସ କରି ପିଇବା ଦ୍ୱାରା ଆପଣଙ୍କୁ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ଏଥିରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍ ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ ।

ପ୍ରତିରୋଧକ ଶକ୍ତି: ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ୍ୟ ଦୂରରେ ରହିଥାଏ । ସେମାନଙ୍କର ପ୍ରତିରୋଧକୁ ଶକ୍ତି ବୃଦ୍ଧି ହୁଏ। ଏହା ଅନେକ ରୋଗକୁ ମଧ୍ୟ ଲଢିଥାଏ ।

## ମନ୍ଦିର ଦର୍ଶନ ଓ ତୀର୍ଥଯାତ୍ରାର ସୁଫଳି ଜିନିଷ



ଆଧୁନିକ ଯୁଗରେ ମଣିଷ ନିଜ କାମ ଏବଂ ସମସ୍ୟା ଜଞ୍ଜାଳ ଭିତରେ ଏତେ ଘାଣ୍ଟି ହୋଇଯାଇଛି ଯେ ମନ୍ଦିର ଏବଂ ତୀର୍ଥ ଯାତ୍ରାକୁ ଯିବା ତ’ ଦୂରର କଥା ସେ ସମ୍ପର୍କରେ ଭାବିବା ପାଇଁ ମଧ୍ୟ ସମୟ ପାଉନାହିଁ । ସାଧାରଣତଃ ଲୋକମାନେ ତୀର୍ଥ ଯାତ୍ରାକୁ ଦାନ-ପୁଣ୍ୟ, ପାପରୁ ମୁକ୍ତି ଆଦି ପାଇଁ ଗ୍ରହଣ କରିଥାନ୍ତି । କିନ୍ତୁ ବାସ୍ତବରେ ମନ୍ଦିର ଏବଂ ତୀର୍ଥଯାତ୍ରାକୁ ଯିବା ଦ୍ୱାରା ଅନ୍ୟ କେତେକ ଫାଇଦା ମଧ୍ୟ ମିଳିଥାଏ । ତୀର୍ଥ ଆଧାରିତ ଗ୍ରନ୍ଥରେ ଉଲ୍ଲେଖ ରହିଛି ନିୟମିତ ତୀର୍ଥ କରିବା ଏବଂ ମନ୍ଦିରକୁ ଯିବା ଦ୍ୱାରା ୪ଟି ବିଶେଷ ଲାଭ ମିଳିଥାଏ ।

ପ୍ରଥମତଃ ମନ୍ଦିର ଏବଂ ତୀର୍ଥ ସ୍ଥାନକୁ ଦୈବୀ ଶକ୍ତିର କେନ୍ଦ୍ର ବୋଲି ଗ୍ରହଣ କରାଯାଇଥାଏ । ଏଠାରେ ଥିବା ବିଶେଷ ଐଶ୍ୱରିକ ଶକ୍ତି ଅନ୍ୟ କୌଣସି ଠାରେ ଦେଖିବାକୁ ମିଳିନଥାଏ । ଏହି କାରଣରୁ ମନ୍ଦିର କିମ୍ବା ତୀର୍ଥ ସ୍ଥାନକୁ ଯାଇ ମନୁଷ୍ୟର ମନ ଶାନ୍ତ ଏବଂ ଶକ୍ତିମାନ ହୋଇଥାଏ । ନିୟମିତ ମନ୍ଦିର ଯାଉଥିବା ଲୋକର ମନରେ ସର୍ବଦା ସକାରାତ୍ମକ ଚିନ୍ତାଧାରା ପୂରି ରହିଥାଏ । ସେ ନିଜ କାମରେ ସମ୍ପୂର୍ଣ୍ଣ ଭାବେ ମନୋନିବେଶ କରିଥାଏ ଏବଂ ସମ୍ପୂର୍ଣ୍ଣ ଶକ୍ତି ବିନିଯୋଗ କରି ଜୀବନର ଆନନ୍ଦ ଉପଭୋଗ କରିଥାଏ । ଦ୍ୱିତୀୟତଃ ସ୍ୱାସ୍ଥ୍ୟ ଲାଭ ଦୃଷ୍ଟିରୁ ମଧ୍ୟ ତୀର୍ଥ ଯାତ୍ରା ଗୁରୁତ୍ୱପୂର୍ଣ୍ଣ । କେତେକ ସ୍ଥାନକୁ ଛାଡ଼ିଦେଲେ ମନ୍ଦିର ଏବଂ ତୀର୍ଥସ୍ଥଳୀ ଥିବା ସ୍ଥାନର ବାତାବରଣ ସମ୍ପୂର୍ଣ୍ଣ ସ୍ୱଚ୍ଛ ହୋଇଥାଏ । ଏଠାକାର ପବିତ୍ର ବାତାବରଣ ମାନସିକତା ଉପରେ ପ୍ରଭାବ ପକାଇଥାଏ । ଚାଲି ଚାଲି ତୀର୍ଥ କରିବାକୁ ଗଲେ ଶାରୀରିକ ଶ୍ରମ ମଧ୍ୟ ହୋଇଥାଏ, ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟତା କରିଥାଏ। ମାନସିକ ଶାନ୍ତି ମିଳୁଥିବାରୁ ମନୁଷ୍ୟ ମାନସିକ ଭାବେ ମଧ୍ୟ ସୁସ୍ଥ ରୁହେ । ମନ୍ଦିରର ଶିଢ଼ି ଚଢ଼ିବା, ଭଜନ-କୀର୍ତ୍ତନ କରିବା ସମୟରେ ତାଳି ବଜାଇବା ଦ୍ୱାରା ପାଦ ଏବଂ ହାତରେ ସ୍ୱତନ୍ତ୍ର ଚାପ ପଡ଼ିଥାଏ । ଯାହା ଆକ୍ୟୁପ୍ରେସର ଭଳି କାମ କରିଥାଏ ଏବଂ ରୋଗ ଦୂର କରିବାରେ ସହାୟକ ହୁଏ । ତୃତୀୟତଃ ତୀର୍ଥ ଯାତ୍ରା ଦ୍ୱାରା ଜ୍ଞାନ ମଧ୍ୟ ବୃଦ୍ଧି ହୁଏ । ନୂଆ ସ୍ଥାନକୁ ଯାତ୍ରା କରିବା ଦ୍ୱାର ବ୍ୟକ୍ତି ନୂଆ ନୂଆ ତଥ୍ୟ ସମ୍ପର୍କରେ ଅବଗତ ହୋଇପାରିଥାଏ । ତୀର୍ଥ ଯାତ୍ରା ଫଳରେ ମନୁଷ୍ୟର ଆଧାତ୍ମିକ, ଭୌଗଳିକ ଏବଂ ଐତିହାସିକ ଜ୍ଞାନ ବଢ଼େ । ଯାତ୍ରା ସମୟରେ ଅନେକ ସ୍ଥାନର ଇତିହାସ ଏବଂ ମହତ୍ୱ ଜାଣିବାକୁ ମିଳିଥାଏ । ଏଥିସହିତ ଉକ୍ତ ସ୍ଥାନର କଳା, ସଂସ୍କୃତି, ପରମ୍ପରା ଆଦି ସମ୍ପର୍କରେ ମଧ୍ୟ ଜ୍ଞାନ ପ୍ରାପ୍ତ ହୋଇଥାଏ । ମଣିଷ ନୂଆ ନୂଆ ଅଭିଜ୍ଞତା ଅର୍ଜନ କରିଥାଏ, ଯାହା ଜୀବନରେ ଆଗକୁ ବଢ଼ିବା ଲାଗି ମନୁଷ୍ୟକୁ ପ୍ରେରଣା ଯୋଗାଏ । ଚତୁର୍ଥତଃ ତୀର୍ଥ ଯାତ୍ରା ଫଳରେ ମନୁଷ୍ୟ ନିଜ ଘର-ପରିବାର ବ୍ୟତୀତ ଅନ୍ୟ ଲୋକଙ୍କ ସମ୍ପର୍କରେ ମଧ୍ୟ ଆସିଥାଏ । ଯାହାଦ୍ୱାରା ଜ୍ଞାନ ଏବଂ ପରିଚୟ ବୃଦ୍ଧି ପାଇଥାଏ ।

## ଦୁନିଆର ସବୁଠୁ ଦାମୀ ପରିବା

ପନିପରିବା ଶସ୍ତାରେ ମିଳେ। ତେବେ ଦୁନିଆରେ ସବୁଠୁ ଦାମୀ ପରିବା ବିଷୟରେ ଜାଣନ୍ତି କି ? ଯାହାର ଦାମ୍ ସାଧାରଣ ପରିବା ବା ମାଛମାଂସଠୁ ମଧ୍ୟ ବହୁ ଗୁଣରେ



ଅଧିକ। କିଲୋ ପ୍ରତି ୮୦୦୦୦ ଟଙ୍କାରେ ବିକ୍ରି ହେଉଥିବା ଏହି ପରିବାର ନାମ ହେଉଛି ହପ୍ ସୁଟ। ଏହାର ଫୁଲକୁ ହପ୍ କୋନ୍ସ କୁହାଯାଏ। ବଜାର ତଥା ଷ୍ଟୋରଗୁଡ଼ିକରେ ଏହି ପରିବା ମିଳିବା ମୁସ୍କିଲ୍ ।ତେବେ ଏହାର ଫୁଲ ହପ୍ କୋନ୍ସକୁ ବିୟର ପ୍ରସ୍ତୁତ କରିବାରେ ବ୍ୟବହାର କରାଯାଏ। ଏହା ବ୍ୟତୀତ ଏହାର ଡାଳ ବା ଡେମ୍ଫକୁ ଆପଣ ବିଭିନ୍ନ ଉପାୟରେ ବ୍ୟବହାର କରିପାରିବେ। ଏହି ପରିବାରେ ରହିଛି ଅନେକ ଔଷଧୀୟ ଗୁଣ। ପ୍ରାୟ ୮୦୦ ଶତାବ୍ଦୀରେ ଏହାକୁ ଆବିଷ୍କାର କରାଯାଇଥିଲା। ଉ□ର ଜର୍ମାନୀର କୃଷକମାନେ ପ୍ରଥମେ ଏହାକୁ ବିୟରର ସ୍ୱାଦ ବଢ଼ାଇବା ପାଇଁ ବ୍ୟବହାର କରିଥିଲେ। ପରେ ୧୭୧୦ରେ ଇଂଲଣ୍ଡ ପାର୍ଲିଆମେ□ ଏହା ଉପରେ ଟ୍ୟାକ୍ସ ଲଗାଇଥିଲେ ଏବଂ ସବୁପ୍ରକାର ବିୟର ପ୍ରସ୍ତୁତିରେ ଏହାର ବ୍ୟବହାରକୁ ବାଧ୍ୟତାମୂଳକ କରିଥିଲେ। ସେବେଠୁ ଏହାର ବ୍ୟବହାର ଚାଲିଆସୁଛି।

ଏଥିରେ ଥିବା ଔଷଧୀୟ ଗୁଣ ଶରୀରର ଅନେକ ସମସ୍ୟା ଦୂର କରେ। ଦାନ୍ତମୂଳରେ ହେଉଥିବା କଷ୍ଟଠୁ ଆରମ୍ଭ କରି ଟି.ବି ଭଳି ରୋଗର ଉପଷମ କରିପାରେ ଏହି ଉଦ୍ଭିଦ। ଏଥିରେ ରହିଛି ଆଣ୍ଟିବାୟୋଟିକର ଗୁଣ। ଏହାର ଡେମ୍ଫ ବା ଡାଳକୁ ଖାଦ୍ୟରେ ପିଆଜ ଭଳି ବ୍ୟବହାର କରିପାରିବେ ବା ଗ୍ରିଲ୍ କରି ଖାଇପାରିବେୟ ଚାହିଁଲେ ଏହାର ଆଚାର ମଧ୍ୟ ତିଆରି କରିପାରିବେ। କ□ା ଖାଇଲେ ଏହା ପାଟିକୁ ପିତା ଲାଗେ ।ତେବେ ଏହି ପରିବା ଚାଷ ବାରମାସ ଯାକ କରିହେବ କିନ୍ତୁ ମାର୍ଚ୍ଚରୁ ଜୁନ୍ ମାସ ପର୍ଯ୍ୟନ୍ତ ସମୟ ଏହାପାଇଁ ଅଧିକ ଅନୁକୂଳ। ଏହାର ଚାଷ ପାଇଁ ସୂର୍ଯ୍ୟ କିରଣର ଆବଶ୍ୟକତା ରହିଛି ଯାହା ଗଛ ବଢ଼ିବାରେ ସାହାଯ୍ୟ କରେ। ଗୋଟିଏ ଦିନରେ ଏହା ପ୍ରାୟ ୬ ଇ□୍ ଯାଏଁ ବଢିପାରେୟ ଆମେରିକା, ଜର୍ମାନୀ, ଚାଇନା, ପୋଲାଣ୍ଡ ଆଦି ଦେଶଗୁଡ଼ିକରେ ଏହାର ଚାଷ କରାଯାଏ।

# ମଡେଲ ଭିଲେଜ ମିଶନ ଓ ଆଦର୍ଶ ଗ୍ରାମ ଯୋଜନା ଆରମ୍ଭ

ଭୁବନେଶ୍ୱର, ୨୮।୫ (ମହାଭାରତ): ବିକଶିତ ଓଡ଼ିଶା ଭିଜନ ୨୦୩୬-୪୭ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ସୋମବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ସହ ଯୋଗାଯୋଗ କରି 'ମଡେଲ ଭିଲେଜ ମିଶନ' ଓ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା'ର ଶୁଭାରମ୍ଭ କରିଛନ୍ତି ।



ଓଡ଼ିଶାର ଗ୍ରାମଗୁଡ଼ିକୁ ମୌଳିକ ସୁବିଧା ଏବଂ ସାର୍ବଜନୀନ ସ୍ଥାନ (କମ୍ୟୁନିଟି ସ୍ପେସ) ସହିତ ପରିପୂର୍ଣ୍ଣ କରିବା ପାଇଁ ଆଦର୍ଶ ଗ୍ରାମ ମିଶନକୁ ଏକ ପ୍ରମୁଖ ପଦକ୍ଷେପ ଭାବରେ ପରିକଳ୍ପନା କରାଯାଇଛି। ଏହା କେବଳ ସହରାଂଚଳ ସ୍ତରର ସୁବିଧା ପ୍ରଦାନ କରି ରାଜ୍ୟର ଗ୍ରାମାଂଚଳଗୁଡ଼ିକୁ ସଶକ୍ତ କରିବ ନାହିଁ, ବରଂ ସେଗୁଡିକୁ ଆତ୍ମନିର୍ଭରଶୀଳ ଓ ସ୍ୱୟଂଶାସିତ ସମୃଦ୍ଧିର କେନ୍ଦ୍ରରେ ପରିଣତ କରିବ।

ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୬୭୩୩ଟି ଗ୍ରାମ ପଂଚାୟତର ସମସ୍ତ ସଦର ଗ୍ରାମକୁ ୨୦୨୯ ସୁଦ୍ଧା ସମସ୍ତ ଆବଶ୍ୟକ ଭିତିଭୂମି ଓ ସୁବିଧା ଦିଆଯିବ । ଏହି ଲକ୍ଷ୍ୟ ପୂରଣର ପ୍ରଥମ ପଦକ୍ଷେପ ଭାବେ ଗ୍ରାମ ସ୍ତରରେ ଭିତିଭୂମି ଓ ସୁବିଧାର ଅଭାବ ଚିହ୍ନଟ କରିବା ପାଇଁ ଏକ ବେସଲାଇନ ସର୍ଭେ କରାଯିବ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ, ଶକ୍ତି ବିଭାଗ ଇତ୍ୟାଦି ସମସ୍ତ ଅଂଶୀଦାର ବିଭାଗ ସହ ପରାମର୍ଶ କରି ସର୍ଭେ ପାଇଁ ଏକ ନିର୍ଦ୍ଧାରିତ ଫର୍ମାଟ ପ୍ରସ୍ତୁତ କରାଯାଇଛି । ସୋମବାର ମନ୍ତ୍ରୀ ଏହି ସର୍ଭେ ଫର୍ମାଟକୁ ଉନ୍ମୋଚନ କରିଛନ୍ତି । ବେସଲାଇନ ସର୍ଭେର ଆରମ୍ଭ ସହିତ 'ମଡେଲ ଭିଲେଜ ମିଶନ'ର ଔପଚାରିକ ଶୁଭାରମ୍ଭ କରାଯାଇଛି । ନୂତନ ଯୋଜନାଟି ଗ୍ରାମୀଣ ଓଡ଼ିଶାର ସାମଗ୍ରିକ ରୂପାନ୍ତରଣ ଘଟାଇ ତାହାକୁ ନୂତନ ଉଚ୍ଚତାରେ ପହଂଚାଇବ ବୋଲି ମନ୍ତ୍ରୀ ଏହି ଅବସରରେ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମର ସୁଚାରୁ ରୂପେ କାର୍ଯ୍ୟାନ୍ୱୟନ ଓ ନିରୀକ୍ଷଣ ପାଇଁ ପଂଚାୟତିରାଜ ଓ ପାନୀୟଜଳ ବିଭାଗର କମିଶନର-କମ୍-ସଚିବ ଶ୍ରୀ ଗିରିଶ ଏସ୍.ଏନ୍.ଙ୍କ ଅଧ୍ୟକ୍ଷତାରେ ସମସ୍ତ ଅଂଶୀଦାର ବିଭାଗର ପ୍ରତିନିଧିମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇଛି । ସେହିପରି ଜିଲ୍ଲାସ୍ତରରେ ଏହି କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଓ ନିରୀକ୍ଷଣ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ସଦସ୍ୟ ଭାବେ ନେଇ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯିବାର ବ୍ୟବସ୍ଥା ରହିଛି ।

ଏହି ଅବସରରେ ମନ୍ତ୍ରୀ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା'ର ମଧ୍ୟ ଶୁଭାରମ୍ଭ କରିଥିଲେ । ଓଡ଼ିଶାର ସାମାଜିକ, ସାଂସ୍କୃତିକ, ସାହିତ୍ୟିକ ଏବଂ ରାଜନୈତିକ ଇତିହାସରେ ଅସାଧାରଣ ଅବଦାନ ରଖିଥିବା ମହାପୁରୁଷମାନଙ୍କ ଜନ୍ମିତ ଗ୍ରାମ ପଂଚାୟତଗୁଡ଼ିକୁ ସାମଗ୍ରିକ ଭାବେ ବିକଶିତ କରି ସେଗୁଡ଼ିକୁ ଆଦର୍ଶ ଗ୍ରାମ ପଂଚାୟତରେ ପରିଣତ କରିବା ଏହି ଯୋଜନାର ଉଦ୍ଦେଶ୍ୟ ।

ଏହି ଯୋଜନା ୨୦୨୬-୨୭ ରୁ ୨୦୨୮-୨୯ ପର୍ଯ୍ୟନ୍ତ ତିନି ବର୍ଷ ଅବଧି ପାଇଁ କାର୍ଯ୍ୟକାରୀ ହେବ ଏବଂ ଏହା ଅଧୀନରେ ରାଜ୍ୟର ପ୍ରାୟ ୧୦୦ରୁ ୧୫୦ଟି ଗ୍ରାମ ପଂଚାୟତକୁ ଚୟନ କରାଯିବ । ପ୍ରାରମ୍ଭିକ ପର୍ଯ୍ୟାୟରେ ୧୨ଟି ଜିଲ୍ଲାର ୧୬ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହ ଜଡିତ ୧୫ଟି ଗ୍ରାମ ପଞ୍ଚାୟତରେ ଏହି ଯୋଜନା କାର୍ଯ୍ୟକାରୀ ହେବ ।

# ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୮।୫ (ମହାଭାରତ): ଉତ୍କଳମାତାର ସୁଯୋଗ୍ୟ ସନ୍ତାନ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଥିଲେ ଏକାଧାରରେ ଆଦର୍ଶ ସୁଶାସକ, ପ୍ରଜାବତ୍ସଳ ଓ ଦୂରଦ୍ରଷ୍ଟା ରାଜା, ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ଏବଂ ସାହିତ୍ୟାନୁରାଗୀ । ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଥିଲା ଅତୁଳନୀୟ । ସେ ଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଏବଂ ତାଙ୍କର ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ଓଡ଼ିଶାରେ ଅନେକ ଜନହିତକର ଏବଂ ଉନ୍ନୟନମୂଳକ କାର୍ଯ୍ୟ କରିଯାଇଛନ୍ତି । ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ଉତ୍କଳ ସମ୍ମିଳନୀର ସଦସ୍ୟବୃନ୍ଦ, ଗଜପତି ବିକାଶ ପରିଷଦର ବରିଷ୍ଠ କର୍ମକର୍ତ୍ତା, ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ବୁଦ୍ଧିଜୀବ ପ୍ରମୁଖ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



# ବିଏଲ୍ଓମାନଙ୍କର 'ଏସଆଇଆର' ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୨୮।୫ (ମହାଭାରତ): ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ନିଯୁକ୍ତ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ସୁରକ୍ଷା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ସକାଳ ୬ ରୁ ଦିନ ୧୧ ଏବଂ ଅପରାହ୍ନ ୪ ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଫିଲଡ୍ ଓ୍ୱାର୍କ ଏବଂ ଦିନ ୧୨ ରୁ ଅପରାହ୍ନ ୩ଟା ଯାଏ ଫିଲଡ୍ ଓ୍ୱାର୍କ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ସେହିପରି ଅଂଶୁଘାତରୁ ରକ୍ଷା ପାଇବା ପାଇଁ କର୍ତବ୍ୟ ସମୟରେ ପ୍ରତ୍ୟେକ ଅଧିକାରୀ ନିଜ ସାଙ୍ଗରେ ୪ଟି ଆବଶ୍ୟକୀୟ ସାମଗ୍ରୀ -ପାଣି ବୋତଲ, ଓଆରଏସ କିମ୍ବା ଇଲେକ୍ଟ୍ରୋଲାଇଟ୍ ପ୍ୟାକେଟ୍ ,ଟୋପି କିମ୍ବା ଛତା,ଜରୁରୀକାଳୀନ ଯୋଗାଯୋଗ ପାଇଁ ସକ୍ରିୟ ମୋବାଇଲ୍ ଫୋନ୍ ରଖିବାକୁ ବାଧ୍ୟତାମୂଳକ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳ ,ଜିଲ୍ଲା ନିର୍ବାଚନ ଅଧିକାରୀ, ବିଏମସି କମିଶନର ଏବଂ ନିର୍ବାଚନ ପଞ୍ଜିକରଣ ଅଧିକାରୀମାନଙ୍କୁ ଅଂଶୁଘାତ ସତର୍କତା ଅନୁପାଳନ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଥ୍ ସ୍ତରୀୟ ଅଧିକାରୀ(ବିଏଲଓ) ଏବଂ ବିଏଲ୍ଓ ସୁପରଭାଇଜରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ମେ ୩୦ ରୁ ଆରମ୍ଭ ହେବାକୁ ଥିବା ଏସଆଇଆର କାର୍ଯ୍ୟକ୍ରମ ରେ ଭୋଟର ତାଲିକାକୁ ଅଧିକ ତ୍ରୁଟିଶୂନ୍ୟ ଓ ବ୍ୟାପକ କରିବା ଲକ୍ଷ୍ୟରେ ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟତଃ କ୍ଷେତ୍ର ସ୍ତରୀୟ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ ସରକାରୀ ନିୟମାବଳୀର ସଠିକ ଅନୁପାଳନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) କାର୍ଯ୍ୟର କିପରି ସଫଳ ରୂପାୟନ କରାଯିବ, ସେ ନେଇ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ବିସ୍ତୃତ ଭାବେ ବୁଝାଯାଇଥିଲା । ଏସଆଇଆର ସମୟରେ ସମଗ୍ର ସଂଶୋଧନ ପ୍ରକ୍ରିୟାକୁ କିପରି ଅଧିକ ସହଜ, ସ୍ୱଚ୍ଛ ଓ ଶୃଙ୍ଖଳିତ କରାଯାଇପାରିବ, ସେଥିପାଇଁ ବିଏଲ୍ଓମାନଙ୍କୁ ମାର୍ଗଦର୍ଶନ ଦିଆଯାଇଛି। ସେହିପରି,ରାଜ୍ୟରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି।

# ଦୁର୍ବଳ ସରକାର ଦୁର୍ବଳ ପୋଲିସ ସୁରକ୍ଷା ଦେବ କେମିତି ?

ଭୁବନେଶ୍ୱର, ୨୮।୫ (ମହାଭାରତ): ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ହତ୍ୟା, ଅପହରଣ, ଗଣଦୁଷ୍କର୍ମ, ଭିଡହିଂସା ଏବଂ ସରକାର ଏହାକୁ ରୋକି ପାରିବାରେ ଅକ୍ଷମ ହେବାକୁ ନେଇ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ କହିଲେ ପୂର୍ବ ବିଜେଡ଼ି ସରକାରର ଏକଛତ୍ରବାଦୀ ଶାସନକୁ ବିରୋଧ କରି ସାଧାରଣ ଜନତାଙ୍କୁ ସୁଶାସାନ ଦେବୁ କହି ବିଜେପି ସରକାର ବର୍ତ୍ତମାନ ସାରା ଓଡ଼ିଶାରେ ଏକ ଭୟର ବାତାବରଣ ସୃଷ୍ଟି କରିଦେଇଛନ୍ତି। ଅପରାଧି ଆଇନ କାନୁନକୁ ଭୟ କରୁନାହାନ୍ତି। ଏପରିକି ଜନଗହଳି ପୂର୍ଣ୍ଣ ସ୍ଥାନରେ ହତ୍ୟା କରିବାକୁ ମଧ୍ୟ ପଛାଉ ନାହାନ୍ତି। କଣାସ, ବାଲିଅନ୍ତା ପରେ ବ୍ରହ୍ମପୁରରେ ଦୁଇ ଦୁଇ ଥର ଭିଡ ହିଂସା ଓ ହତ୍ୟା ଉଦ୍ୟମ ସାଧାରଣ ଲୋକଙ୍କ ସାମନାରେ ଅପରାଧ ଘଟାଇଛନ୍ତି। କିନ୍ତୁ ପୋଲିସ ହାତରେ ହାତ ବାନ୍ଧି ବସିଛି । ଲାଗୁଛି ମୁଖ୍ୟମନ୍ତ୍ରୀଙ୍କ ଅଧିନରେ ଥିବା ଗୃହ ବିଭାଗ ସଂପୂର୍ଣ୍ଣ ପଙ୍ଗୁ ହୋଇଯାଇଛି। ବ୍ରହ୍ମପୁରର ଜନଗହଳିପୂର୍ଣ୍ଣ ବଡ଼ ବଜାର ପୋଲିସ ଷ୍ଟେସନ ପାଖରେ ମଙ୍ଗଳା ବେହେରା ନାମକ ଏକ ଯୁବକକୁ ଦୁଇଜଣ ଯୁବକ ଜଗା ସାହୁ ଓ ଅନ୍ୟ ଜଣେ ଖଣ୍ଡା ଦ୍ୱାରା ସର୍ବସମ୍ମୁଖରେ ହାଣିବାର ଦୃଶ୍ୟ ସାରା ଓଡ଼ିଶାବାସୀଙ୍କ ଛାତି ଥରାଇ ଦେଇଛି। ସବୁଠୁ ବଡ଼ ପ୍ରଶ୍ନ ହେଲା ଅପରାଧି ଆଇନ କାନୁନ ପ୍ରତି ଭୟଭିତ ନାହାନ୍ତି କାହିଁକି ? କାରଣ ପୋଲିସର ବେପରୁଆ ମନୋଭାବ ଅପରାଧିଙ୍କୁ ପ୍ରଶୟ ଯୋଗାଉଛି। ଗୋଟିଏ ପଟରେ ମୁଖ୍ୟମନ୍ତ୍ରୀ ଛୁଟି ଦିନରେ ମଧ୍ୟ ପୋଲିସ ଅଫିସରଙ୍କ ସାଥିରେ ବସି କାମ କରୁଛି ବୋଲି ପ୍ରଚାର ପ୍ରସାର କରୁଛନ୍ତି। କିନ୍ତୁ ଅନ୍ୟପଟରେ ଅପରାଧି ଭୟମୁକ୍ତ ହୋଇ ବାରମ୍ବାର ଅପରାଧ କରିଚାଲିଛନ୍ତି। ଭୁବନେଶ୍ୱରରେ ଜଣେ ମହିଳା ଟ୍ରାଫିକ କନେଷ୍ଟବଳଙ୍କୁ ଅନ୍ୟଜଣେ ପୋଲିସ କର୍ମଚାରୀଙ୍କ ଦ୍ୱାରା ହତ୍ୟା, ବାଲିଅନ୍ତାରେ ଜଣେ ପୋଲିସ କର୍ମଚାରୀଙ୍କ ଭିଡ ହିଂସା ଦ୍ୱାରା ହତ୍ୟା ଏବଂ ଅନୁଗୁଳରେ ଜଣେ ମହିଳା ପୋଲିସ ଅଫିସର ଉପରିସ୍ଥ ଅଫିସରଙ୍କ ଦ୍ୱାରା ନିର୍ଯାତିତ ଏହା ପ୍ରମାଣିତ କରୁଛି ଯେ ପୋଲିସ ନିଜେ ନିଜର ସୁରକ୍ଷା ଦେବାକୁ ଅକ୍ଷମ। ପୋଲିସ କ'ଣ ଜନତାଙ୍କୁ ସୁରକ୍ଷା ଦେବ।




ରାଜ୍ୟରେ ଗଣଦୁଷ୍କର୍ମ ଚିନ୍ତାଜନକ ବୃଦ୍ଧି ପାଇଛି। ମହିଳା ନିଜ ସୁରକ୍ଷା ପାଇଁ ଆଜି ଚିନ୍ତିତ। ରାଜ୍ୟରେ ନିହାତି ଏକ ଦୁର୍ବଳ ଶାସନ ଚାଲିଛି। ସରକାରଙ୍କ ବିରୋଧରେ ଲୋକଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅପରାଧ ହିଂସା ଓ ଅପାରଗତାରେ ଓଡ଼ିଶା ଏକ ନମ୍ବର ସ୍ଥାନ ଅଧିକାର କରିବ ବୋଲି ଜଣାପଡ଼ିଲାଣି। ଯଦି ଜନତାଙ୍କୁ ସୁରକ୍ଷା, ନ୍ୟାୟ ଓ ଅଧିକାର ଦେବାପାଇଁ ମୁଖ୍ୟମନ୍ତ୍ରୀ ସକ୍ଷମ ନାହାନ୍ତି ତେବେ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଡ. ପଟ୍ଟନାୟକ କଂଗ୍ରେସ ଦାବି କରୁଛି ବୋଲି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାଶ ଉପସ୍ଥିତ ଥିଲେ।

# କ୍ୟାପଟେନ ଷ୍ଟିଲ ପକ୍ଷରୁ ଇ-ସ୍କୋୟାର ଶୁଭାରମ୍ଭ

ଭୁବନେଶ୍ୱର, ୨୮।୫ (ମହାଭାରତ): ଭାରତର ବିଶ୍ୱସ୍ତ ଟିଏମଟି ରିବାର୍ ବିଶେଷଜ୍ଞ, କ୍ୟାପଟେନ ଷ୍ଟିଲ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଇ-ସ୍କୋୟାର ୨୦୨୬ର ଶୁଭାରମ୍ଭ କରାଯାଇଛି। ସାରା ଦେଶରେ ଶକ୍ତିଶାଳୀ ବାସଗୃହ ଓ ଭିତିଭୂମି ଗଢୁଥିବା ପ୍ରତିଷ୍ଠିତ ଯନ୍ତ୍ରୀ ଓ ସ୍ଥପତିମାନଙ୍କ ସଫଳାକୁ ପାଳନ କରିବା ପାଇଁ ଏହା ହେଉଛି ଏକ ସ୍ୱତନ୍ତ୍ର ପ୍ରୟାସ। ଯେତେବେଳେ ବିଶେଷତା ସହ ଉତ୍କର୍ଷର ମିଳନ ଦର୍ଶନ ହୁଏ ଦୃଢ଼ତା ଉଲ୍ଲେଖନୀୟରେ ପରିଣତ ହୁଏ। ସେହି ଦର୍ଶନ ଉପରେ ଆଧାରିତ ଇ-ସ୍କୋୟାର ହେଉଛି ଏକ ଅନନ୍ୟ ମଂଚ ଯେଉଁଠାରେ ନିର୍ମାଣ ବିଶେଷଜ୍ଞଙ୍କୁ ଭେଟିଆନ୍ତି ଟିଏମଟି ରିବାର ବିଶେଷଜ୍ଞ। କ୍ୟାପଟେନ ଷ୍ଟିଲ୍ର ଶୀର୍ଷ ପରିଚାଳନା କମିଟି ଗୁରୁତ୍ୱ ଦେଇଛନ୍ତି ଯେ ଦୃଢ଼ ଢ଼ାଂଚା କେବଳ ଉତ୍କୃଷ୍ଟ ସାମଗ୍ରୀ ଦ୍ୱାରା ନୁହେଁ ବରଂ ଯନ୍ତ୍ରୀ ଓ ସ୍ଥପତିମାନଙ୍କ ବିଶେଷଜ୍ଞତା ଓ ନିଷ୍ଠା ମାଧ୍ୟମରେ ମଧ୍ୟ ଗଠନ ହୋଇଥାଏ ଯେଉଁମାନେ ପ୍ରତ୍ୟେକ କଳ୍ପନାକୁ ଜୀବନ କରିଥାନ୍ତି। ଆଧୁନିକ ଗୃହ ଓ ଭିତିଭୂମି ପଛର ପ୍ରକୃତ ଦୃଢ଼ତା ସାଜିଥିବା ପେସାଦାରମାନଙ୍କୁ ସ୍ୱୀକୃତି ଦେବା ଓ ସେମାନଙ୍କ ସଫଳତାକୁ ପାଳନ କରିବାର ଏକ ମାଧ୍ୟମ ହେଉଛି ଇ-ସ୍କୋୟାର। ନିର୍ମାଣ ସମୁଦାୟ ସହ ଅର୍ଥପୂର୍ଣ୍ଣ ସମ୍ପର୍କ ଗଢ଼ିବାରେ କ୍ୟାପଟେନ ଷ୍ଟିଲର ନିରନ୍ତର ପ୍ରତିବଦ୍ଧତାକୁ ଏହି ଅଭିଯାନ ପ୍ରତିଫଳିତ କରୁଛି। ଇ-ସ୍କୋୟାର୍ ୨୦୨୬ ଏକ ବିରାଟ ସମ୍ବର୍ଦ୍ଧନା ଓ ଉତ୍ସବ ସନ୍ଧ୍ୟା ମାଧ୍ୟମରେ ଉନ୍ମୋଚିତ ହୋଇଥିଲା ଯେଉଁଥିରେ ବନ୍ଧନ ସମଦାୟରୁ ଆସିଥିବା ୩୫୦ରୁ ଅଧିକ ଶ୍ରେଷ୍ଠ ଯନ୍ତ୍ରୀ ଓ ସ୍ଥପତି ଏକତ୍ରିତ ହୋଇଥିଲେ। ଏହି କାର୍ଯ୍ୟକ୍ରମ ବିଶେଷଜ୍ଞଙ୍କ ଉପରେ ପୂର୍ଣ୍ଣ ଆଲୋକପାତ କରିଥିଲା।

# ଶିଳ୍ପ ଓ ଶିକ୍ଷା କ୍ଷେତ୍ରର ସମନ୍ୱୟ ନେଇ ଗୋଲଟେବୁଲ୍ ବୈଠକ

ଭୁବନେଶ୍ୱର, ୨୮।୫ (ମହାଭାରତ): କିଟ୍ ବିଶ୍ୱବିଦ୍ୟାଳୟ ଏବଂ 'ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍' (ୟୁସିସିଆଇ) ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟରେ ଗୋଲଟେବୁଲ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି ।ଶିକ୍ଷା ଓ ଶିଳ୍ପ କ୍ଷେତ୍ର ମଧ୍ୟରେ ସହଯୋଗର ସୁଦୃଢ଼ିକରଣ ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିଳ୍ପ ପ୍ରତିଷ୍ଠାନ ଏବଂ ଶିକ୍ଷାଦାନ ଶୈଳୀ ମଧ୍ୟରେ ଥିବା ଦୂରତ୍ୱକୁ ହ୍ରାସ କରାଇବା ଦିଗରେ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଳ୍ପ-ଶିକ୍ଷା ମଧ୍ୟରେ ଏକ ସୁଦୃଢ଼ ସମନ୍ୱୟ ରକ୍ଷା କରିବା, ଯାହା ଆଗାମୀ ଦିନରେ ଉଭୟ କ୍ଷେତ୍ର ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ।



ଏହି ବୈଠକରେ ଉଭୟ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ସଂସ୍ଥା ମଧ୍ୟରେ ରଣନୈତିକ ସଂପର୍କ ସ୍ଥାପନ, ମିଳିତ ଗବେଷଣା, ନୂତନ ଉଦ୍ଭାବନର ସୁଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ସହିତ ବର୍ତ୍ତମାନର ଷ୍ଟାର୍ଟଅପ୍ ବାତାବରଣକୁ ଅଧିକ କ୍ରିୟାଶୀଳ କରିବା ଏବଂ ଭବିଷ୍ୟତର ଆବଶ୍ୟକତା ଅନୁଯାୟୀ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ତଥା କାର୍ଯ୍ୟକ୍ଷମ କରି ଗଢ଼ିତୋଳିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୟୁସିସିଆଇ ସଭାପତି ପ୍ରବୋଧ ମହାନ୍ତି, କିଟ୍ ଉପ ସଭାପତି ଡ ଅଜୟ ପ୍ରଧାନ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ସାଓ୍ୱାଟେକ୍ ଓଡ଼ିଶା ପ୍ରକଳ୍ପ ମୁଖ୍ୟ ଡ ଦେବାଶିଷ ଦେବ, ଇଂ ସୁଶାନ୍ତ ରାଉତରାୟ, କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍ ନିର୍ଦ୍ଦେଶକ ପ୍ରଫେସର କୁମାର ମହାନ୍ତି, କିଟ୍ ଟିବିଆଇ ମୁଖ୍ୟ ପ୍ରଫେସର ନମ୍ରତା ମିଶ୍ର, ପ୍ରମୁଖ ଯୋଗଦେଇ ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସମନ୍ୱୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# କୋକା-କୋଲା ଏବଂ ଗୁଗଲ୍ ଜେମିନି ଏକ୍ସପିରିଏନ୍ସ ସହିତ କୋକ୍‌ବ୍ରେକ୍‌କୁ ଦେଉଛନ୍ତି ନୂଆରୂପ

ଭୁବନେଶ୍ୱର, ୨୮।୫ (ମହାଭାରତ): କୋକା-କୋଲା ଇଣ୍ଡିଆ ଗୁଗଲ ସହଭାଗୀତାରେ ଏବଂ ଗୁଗଲ ମେଜିନି ଦ୍ୱାରା ନିର୍ମିତ ଏକ ନୂତନ ଏଆଇ-ଚାଳିତ ଅଭିଜ୍ଞତା "କୋକା-କୋଲାହା ଫଟାଇମସର ପ୍ରାଇସ"ର ଶୁଭାରମ୍ଭ ସହିତ ପ୍ରତିଟି ବିରତିକୁ ଅଧିକ ମଜାଦାର କରୁଛି। ଦୁଇଟି ପ୍ରତିଷ୍ଠିତ ବ୍ରାଣ୍ଡକୁ ଏକାଠି ଆଣି, ଏହି ଅଭିଜ୍ଞତା ତିନୋଟି ଭିନ୍ନଏଆଇ-ଚାଳିତ ଯାତ୍ରାର ସୁଯୋଗ ଦେଉଛି, ଯାହା ଦୈନନ୍ଦିନ କୋକ୍‌ବ୍ରେକ୍‌କୁ ଆନନ୍ଦଦାୟକ ଆଶ୍ଚର୍ଯ୍ୟ, ସୃଜନଶୀଳତା ଏବଂ ଆତ୍ମ-ପ୍ରକାଶର ମୁହୂର୍ତ୍ତରେ ବଦଳାଇବା ପାଇଁ ଡ଼ିଜାଇନ କରାଯାଇଛି। କୋକା-କୋଲାର ବିଶ୍ୱସ୍ତରୀୟ "ହାଫଟାଇମ" ଦର୍ଶନ ଦ୍ୱାରା ଅନୁପ୍ରାଣୀତ ହୋଇ, ଗ୍ରାହକମାନେ ଯେ କୌଣସି ସ୍ପେଶାଲ କୋକା-କୋଲା ପ୍ୟାକରେ ଥିବା କ୍ୟୁଆର କୋଡ୍‌କୁ ସ୍କାନ କରି ଏହି କାଳ୍ପନିକ ନୂତନ ଦୁନିଆରେ ପ୍ରବେଶ କରିପାରିବେ। ତିନୋଟି ସ୍ୱତନ୍ତ୍ର ଲେବୁଲ ମଧ୍ୟରୁ ଗୋଟିଏକୁ ଅନଲକ୍ କରି, ବ୍ୟବହାରକାରୀ ମାନେ ଗୁଗଲ ଜେମିନିରେ ଏକ ପ୍ରସଙ୍ଗ-ଆଧାରିତ ଗେମିଫାଇଡ଼ ଇଂଟର ଫେସରେ ପ୍ରବେଶ କରିବେ, ଯେଉଁଠାରେ କ୍ୱିକ୍ ଟ୍ୟାପ, ସ୍ୱାଇପ ଏବଂ ବ୍ୟକ୍ତିତ୍ୱ-ଆଧାରିତ ଇନପୁଟ୍‌ଗୁଡ଼ିକ ଏକ ଦୈନନ୍ଦିନ ବିରତିକୁ ଆତ୍ମ-ପ୍ରକାଶର ଏକ ବ୍ୟକ୍ତିଗତ ଯାତ୍ରାରେ ପରିଣତ କରିବ। ଜେମିନିର କାନଭାସ ବିଶେଷତ୍ୱ ଗୁଡ଼ିକ ବ୍ୟବହାର କରି, ସିନେମାଟିକ୍ କମିକ୍-ଷ୍ଟ୍ରିପ୍ ବ୍ରହ୍ମାଣ୍ଡ, କାଳ୍ପନିକ ସମୟ ସୀମା ଏବଂ ସଙ୍ଗୀତ ଅନୁପ୍ରାଣୀତ।

# ଗାଡକଣ ଗ୍ରାମରେ ପ୍ରତିଭା ସମ୍ମାନ ଉତ୍ସବ

ଭୁବନେଶ୍ୱର, ୨୮।୫ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ ୯ ନଂ ଓ୍ୱାର୍ଡ ଅନ୍ତର୍ଗତ ଗାଡକଣ ଗ୍ରାମରେ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବଭାରତୀୟ ମାନବାଧିକାର ପରିଷଦ ତରଫରୁ ଚାରୁକଳା କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ ଡକ୍ଟରେଟ ଉପାଧି ଗ୍ରହଣ କରିଥିବା ଗ୍ରାମର ଉଦୀୟମାନ ଚିତ୍ରଶିଳ୍ପୀ ଡ. ପ୍ରଣବ କୁମାର ସାହୁଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଗ୍ରାମ ପରିଚାଳନା ସମିତିର ସଭାପତି ଟୁନିଆ ପାତ୍ର ଓ ସମ୍ପାଦକ ସବ୍ୟସାଚୀ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉ□ର ବିଧାୟକ ସୁଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ୯ ନଂ ଓ୍ୱାର୍ଡ କର୍ପୋରେଟର ସୁଷମା ସାହୁ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, ପ୍ରତାପ ରାଉତ, ଗ୍ରାମର ପୂର୍ବତନ ସଭାପତି କିଶୋର ଜେନା, ଜନକର ସାହୁ, ବରିଷ୍ଠ ମୁରବୀ ପୂର୍ଣ୍ଣଚନ୍ଦ୍ର ସାହୁ, ସଂଯୋଜକ ନନ୍ଦକିଶୋର ସାହୁ ପ୍ରମୁଖ ଯୋଗଦେଇ ଡ. ସାହୁଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଙ୍ଗମାଟିଆ ଗ୍ରାମର ସଭାପତି ବୁଲୁ ପରିଡା, ରାଜ୍ୟ କ୍ୟାଟେରିଙ୍ଗ ଆସୋସିଏସନର ସମ୍ପାଦକ ଦେବୀ ପ୍ରସାଦ ରଥ, ଗଡମହାବୀର ମନ୍ଦିର କମିଟିର ସମ୍ପାଦକ ଚିତରଞ୍ଜନ ଜେନା, ସମସ୍ତ ଗୁରୁଜୀ ଗୁରୁମା, ରାଧାକୃଷ୍ଣ କ୍ଲବ, ବିଶ୍ୱଭାରତୀ କ୍ଲବର ସଭାପତି ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ।




# ମାତୃଭାଷା ମାଧ୍ୟମରେ ଶିକ୍ଷାଦାନକୁ ମଜଭୁତ କରିବା : ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୮।୫ (ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଏବଂ 'ଜାତୀୟ ଶିକ୍ଷା ନୀତି'ର ସଫଳ ରୂପାୟନ ନେଇ ମେଘାଳୟର ମୁଖ୍ୟମନ୍ତ୍ରୀ ଶ୍ରୀ କନରାଡ୍ ସାଙ୍ଗମାଙ୍କ ସହ ଏକ ସାରଗର୍ଭକ ଓ ଗଠନମୂଳକ ଆଲୋଚନା କରିଛନ୍ତି ।

ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବିଶେଷ ଭାବେ ମେଘାଳୟ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ମଡେଲ୍ କୁ ପ୍ରଶଂସା କରିଛନ୍ତି । ମେଘାଳୟରେ ଆନୁଷ୍ଠାନିକ ଶିକ୍ଷା ସହିତ କ୍ରୀଡ଼ା, ଶାରୀରିକ ଶିକ୍ଷା, ଉଦ୍ୟାନ କୃଷି ଏବଂ ସ୍ଥାନୀୟ ଜୀବିକା ସୁଯୋଗକୁ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ସାଙ୍ଗମାଙ୍କ ପ୍ରୟାସ ଏକ ସାମଗ୍ରିକ ଓ ସାଂସ୍କୃତିକ ଆଭିମୁଖ୍ୟର ପ୍ରତୀକ ବୋଲି ସେ କହିଛନ୍ତି । ଏହାସହ ରାଜ୍ୟରେ ଶିକ୍ଷଣ ଫଳାଫଳର ସୁଧାର କରିବା ଏବଂ ସ୍ଥାନୀୟ ମାତୃଭାଷା 'ଖାସି' ଓ 'ଗାରୋ' ମାଧ୍ୟମରେ ପ୍ରାଥମିକ ଶିକ୍ଷାକୁ ମଜଭୁତ କରିବା ଉପରେ ମୁଖ୍ୟମନ୍ତ୍ରୀ ଦେଉଥିବା ଗୁରୁତ୍ୱକୁ ସେ ସ୍ୱାଗତ କରିଛନ୍ତି। ଯୁବପିଢ଼ିଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ ପାରମ୍ପରିକ ଜ୍ଞାନ ସହ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଏବଂ କମ୍ପ୍ୟୁଟେସନାଲ୍ ଚିନ୍ତାଧାରା ଭଳି ଆଧୁନିକ ବିଷୟକୁ ଶିକ୍ଷାଦାନରେ ଯୋଡ଼ିବା ଉପରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ମେଘାଳୟ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଭବିଷ୍ୟତବାଦୀ ଏବଂ ସମାବେଶୀ ପ୍ରୟାସ 'ବିକଶିତ ଭାରତ ୨୦୪୭' ସଂକଳ୍ପକୁ ସାକାର କରିବା ସହ ଏକ ଦକ୍ଷ, ଆତ୍ମବିଶ୍ୱାସୀ ଏବଂ ସଶକ୍ତ ପିଢ଼ି ଗଠନରେ ଏକ ଦୃଢ଼ ସ୍ତମ୍ଭ ସାଜିବ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।



ଏହା ସହିତ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାଇ ଇଂଟରନ୍ୟାସନାଲ୍ ଏଜୁକେସନ୍ ଗ୍ରୁପ୍ ର ଅଧ୍ୟକ୍ଷା ଡକ୍ଟର ଶିଳ୍ପୀ ସାହୁଙ୍କ ସହ ମଧ୍ୟ ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ନେଇ ଆଲୋଚନା କରିଛନ୍ତି । ଏହି ବୈଠକରେ ଛାତ୍ରଛାତ୍ରୀଙ୍କ ଭିତିଭୂମି ଶିକ୍ଷାକୁ ମଜଭୁତ କରିବା, ଶିକ୍ଷାକୁ ଅଧିକ ଦକ୍ଷତା-ଭିତ୍ତିକ କରିବା, ଭାରତୀୟ ଭାଷାଗୁଡ଼ିକୁ ପ୍ରୋତ୍ସାହିତ କରିବା ଏବଂ ଶିକ୍ଷା ବ୍ୟବସ୍ଥାରେ ସାମାଜିକ ଅଂଶଗ୍ରହଣ ବୃଦ୍ଧି କରିବା ଉପରେ ଆଲୋଚନା ହୋଇଥିଲା। ଏହାସହ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପୋଷଣ ଏବଂ ଫି' ସ୍ୱଚ୍ଛତା ବଜାୟ ରଖିବା ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଭାରତୀୟ ମୂଲ୍ୟବୋଧରେ ବିଶ୍ୱାସ ରଖୁଥିବା ଏବଂ ବିଶ୍ୱସ୍ତରୀୟ ସୁଯୋଗ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରୁଥିବା ଏକ ସମୃଦ୍ଧ ଶିକ୍ଷା ବ୍ୟବସ୍ଥା ଗଠନ କରିବା ଏହି ଆଲୋଚନାର ମୂଳ ଲକ୍ଷ୍ୟ ଥିଲା ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।

# ମାଗଣା ବିଜୁଳି କେବେ ?

ଏମିତି ଏକ ସମୟ ଆସିବ, ସାରା ଦେଶରେ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦିଆଯିବ। ଏହା ଅର୍ଥନୈତିକ ଦୃଷ୍ଟିରୁ କଦାପି ସ୍ୱାଗତଯୋଗ୍ୟ ନୁହେଁ। କୌଣସି ଦ୍ରବ୍ୟ ବା ସାମଗ୍ରୀକୁ ମାଗଣାରେ ଦିଆଯିବା ଅନୁଚିତ। କେବଳ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ମାଗଣା ଉପଲବ୍ଧ ହେବା ଉଚିତ। ଦିଲ୍ଲୀରେ ଚଳିତ ଆର୍ଥିକ ବର୍ଷରେ ମାଗଣା ବିଜୁଳି ବୋଝ ୪ହଜାର କୋଟି ଟପିଗଲାଣି। ସମ୍ଭବତଃ ଆସନ୍ତା ବର୍ଷ ଏହା ୫ହଜାର କୋଟି ହୋଇପାରେ। ଏହା ଫଳରେ ବିକାଶମୂଳକ କାର୍ଯ୍ୟ ନିମନ୍ତେ ଅର୍ଥାଭାବ ଦେଖାଦେଉଛି। ଏହି ଟଙ୍କା;ରେ ବାୟୁ ପ୍ରଦୂଷଣ ରୋକିବାରେ କିଛି ନୂଆ ପଦକ୍ଷେପ ନିଆଯାଇପାରିଥାଆନ୍ତା। ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାର ମାନ ଉନ୍ନତ ହୋଇପାରିଥାଆନ୍ତା। ମାଗଣା ବିଜୁଳି ଏକ ଶସ୍ତା କାର୍ଯ୍ୟକ୍ରମ ଏଥିରେ ସନ୍ଦେହ ନାହିଁ। ଦିଲ୍ଲୀରେ ଆପ ସରକାର ଏହାକୁ ଆରମ୍ଭ କରିଥିଲେ। ଆପ ନେତା ଅରବିନ୍ଦ କେଜରିୱାଲ ହେଉଛନ୍ତି ଏହାର ଜନକ। ସାଧାରଣ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ସେ ନିର୍ବାଚନ ବେଳେ ଅନେକ ଲୋଭନୀୟ ପ୍ରତିଶ୍ରୁତି ଦେଇଥିଲେ। ଏହା ମଧ୍ୟରେ ଏକ ପ୍ରମୁଖ ପ୍ରତିଶ୍ରୁତି ଥିଲା ଗରିବ ଲୋକଙ୍କୁ ମାଗଣା ବିଜୁଳି ଓ କୃଷକଙ୍କୁ ମାଗଣା ପାଣି। ଦିଲ୍ଲୀରେ କେଜରିୱାଲ ସରକାର ଲୋକଙ୍କୁ ମାଗଣାରେ ବିଜୁଳି ଦେଉଛନ୍ତି। ପଞ୍ଜାବବାସୀ ମଧ୍ୟ ଏହାକୁ ବିଶ୍ୱାସ କରି ଆମ ଆଦମୀ ପାର୍ଟୀକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରାଇଲେ। ଏବେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ରାଜ୍ୟରେ ପ୍ରତି ଘରକୁ ୩ଶହ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଯୋଗାଇ ଦେଉଛନ୍ତି। ଏହାକୁ ସାଧରଣ ନାଗରିକ ବେଶ ଖୁସିରେ ସ୍ୱାଗତ କରିଛନ୍ତି। ସବୁ ଜିନିଷର ଦରଦାମ ବଢୁଥିବା ବେଳେ ମାଗଣା ବିଜୁଳି ପାଇବା ସାଧାରଣ ଲୋକଙ୍କ ପାଇଁ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହା  କେତେଦିନ ବଜାୟ ରହିପାରିବ ତାହା ପ୍ରଶ୍ନବାଚୀରେ। ବିଜୁଳି ଉତ୍ପାଦନ ଗଛରେ ହେଉନି। ଏଥିଲାଗି ବେଶ ଖର୍ଚ୍ଚ କରିବାକୁ ପଡୁଛି। ଜଳବିଦ୍ୟୁତ ଉତ୍ପାଦନ ସହିତ ଥର୍ମାଲ ପାୱାର ସେଣ୍ଟରରୁ ବିଜୁଳି ଉତ୍ପାଦନ ହେଉଛି। ଆଉ ଅଣପାରମ୍ପରିକ ଶକ୍ତି ଉତ୍ପାଦନ ଏବେ ସୁଦ୍ଧା ଭାରତରେ ସେପରି ଉଲ୍ଲେଖନୀୟ ହୋଇନାହିଁ। ଦେଶରେ ମୋଟ ବିଜୁଳି ଚାହିଦାର ୮୦ ପ୍ରତିଶତ ତାପଜ ବିଦ୍ୟୁତ କେନ୍ଦ୍ର ବା ଥର୍ମାଲ ପାୱାର ସେଣ୍ଟରରୁ ଆସୁଛି। ଏଥିପାଇଁ କୋଇଲାକୁ ଇନ୍ଧନ ଭାବେ ବ୍ୟବହାର କରାଯାଏ। କିନ୍ତୁ ଏବେ ଦେଶରେ କୋଇଲା ଅଭାବ ସହିତ ଏହାର ଦର ମଧ୍ୟ ବଢ଼ିଛି। ତେଣୁ ସ୍ୱାଭାବିକ ଭାବେ ତାପଜ ବିଦ୍ୟୁତ କେନ୍ଦ୍ରରୁ ଉତ୍ପାଦିତ ବିଦ୍ୟୁତ ଦର ମଧ୍ୟ ବଢ଼ିବ। ଅର୍ଥାତ ବିଭିନ୍ନ ରାଜ୍ୟରେ ବିଦ୍ୟୁତ ତାରିଫ ଆଗାମୀ ଦିନରେ ବଢ଼ିବା ସୁନିଶ୍ଚିତ। ଖରାଦିନେ ବିଦ୍ୟୁତ ଚାହିଦା ମଧ୍ୟ ବଢ଼ିଥାଏ। ତେଣୁ ବିଦ୍ୟୁତ ଅଭାବ ଅନୁଭବ କରାଯାଉଛି ଏବଂ ଆଗାମୀ ଦିନରେ ବିଜୁଳି କାଟ ସମ୍ଭାବନା ରହିଛି। ଏଭଳି ପରିସ୍ଥିତିରେ ପ୍ରତି ଘରକୁ ୩୦୦ ୟୁନିଟ ମାଗଣାରେ ବିଜୁଳି ଯୋଗାଣ ବେଶ କଷ୍ଟସାଧ୍ୟ। ଏ ବାବଦରେ ବିଦ୍ୟୁତ ଆବଣ୍ଟନକାରୀ କମ୍ପାନୀକୁ ସରକାର ଟଙ୍କା ଦେବେ। ୩୦୦ ୟୁନିଟ କିଛି କମ କଥା ନୁହେଁ।  ଏହାର ବୋଝ ପରୋକ୍ଷରେ ଅନ୍ୟ କ୍ଷେତ୍ରରେ ପଡୁଛି। ଯାହା ବି ହେଲେ ଲୋକଙ୍କୁ ଏହାର ବୋଝ ବୋହିବାକୁ ପଡ଼ିବ। ନିକଟରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ କେତେକ ସଚିବ ରାଜ୍ୟ ସରକାରମାନେ ରାଜନୈତିକ ଦୃଷ୍ଟିରୁ ଯେପରି ମାଗଣା ଯୋଜନା କାର୍ଯ୍ୟକାରୀ କରୁଛନ୍ତି ସେଥିନେଇ ଉଦବେଗ ପ୍ରକାଶ କରିଥିଲେ ଏବଂ ଏହା ଦେଶକୁ ଦେବାଳିଆ ସ୍ଥିତିକୁ ଆଣିପାରେ ବୋଲି ଆଶଙ୍କା ବ୍ୟକ୍ତ କରିଥିଲେ। ଅନ୍ୟ ପକ୍ଷରେ ରାଜନୈତିକ ଦଳ ଗୁଡ଼ିକ ନିର୍ବାଚନରେ ଯେଉଁ ମାଗଣା ଯୋଜନା ପ୍ରତିଶ୍ରୁତି ଦେଉଛନ୍ତି ସେଥିରେ ଅଙ୍କୁଶ ଲଗାଇବା ସମ୍ଭବ ନୁହେଁ ବୋଲି ଭାରତର ନିର୍ବାଚନ କମିଶନ କହିଛନ୍ତି। ତେଣୁ ଆଗକୁ ଏଭଳି ମାଗଣା ଯୋଜନା ଜାରି ରହିବ।

# ସାଧୁ - ସର୍ବ ଭୂତ ହିତେ ରତଃ

॥ ହେମନ୍ତ କୁମାର ପରିଡ଼ା ॥

*"ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ।*

ଭଗବାନ ତାଙ୍କ ପରମ ଶାସ୍ତ୍ର ଭାଗବତରେ ଏକ ଘୋଷଣା କରିଛନ୍ତି। 'ଏ ଜୀବ ସାଧୁସଙ୍ଗ ବିନୁ। ଲଭି ନପାରେ ମୋର ତନୁ।' ଏହା ଏକ ସିଦ୍ଧାନ୍ତ, ଏକ ଉଦଘୋଷଣା। ଜୀବନରେ ପରମ ଶାନ୍ତି ଓ ଆନନ୍ଦ ପ୍ରାପ୍ତି ପାଇଁ ଭଗବତ ସାକ୍ଷାତକାର ସଭିଙ୍କର ଶ୍ରେଷ୍ଠ ଅଭିଳାଷ। କିନ୍ତୁ ଏହି ଅଭିଳାଷର ପୂର୍ତ୍ତି ପାଇଁ ସାଧୁସଙ୍ଗ ଏକମାତ୍ର ପଥ ବୋଲି ସ୍ୱୟଂ ଭଗବାନ ନିର୍ଦ୍ଦେଶ କରିଛନ୍ତି। ଭାଗବତ ମହାପୁରାଣରେ ସାଧୁଙ୍କ ମହିମା ଘୋଷଣା କରି କୁହାଯାଇଛି 'ସାଧୁ ଯେ ମଳୟ ପବନ, କାଷ୍ଠକୁ କରଇଁ ଚନ୍ଦନ।' ଯେପରି ମଳୟ ସ୍ପର୍ଶରେ ନିମ୍ବ ଦାରୁ ଚନ୍ଦନରେ ରୂପାନ୍ତର ହୋଇଯାଏ, ସେହିଭଳି ସାଧୁଙ୍କ ସଂସ୍ପର୍ଶରେ ପାଶାଣ୍ଡ ମଧ୍ୟ ପ୍ରସିଦ୍ଧ ସନ୍ଥ ହୋଇଥିବାର ବହୁ ଉଦାହରଣ ଆମ ଶାସ୍ତ୍ର ପୁରାଣ ଓ ଲୋକ କଥାରେ ବର୍ଣ୍ଣିତ  ହୋଇଛି।

ଦସ୍ୟୁ ରତ୍ନାକର ଭଳି ଦୂରଚାରୀ ଦେବର୍ଷି ନାରଦଙ୍କ ସଂସ୍ପର୍ଶରେ ଆସି ମହାନ ତପସ୍ୱୀ ହୋଇଗଲେ। ସାଧୁ ହୋଇ ଆଦିକବି ଭାବେ ପ୍ରସିଦ୍ଧି ଲାଭ କଲେ। ଅଙ୍ଗୁଳୀମାଳ ଭଳି ଦୁର୍ଦ୍ଧର୍ଷ ଡାକୁ ଭଗବାନ ବୁଦ୍ଧଙ୍କ ଦର୍ଶନ କରି ମହାତ୍ମା ହୋଇଗଲେ। ଜଗାଇ ମାଧୋଇ ଦୁଇଜଣ ଦୁରାଚାରୀ ଥିଲେ। ପ୍ରେମମୂର୍ତ୍ତି ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସି ସାଧୁ ବୈଷ୍ଣବ ହୋଇଗଲେ ଜୟ ପ୍ରକାଶ ନାରାୟଣଙ୍କ ପ୍ରଭାବରେ ଚମ୍ବଲ ଉପତ୍ୟକାର ଦସ୍ୟୁମାନେ ତାଙ୍କର କୁପ୍ରବୃତ୍ତି ପରିତ୍ୟାଗ କରି ଭଲ ମଣିଷ ହେବାକୁ ସଙ୍କଳ୍ପ ନେଇଥିଲେ। ଏହିଭଳି ଅନେକ ଉଦାହରଣ ଆମ ସମାଜରେ ଅଛି। ଅଗ୍ନି ସଂସ୍ପର୍ଶରେ ଆସି ଧାତୁ କାଷ୍ଠାଦି ଇତର ପଦାର୍ଥମାନ ଅଗ୍ନିରୂପ ଧାରଣ କରିଥାନ୍ତି। ଚୁମ୍ବକ ପ୍ରଭାବରେ ଲୁହା ଚୁମ୍ବକର ଗୁଣମାନ ଧାରଣ କରିଥାଏ। ଏହା ମହତ ଆଶ୍ରୟ ବା ସାଧୁ ସଙ୍ଗର ପ୍ରଭାବ। ସ୍ପର୍ଶମଣିର ସ୍ପର୍ଶରେ ଲୁହା ସୁନାରେ ପରିଣତ ହୋଇଯାଏ। ସେହିଭଳି ମଣିଷ ମଣିଷ ଇତର ପ୍ରାଣୀମାନେ ମଧ୍ୟ ସାଧୁସଙ୍ଗ ପ୍ରଭାବରେ ପରିବର୍ତ୍ତନ ହେବାର ଅନେକ ଉଦାହରଣ ଅଛି। ସଂସାର ବନ୍ଧନରୁ ପରିତ୍ରାଣ ପାଇଁ ସାଧୁସଙ୍ଗ ପ୍ରସସ୍ତ ପଥ ଅଟେ। ସେଥିପାଇଁ କୁହାଯାଇଛି 'କ୍ଷଣମିହ ସଜ୍ଜନ ସଙ୍ଗତିରେକା, ଭବତି ଭବାର୍ଣ୍ଣବ  ତରଣେନୌକା।'

ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ। ଏଠିକାର ସମୁଦ୍ର ମହୋଦଧି। ଏହି ମାର ଧୂଳିକୁ ଆମେ ତିଳକ କରି ମଥାରେ ଧାରଣ କରୁ। ଭାରତମାତା ତୀର୍ଥ ରାଜିରେ ପରିପୂର୍ଣ୍ଣ ବୋଲି ନକହି କୁହାଯାଇପାରେ ଏହି ବିଶାଳ ଭାରତ ଭୂଖଣ୍ଡ ଏକ ତୀର୍ଥକ୍ଷେତ୍ର। ଯେତେବେଳେ ସାରା ବିଶ୍ୱ ଅଜ୍ଞାନ ଅନ୍ଧକାରରେ ଆବୃତ ଥିଲା ସେତେବେଳେ ଭାରତ ବର୍ଷରେ ଜ୍ଞାନଦୀପ ପ୍ରଜ୍ଜୋଳିତ ଥିଲା। ଭାରତର ଅଧିବାସୀମାନେ ନିତ୍ୟ ଜ୍ଞାନରତ ରହି ଭାରତ ମାତାର ମୁଖଶ୍ରୀକୁ ଉଜ୍ଜ୍ୱଳ କରିବା ସହିତ ବିଶ୍ୱବାସୀଙ୍କୁ ଆପଣ ଜ୍ଞାନାଲୋକରେ ଜ୍ଞାନଦୀପ୍ତ କରିଥିଲେ। ଜୀବନର ପରିପୂର୍ଣ୍ଣତା ପଥେ ଏମାନଙ୍କ ମାର୍ଗ ଦର୍ଶନ ଅବିସ୍ମରଣୀୟ। ସର୍ବ ଭୂତଙ୍କ ହିତରେ ରତିଥିବା ବ୍ୟକ୍ତି ହେଉଛନ୍ତି ସାଧୁ। ସଫଳ ଜୀବନର ସହଜ ନିର୍ଯ୍ୟାସକୁ ଯେଉଁମାନେ ପ୍ରତିପାଦନ କରିଛନ୍ତି। ସମାଜ ତାଙ୍କୁ ସାଧୁ, ଗୁରୁ, ମାର୍ଗଦର୍ଶକ କହି ଶ୍ରଦ୍ଧା ସମ୍ମାନ କରିଛି। ଅନ୍ୟର ପିଡାକୁ ଅନୁଭବ କରୁଥିବା ବ୍ୟକ୍ତି ବୈଷ୍ଣବ ବୋଲି କୁହାଯାଇଛି। ସମାଜ ସେମାନଙ୍କୁ ପୂଜା ଅର୍ଘ୍ୟ ପ୍ରଦାନ କରି ଶ୍ରେଷ୍ଠସ୍ଥାନ ପ୍ରଦାନ କରିଛି। ସେଥିପାଇଁ କୁହାଯାଇଛି ସାଧୁନାଂ ଦର୍ଶନଂ ପୂଣ୍ୟ ତୀର୍ଥ ଭୂତାଃ ହି ସାଧବଃ, କାଳେନ ଫଳତେ ତୀର୍ଥଂ ସଦ୍ୟଃ ସାଧୁ ସମାଗମଃ।' ଅର୍ଥାତ୍ ସାଧୁ ଦର୍ଶନରେ ଅଶେଷ ପୂଣ୍ୟ। ସାଧୁ ସାକ୍ଷାତ ତୀର୍ଥମୟ। ତୀର୍ଥମାନେ ସମୟ କ୍ରମେ ଫଳଦନା କରନ୍ତି। ସାଧୁ ମାନଙ୍କ ଦର୍ଶନ ତତକ୍ଷଣାତ ଫଳଦାୟକ ଅଟେ। ସାଧୁମାନେ ସାକ୍ଷାତ ଈଶ୍ୱରଙ୍କ ସ୍ୱରୂପ ଅଟନ୍ତି। ଭଗବାନ ମଧ୍ୟ ସ୍ୱୟଂ ସବୁବେଳେ ସାଧୁମାନଙ୍କ ପଦ ବନ୍ଦନ କରିଛନ୍ତି। ଆଶୀର୍ବାଦ ନେଇଛନ୍ତି, ଅଭିଷାପକୁ ମଥାପାତି ସହିଛନ୍ତି। କ୍ଷମା ଯାଚନା କରିଛନ୍ତି ପୁନଶ୍ଚ ସେମାନଙ୍କ ପରିତ୍ରାଣ ପାଇଁ ଅବତାର ମଧ୍ୟ ଗ୍ରହଣ କରିଛନ୍ତି। ସନ୍ଥ ତୁଳସୀ ଦାସଙ୍କ ଭାଷାରେ – 'ନିର୍ମଳ ଯେନ ସୋମୋହି ପାବା, ମୋହ କପଟ ଛଳ ଚିଦ୍ରନ ପାବା।' ଯାହାର ହୃଦୟ ନିର୍ମଳ, ମନ ପବିତ୍ର ଏବଂ ମୋହ, କପଟାଚାର, ଛଳନାମୁକ୍ତ ସେହି କେବଳ ପ୍ରଭୁଙ୍କୁ ପାଇ ପାରିବ। ଅଭିଧାନରେ ସାଧୁ ଶବ୍ଦର ଅନେକ ପରିଭାଷା ଉଲ୍ଲେଖ ଅଛି। ସେ ସବୁ ମଧ୍ୟରେ ସୁଶୀଳ, ସତସ୍ୱଭାବ, ସାଦାଶ୍ରୟ, ସଦାଚାର, ଧର୍ମ ନିପୁଣ ଆଦି ପ୍ରଧାନ। ସଦଗୁଣଯୁକ୍ତ ଦୈବୀ ଭାବାପନ୍ନ ଉଦାର ହୃଦୟଶୀଳ ବ୍ୟକ୍ତି ସାଧୁ ସ୍ୱଭାବର। ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଅତି ସୁନ୍ଦର ଭାବେ ଦୈବୀ ଗୁଣ ସମ୍ପନ୍ନ ସାଧୁ ସ୍ୱଭାବର ବର୍ଣ୍ଣନା କରିଛନ୍ତି। 'ଅଭୟଂ ସତ୍ୱସଂଶୁଦ୍ଧି ଜ୍ଞାନ ଯୋଗ ବ୍ୟବସ୍ଥିତି। ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍। ଅହିଂସା ସତ୍ୟମକ୍ରୋଧ ସ୍ତ୍ୟାଗଃ ଶାନ୍ତିରପୈଶୁନମ୍। ଦୟା ଭୂତେଷ୍ୱଲୋ ଲୁପ୍ତଂ ମାର୍ଜବଂ ହୀରଚାପଳମ୍। ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋନାତି ମାନିତା। ଭବନ୍ତି ସମ୍ପଦଂ ଦୈବୀମ ଅଭିଜାତସ୍ୟ ଭାରତ।'

ଶ୍ରୀ ଭଗବାନ କହିଲେ ହେ ଅର୍ଜ୍ଜୁନ! ଅଭୟ, ଶୁଦ୍ଧ ଅନ୍ତକରଣ, ଜ୍ଞାନ ନିମନ୍ତେ ଯୋଗରେ ଦୃଢ଼ ସ୍ଥିତି, ସାତ୍ୱିକ ଦାନ, ଇନ୍ଦ୍ରିୟ ସଂଯମ, ଯଜ୍ଞ, ସ୍ୱାଧ୍ୟାୟ, କର୍ତ୍ତବ୍ୟ ପାଳନ ନିମନ୍ତେ କଷ୍ଟ ସହନ, କାୟମନ ବାକ୍ୟରେ ସରଳତା, ଅହିଂସା, ସତ୍ୟ କଥନ, କ୍ରୋଧଶୂନ୍ୟତା, ବିଷୟବାସନା ତ୍ୟାଗ, ରାଗଦ୍ୱେଷ ବିବର୍ଜିତ ଅନ୍ତକରଣ, ଚୁଗୁଲି ନକରିବା, ଦୟାଶୀଳ, ଆସକ୍ତି ରହିତ ଅନ୍ତକରଣ, ଅକରଣ କରଣେ ଲଜ୍ୟା ବୋଧ, ଚପଳତା ରହିତ ସ୍ଥିର ବୁଦ୍ଧି, ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଚି, ନିର୍ବୈର ଭାବ ଏବଂ ନମ୍ର ଅମାନିତ୍ୱ ଭାବ ଆଦି ଦୈବୀ ଗୁଣ ଗୁଡ଼ିକ ସାଧୁର ସ୍ୱଭାବ ଅଟେ।

ଭାରତ ବର୍ଷରେ ସାଧୁ ସନ୍ଥ ମାନଙ୍କୁ ସର୍ବାଗ୍ରେ ସମ୍ମାନ ପ୍ରଦର୍ଶନ କରାଯାଇଛି। ଆମେମାନେ ସାଧୁ କହିଲେ ଉପରୋକ୍ତ ସ୍ୱଭାବଯୁକ୍ତ ବ୍ୟକ୍ତିଙ୍କୁ ବୁଝୁ। ବେଶବାସ ପରିଧାନଯୁକ୍ତ ସାଧୁବେଶଧାରୀ ମାନଙ୍କୁ ଆମ ସମାଜ ଅଧିକ ମାନ୍ୟତା ପ୍ରଦାନ କରେ। ସେଥିପାଇଁ ତ ସାଧୁ ବେଶରେ ଅନେକ ଭଣ୍ଡଙ୍କର ଉତ୍ପାତ ସମାଜ ସହିଛି। ସାଧୁବେଶରେ ରାବଣ ମା ସୀତାଙ୍କୁ ହରଣ କରି ନେଇଥିଲେ, କାଳନେମି ସାଧୁବେଶରେ ହନୁମାନଙ୍କୁ ଭଣ୍ଡିବାକୁ ଚେଷ୍ଟା କରିଥିଲା। ଏହିଭଳି ଏକାଧିକ ଦୃଷ୍ଟାନ୍ତ ସମାଜରେ ଅଛି। ସାଧୁ ବେଶ ସାଧୁର ଏକ ଭୂଷଣ। ଏହି ସାଧୁବେଶ ସଠତାର ପରିଚାୟକ ନହୋଇ ଆତ୍ମ ବିଶ୍ୱାସ, ସରଳତାର ପ୍ରତୀକ ହେଉ। ସାଧୁର ଯେଉଁ ମହାନ ପରମ୍ପରା ଅନାଦି କାଳରୁ ପ୍ରତିଷ୍ଠିତ ହୋଇ ଆସିଛି। ସେଥିରେ କଳଙ୍କ ନଲାଗୁ। ଭାରତ ବର୍ଷ ସାଧୁ ସ୍ୱଭାବକୁ ସମ୍ମାନ ଦିଏ। ସେ ପଟଧାରୀ ସନ୍ୟାସୀ ବା ବୈଷ୍ଣବ ହୁଅନ୍ତୁ ଅଥବା ଗୃହସ୍ତ ହୁଅନ୍ତୁ। ସାଧୁ ସ୍ୱଭାବ ହିଁ ଜଣେ ବାସ୍ତବ ସାଧୁର ପରିଚୟ। ଆମର ସବୁ ମୁନିଋଷି ଗୃହସ୍ତ ଥିଲେ। ବିଶ୍ୱଗୁରୁ ବ୍ୟାସ ମଧ୍ୟ ଗୃହସ୍ତ ଥିଲେ। ସାଧୁର ବେଶବାସ ବାହ୍ୟ ଶୁଚି ଅପେକ୍ଷା ଅନ୍ତଶୁଚିକୁ ଅଧିକ ମହତ୍ୱ ପ୍ରଦାନ କରାଯାଇଛି। ସମାଜରେ ନାନା ପ୍ରକାର ବେଶ ଧାରୀ ସାଧୁ ସନ୍ଥ ଦୃଶ୍ୟ ହୁଅନ୍ତି। ଗୈରୀକ କଷାୟ, ଶୁଭ୍ର, ରକ୍ତ, ପିତ, କୃଷ୍ଣ, ଏହିପରି ଅନେକ ବେଶବାସର ସାଧୁସନ୍ଥ ଦୃଷ୍ଟ ହୁଅନ୍ତି। କିଏ ଲଣ୍ଡିତ କିଏ ଜଟାଜୁଟ ବିମଣ୍ଡିତ କିଏ ଚିତାଚଇତନ ଯୁକ୍ତ ତ କିଏ ଭସ୍ମ ବିଲେପିତ ଧୂଳିଧୁଷରିତ, କିଏ କୌପୁନିବନ୍ତ ତ କିଏ ବସ୍ତ୍ର ବିରହିତ ତ୍ୟାଗ ବୈରାଗ୍ୟଯୁକ୍ତ। ନିର୍ମଳ ହୃଦୟ, ସରଳ ଜୀବନ, ଉଚ୍ଚ ଚିନ୍ତନ, ତ୍ୟାଗ ବୈରାଗ୍ୟଯୁକ୍ତ ଜୀବନ ଯାପନ ସାଧୁର ଭୂଷଣ ଅଟେ। କାଚକାଚ ମଣି ମଣି କୟ ବିକ୍ରୟେ ଜଣାଜଣି। ବିଶେଷକରି ସର୍ବଭୂତ ହିତେରତା। ଦୈବୀଗୁଣଯୁକ୍ତ ତ୍ୟାଗୀ ବ୍ୟକ୍ତି ହିଁ ବାସ୍ତବ ସାଧୁ ପଦବାଚ୍ୟ। ସେହିମାନେ ଏ ଧରଣୀର ଆଶୀର୍ବାଦ ତଥା ସମସ୍ତଙ୍କର ପୂଜ୍ୟ ଓ ଆଦର୍ଶ।

ମାଳତୀକୁଞ୍ଜ, ପ୍ଲଟ ନଂ - ୫୨୬/ଡ଼ି,
ସେକ୍ଟର-୧୦, ସିଡିଏ, କଟକ
ଦୂରଭାଷ : ୮୭୬୩୧୦୭୧୨୬

# ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ

॥ ଗୋପାଳ ମହାପାତ୍ର ॥

ଏବେ ଶୀତଋତୁର ଶେଷ ସମୟ ପହଞ୍ଚିଛି। ପ୍ରତିବର୍ଷ ଋତୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମସ୍ତେ ଏକ ପ୍ରକାର ନିଜ ଅସୁସ୍ଥତାକୁ ଗ୍ରହଣ କରିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ପାଣିପାଗ ବଦଳିବା ସମୟରେ ସ୍ୱାଭାବିକ ଭାବେ ଦେହ ଖରାପ ହୁଏ। ତେବେ ବର୍ତ୍ତମାନର ପ୍ରାୟତଃ ଘରେ ଘରେ ଦେଖାଯାଉଥିବା ଜ୍ୱରକୁ ନେଇ ଅନେକଙ୍କ ଭିତରେ ବିଭିନ୍ନ ଆଲୋଚନା ଓ ଭୟ ଦେଖାଦେଉଛି। ପ୍ରତିଦିନ ଅନେକଙ୍କ ଠାରୁ ଏ ନେଇ ଅଭିଯୋଗ ଆମେ ପାଉଛୁ। ଏହା ନିଃସନ୍ଦେହ। ସାରା ଓଡ଼ିଶା ଏବେ ଜ୍ୱରରେ ଥରୁଛି। ଇନଫ୍ଲୁଏଞ୍ଜା (ଏଚ୍୩ଏନ୨) ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ (ଏଚପିଆଇଭି) ରାଜ୍ୟକୁ ଗତ ଏକମାସ ହେବ କବଳିତ କରି ରଖିଛି। ଏହା ସାଙ୍ଗକୁ ସ୍ୱାଇନ ଫ୍ଲୁ ମଧ ଚିନ୍ତା ବଢ଼ାଇଛି। ଘରେ ଘରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ଅନେକ ଏହାକୁ କୋଭିଡ଼ ଭାବି ଦ୍ୱନ୍ଦ୍ୱରେ ପଡୁଛନ୍ତି। ମାତ୍ର ଏହା କୋଭିଡ଼ ନୁହେଁ ବରଂ ଭାଇରାଲ ଫିଭର। ଏହାସହ ଯେଉଁମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ଶରୀରରେ ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଥିବା ଦେଖିବାକୁ ମିଳୁଛି।

ଋତୁ ପରିବର୍ତ୍ତନ ଫଳରେ ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ବଢ଼ିଥାଏ। ବିଶେଷକରି ଗ୍ରୀଷ୍ମ ଓ ଶୀତ ଋତୁରେ ଅଧିକ ସଂଖ୍ୟାରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ତେବେ ଗତ ଦୁଇ ବର୍ଷ ହେବ କୋଭିଡ଼ ମହାମାରୀ ବ୍ୟାପିଥିବାରୁ ଭାଇରାଲ ଫିଭର ଉପରେ ସେତେଟା ଗୁରୁତ୍ୱ ନଥିଲା। କୋଭିଡ଼ ଅମିବା ପରେ ଚଳିତବର୍ଷ ଭାଇରାଲ ଫିଭର ବଢ଼ିବାରେ ଲାଗିଛି। ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ ଅନ୍ୟମାନେ ଜ୍ୱରରେ ପଡୁଛନ୍ତି। ବୟସ୍କମାନେ ଧଇଁସଇଁ ହୋଇ ପଡୁଛନ୍ତି। ତଥାପି ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ମିଳି ନପାରେ।

ଚଳିତ ବର୍ଷ ଅଧିକ ସଂଖ୍ୟାରେ ରୋଗୀ ଇନଫ୍ଲୁଏଞ୍ଜା-ଏ (ଏଚ୩ଏନ୨)ରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି। ଏହାସହ ଅନ୍ୟ ଭୂତାଣୁରେ ମଧ ଲୋକମାନେ କେତେକାଂଶରେ ଆକ୍ରାନ୍ତ ହେଉଛନ୍ତି। ଲୋକମାନଙ୍କ ଶରୀରରେ ପ୍ରବଳ ଜ୍ୱର ସହିତ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଉଛି। ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଛି। ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ସାରା ଦେଶରେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି। ପୂର୍ବରୁ ଏହା ଦେଖିବାକୁ ମିଳୁଥିଲେ ବି ଲୋକମାନେ ନିଜର ପରୀକ୍ଷା କରୁନଥିଲେ। ମାତ୍ର କୋଭିଡ଼ ପରେ ଲୋକମାନେ ଅଧିକ ସଚେତନ ହୋଇଛନ୍ତି, ଯାହାଫଳରେ ଏସବୁ ଭୂତାଣୁ ଚିହ୍ନଟ ହେଉଛି। ଇନଫ୍ଲୁଏଞ୍ଜାରୁ ନିଜକୁ ରକ୍ଷା କରିବାକୁ ହେଲେ ଟିକା ନେବା ଜରୁରୀ। ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କୁ ଇନଫ୍ଲୁଏଞ୍ଜା ଟିକା ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଦେଶରେ ନଭେମ୍ବର ସୁଦ୍ଧା ଇନଫ୍ଲୁଏଞ୍ଜାର ୧୨,୮୮୧ ମାମଲା ଆସିଛି। ଯେଉଁମାନଙ୍କ ଠାରେ ଅକ୍ସିଜେନସ୍ତର ହ୍ରାସ ପାଉଛି ସେମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

ଋତୁ ପରିବର୍ତ୍ତନ ସମୟରେ ଏଭଳି ଥଣ୍ଡା, ଜ୍ୱର ଦେଖିବାକୁ ମିଳିଥାଏ। ଔଷଧ ଖାଇଲେ କମି ଯାଉଛି। ମାତ୍ର କୋଭିଡ଼ ସହିତ ଏହାର ସଂପର୍କ ନାହିଁ। ରାଜ୍ୟରେ ଟିକାକରଣ ବେଶ ଭଲ ଥିବାବେଳେ କୋଭିଡ଼ରେ ଆକ୍ରାନ୍ତ ହୋଇଥିବା କାରଣରୁ ଲୋକଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ଅଧିକ ରହିଛି। ତେବେ ଟାଣ ଖରା ଆରମ୍ଭ ହେଲେ ଥଣ୍ଡା, ଜ୍ୱର କମିଯିବ। ଆସନ୍ତା ୭/୧୦ ଦିନ ପରେ ଏଥିରୁ ନିସ୍ତାର ମିଳିବ। ଅପରପକ୍ଷରେ ରାଜ୍ୟରେ ଇନଫ୍ଲୁଏଞ୍ଜା ବାଦ ସ୍ୱାଇନ ଫ୍ଲୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟରେ ୧୪୨ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର କେହି ପ୍ରାଣ ହରାଇ ନାହାନ୍ତି। ଋତୁ ପରିବର୍ତ୍ତନ ହେଲେ ଭାଇରାଲ ଫିଭର ବଢ଼ିଥାଏ। ତେଣୁ ଯେଉଁମାନଙ୍କର ଥଣ୍ଡା, ଜ୍ୱର ହେଉଛି ସେମାନେ ପାରାସିଟାମଲ ଖାଆନ୍ତୁ। ଏସବୁ କୋଭିଡ଼ ନୁହେଁ। ରାଜ୍ୟରେ କୋଭିଡ଼ ଆକ୍ରାନ୍ତଙ୍କ ସଂଖ୍ୟା ହାତଗଣତି ରହିଛି। ରାଜ୍ୟରେ ଇନଫ୍ଲୁଏଞ୍ଜାର ପରୀକ୍ଷା ପାଇଁ ସୁବିଧା ରହିଛି। ଏହାସହ ନମୁନା ପରୀକ୍ଷା ସଂଖ୍ୟା ବଢୁଥିବାରୁ ସ୍ୱାଇନ ଫ୍ଲୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନର ଭାଇରାଲ ଫିଭରକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। କାରଣ ପ୍ରାୟ ପ୍ରତି ଘରେ ଏପରି ସମସ୍ୟା ଦେଖାଦେଉଛି। ଯଦିଓ ଦିନକୁ ଦିନ ତାପମାତ୍ରା ବଢୁଛି କିନ୍ତୁ ଥଣ୍ଡାର ମାତ୍ରା ଅଧିକ ରହୁଥିବାରୁ ଏହା ଜ୍ୱର ସମସ୍ୟାକୁ ବଢ଼ାଇ ଦେଉଛି। ଏ କ୍ଷେତ୍ରରେ ତୁରନ୍ତ କୌଣସି ଘରୋଇ ଚିକିତ୍ସା କରିବା ଅପେକ୍ଷା ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ। ଥଣ୍ଡାରେ ବାହାରକୁ ବାହାରନ୍ତୁ ନାହିଁ, ବିଶୁଦ୍ଧ ଉଷୁମ ପାଣି ପିଅନ୍ତୁ, ବାହାର ଖାଦ୍ୟ ଓ ବର୍ତ୍ତମାନ ପାଇଁ ଆମିଷ ଖାଦ୍ୟ ନଖାଇବା ଭଲ। ଜ୍ୱର ଅଧିକ ଦିନ ଲାଗିରହୁଥିଲେ ପରୀକ୍ଷା କରାଇ ନିଅନ୍ତୁ। ନିଜର ବ୍ୟବହାର କରୁଥିବା ପୋଷାକ ପତ୍ରକୁ ଗରମ ପାଣିରେ ସଫା କରନ୍ତୁ ଏବଂ ଉପଯୁକ୍ତ ଡାକ୍ତରୀ ପରାମର୍ଶରେ ରହିଲେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର

# ମହାତ୍ମାଙ୍କ ଶେଷ ଦିନ ଓ ପରମପିତା

॥ ଉମେଶ ଚନ୍ଦ୍ର ପାତ୍ର ॥

ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ - କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ୍ୟ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ - ଆଉ ତାର କଣ ଏହି ପ୍ରତିଦାନ ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ - ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ। ହେ ଦୟାଳ ପରମପିତଃ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ। (୧.୨.୧୯୪୮, ଅପରାହ୍ନ ୩ଘ,) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର 'ଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ୍ୟ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ।

ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ - ଇଚ୍ଛା କରିଥିଲେ ଶିଷ୍ୟ ପିଟର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରି ପାରିଥାନ୍ତା। ଜୁଡାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା। ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶିତା ହିଁ ଦାୟୀ। ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ଦାରୁଣ ମୃତ୍ୟୁକୁ ଏଡ଼ାଇ ହୋଇଥାନ୍ତା। କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ୍ୟ ଖୁବ୍ ଶକ୍ତ ଥିଲା। ରସୁଲ୍ଙ୍କ ପାଖରେ ଆଲି, ଓମର, ଓସ୍‌ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ। ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତ୍ରୁମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା - " "ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ''।

ସହ-ପ୍ରତିରତ୍ୱିକ ଓ ପ୍ର'ସେର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ସାଧନା ଟ୍ୟୁଟୋରିଆଲ୍‌ର ସଫଳତା

ବାଲିପାଟଣା, (ମହାଭାରତ) : ଚଳିତ ବର୍ଷର ଉଚ୍ଚ ମାଧ୍ୟମିକ ପରୀକ୍ଷାର ଫଳାଫଳ ପ୍ରକାଶ ରେ ବାଲିପାଟଣା ଅଞ୍ଚଳର ସାଧନା ଟ୍ୟୁଟୋରିଆଲ୍ ଏକ ଉଲ୍ଲେଖନୀୟ ସଫଳତା ଆଣିପାରିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସାଧନା ଟ୍ୟୁଟୋରିଆଲ୍‌ରେ ଯୁକ୍ତ୨ କଳା ଓ ବାଣିଜ୍ୟ ଶ୍ରେଣୀରେ ଶତ ପ୍ରତିଶତ ସଫଳତା ପାଇଛି। ଯୁକ୍ତ୨ କଳାରେ ମୋଟ ୮୦ ଜଣ ପିଲା ପରୀକ୍ଷା ଦେଇଥିଲେ, ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୧ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୪ ଜଣ ଓ ତୃତୀୟ ଶ୍ରେଣୀରେ ୧୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯୁକ୍ତ୨ କଳାରେ ଛାତ୍ରୀ ପ୍ରିୟଦର୍ଶିନୀ ବେହେରା ୫୬୨ ନମ୍ବର ବା ୯୩.୬୬ ଶତକଡ଼ା ନମ୍ବର ରଖି ଇ ଗ୍ରେଡ୍ ପାଇଛନ୍ତି, ସେ କେବଳ ନିଜ ପରିବାର ପାଇଁ ନୁହେଁ ବରଂ ବାଲିପାଟଣା ଅଞ୍ଚଳର ଗୌରବ ବଢ଼ାଇଛନ୍ତି ଓ ସାଧନା ଟ୍ୟୁଟୋରିଆଲର ଗର୍ବ ସାଜିଛନ୍ତି। ଏହି ସଫଳତା ପାଇଁ ପ୍ରିୟଦର୍ଶିନୀ ତାଙ୍କ ପିତା ମାତା ଓ ସାଧନା ଟ୍ୟୁଟୋରିଆଲ୍‌ର ସମସ୍ତ ଶିକ୍ଷକ ମାନଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି। ସେହିପରି ବାଲିପାଟଣା କଲେଜ୍‌ର ମୋଟ ୮୦ ଜଣ ପ୍ରଥମ ଶ୍ରେଣୀ ପାଇଥିବା ବେଳେ କେବଳ ସାଧନା ଟ୍ୟୁଟୋରିଆଲ୍‌ରୁ ୪୧ ଜଣ ପ୍ରଥମ ଶ୍ରେଣୀ ପାଇଛନ୍ତି, ସେଥିମଧ୍ୟରୁ ଅଧିକାଂଶ ପିଲା ୮୦ ଶତକଡ଼ାରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ଯୁକ୍ତ୨ ବାଣିଜ୍ୟର ପରୀକ୍ଷା ଦେଇଥିବା ସମସ୍ତ ପରୀକ୍ଷାର୍ଥୀ ସଫଳତା ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାସାଗର ନାୟକ ୫୩୫ ରଖି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି । ଏଣୁ ବାଲିପାଟଣା ଅଞ୍ଚଳରେ ଏକ ଅଗ୍ରଣୀ କୋଚିଂ ସେଣ୍ଟର୍ ଭାବେ ସାଧନା ଟ୍ୟୁଟୋରିଆଲ୍ ରେକର୍ଡ ବଜାୟ ରଖିଛି ବୋଲି ଅଭିଭାବକ ମାନେ ମତ ଦେଇଛନ୍ତି। ଏହି ଶିକ୍ଷା ଅନୁଷ୍ଠାନରେ ଶିକ୍ଷକ ଭାବେ ବଦ୍ରିକାନାଥ ମହାପାତ୍ର, ରାଜକିଶୋର ପରିଡ଼ା, ସୁଦର୍ଶନ ପ୍ରଧାନ, ବାସୁଦେବ ନାୟକ, ସୁନନ୍ଦ ପ୍ରଧାନ ଓ କୁଞ୍ଜବିହାରୀ ଦାସଙ୍କୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ସାଧୁବାଦ ଜଣାଇଛନ୍ତି।

## ଗଜପତିର ସୁଦଶ କୁମାର ମଣ୍ଡଳ ଓଏଏସ୍ ପାଇଲେ

ପାରଳାଖେମୁଣ୍ଡି, (ମହାଭାରତ) : ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ମୁରୁସିଂ ଗ୍ରାମର ସ୍ୱର୍ଗତ ଅନିସୀମ ମଣ୍ଡଳ ଓ ସାବେନୀ ମଣ୍ଡଳଂକ ପୁତ୍ର ସୁଦଶ କୁମାର ମଣ୍ଡଳ ଓଡିଶା ସିଭିଲ୍ ସର୍ଭିସ ପରୀକ୍ଷାରେ ୧୮୧ ରାଂକ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ।ସେ ଦଶମ ଶ୍ରେଣୀ ଆନ୍ଧ୍ରପ୍ରଦେଶର



ପୁରୁଣା ପାଟଣା ସେଣ୍ଟ ଆନ୍ସ ସ୍କୁଲରୁ ପାସ୍ କରି ବିଶାଖାପାଟଣା ନାରାୟଣା ଅନୁଷ୍ଠାନରୁ +୨ ବିଜ୍ଞାନ ବିଜ୍ଞାନରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ବ୍ରହ୍ମପୁର ଖଲିକୋଟ କଲେଜରେ ପଦାର୍ଥ ବିଜ୍ଞାନ (ଉଚ୍ଚମାନ)ରେ ଡିଗ୍ରୀ ହାସଲ କଲାପରେ ସ୍ନାତକୋତ୍ତର ଶ୍ରେଣୀରେ ପଢୁଥିଲେ ।କିନ୍ତୁ ଆର୍ଥିକ ଅନାଟନ ଦୃଷ୍ଟିରୁ ରେଭିନ୍ୟୁ ଇନିସପେକ୍ଟର ଚାକିରିରେ ୨୦୨୧ରେ ନିଯୁକ୍ତି ପାଇ ଅଧାରୁ ସ୍ନାତକୋତ୍ତର ଶିକ୍ଷା ଛାଡିଥିଲେ ।ତଥାପି ଓଏଏସ୍ ପାଇଁ ସେ ସଂକଳ୍ପ ରଖି ନିଜର ତୃତୀୟ ଚେଷ୍ଟାରେ କୃତକାର୍ଯ୍ୟ ହୋଇପାରିଲେ ।ସେ ସଂଘର୍ଷ ଭିତରେ ନିଜର ସ୍ୱପ୍ନ ସାକାର କରିଛନ୍ତି ।ସେ ବାପାଙ୍କୁ ବହୁ ଆଗରୁ ହରାଇଥିଲେ ତେଣୁ ପରିବାରର ଦାୟିତ୍ୱ ତାଂକ ଉପରେ ନ୍ୟସ୍ତ ଥିଲା ।ବାପା ଶିକ୍ଷକତା କରୁଥିବା ସମୟରେ ଇହଧାମ ତ୍ୟାଗ କରିଥିଲେ ।ତେଣୁ ସେ ପରିବାରର ଦାୟିତ୍ୱ ସହ ନିଜର ଭବିଷ୍ୟତ ପ୍ରତି ଦୃଷ୍ଟି ରଖିଥିଲେ ।ସେ କହନ୍ତି, 'ଝଡଝଂଜାକୁ ସାମନା କରି ଯେଉଁମାନେ ନିଜ ସ୍ୱପ୍ନ ସଫଳ କରନ୍ତି ସେମାନେ ବାସ୍ତବ ଜୀବନ ଅନୁଭବ କରିଥାନ୍ତି' । ତାଂକର ଗଜପତି ଜିଲ୍ଲା ଆଦିବାସୀ ତଥା ଅନୁନ୍ନତ ବର୍ଗ ପାଇଁ ଶ୍ରେଷ୍ଠ ପ୍ରେରଣା କହିଲେ ଅତ୍ୟୁକ୍ତି ହେବନାହିଁ।

## ବେଦାନ୍ତ ଫେଙ୍କର କ୍ରୋମ ବିଷୋଧନ କାରଖାନାକୁ ନେଇ ଦିନକୁ ଦିନ ବିରୋଧର ସ୍ୱର

ଦାନଗଦୀ, (ମହାଭାରତ) : ଦାନଗଦୀ ତହସିଲ ଅନ୍ତର୍ଗତ ଟମକା ଥାନା ଅଧିନସ୍ଥ ଦେଉଳକଣ ପଞ୍ଚାୟତର ପାଟବାଲି ମୌଜାରେ ହେବାକୁ ଥିବା ବେଦାନ୍ତ ଫେଙ୍କର କ୍ରୋମ ବିଷୋଧନ କାରଖାନାକୁ ନେଇ ଦିନକୁ ଦିନ ବିରୋଧର ସ୍ୱର ତୀବ୍ର ହେବାକୁ ଲାଗିଛି । ବୁଧବାର ଜମିହରା କ୍ଷତିଗ୍ରସ୍ତ ଆଞ୍ଚଳିକ ସୁରକ୍ଷା ମଞ୍ଚ ତରଫରୁ ପ୍ରତିବାଦ ଶୋଭାଯାତ୍ରା ସହ ସଭା କରାଯାଇ ବେଦାନ୍ତ କମ୍ପାନୀ ଗୋ- ବ୍ୟାକର ନାରା ଦିଆଯାଇଛି ସୁରକ୍ଷା ମଞ୍ଚ ତରଫରୁ ଏକ ଦାବୀପତ୍ର ଅମରରାଜ ଠିକାସଂସ୍ଥାର ଅଧିକାରୀଙ୍କୁ ବେଦାନ୍ତ କମ୍ପାନୀଙ୍କୁ ଦେବା ଉଦ୍ଦେଶ୍ୟରେ ଦିଆ ଯାଇଥିଲା ପୂର୍ବାହ୍ନରେ ମଞ୍ଚର ବରିଷ୍ଠ ନେତା ପଞ୍ଚାନନ ଜେନା , ବିଦ୍ୟାଧର ନାୟକ, ବିପିନ୍ ପାତ୍ର, ଶୁକଦେବ ପାତ୍ର, ଅଭୟ ନାୟକ , ଶିବ ପ୍ରସାଦ ନାୟକ,




କୈଳାସ ପାତ୍ର, ରୋହିତ ପାତ୍ର, ସୁଶୀଲ ମହାନ୍ତ, ରବିନ୍ଦ୍ର ପାତ୍ର, ବୀଣା ମହନ୍ତ, ଜୟନ୍ତୀ ମହାନ୍ତ, କାର୍ତ୍ତିକ ମହନ୍ତ, ବୈଷ୍ଣବମହାନ୍ତ, ପ୍ରେମଲତା ମହାନ୍ତଙ୍କ ତତ୍ୱାବଧାନରେ ଶତାଧିକ ପୁରୁଷ, ମହିଳା, ଯୁବକ ମାନେ ମା' ଖଣ୍ଡୁରାଇଙ୍କ ପିଠରେ ଏକତ୍ରିତ ହେବା ପରେ ପ୍ରତିବାଦ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ବେଦାନ୍ତ କମ୍ପାନୀ ଫେରିଯାଅ, ଗଣ୍ଡାନାଳ ସୁରକ୍ଷା ଆମର ଦାବୀ, କୁଶେଇ ନଦୀ ସୁରକ୍ଷା ଆମର ଦାବୀ, ପରିବେଶ ସୁରକ୍ଷା ଆମର ଦାବୀ , ଜଙ୍ଗଲ ଜମିକୁ ଜବର ଦଖଲ ବନ୍ଦ କର ଇତ୍ୟାଦୀ ସ୍ଲୋଗାନ ଓ ଫ୍ଲାଗ କାର୍ଡ ? ଧରି ଶୋଭାଯାତ୍ରା କମ୍ପାନୀ ମୁଖ୍ୟ ଫାଟକ ପାଖ ରେ ପହଞ୍ଚିଥିଲା । ସେଠାରେ ଏକ ପ୍ରତିବାଦ ସଭା କରାଯାଇ ଉପସ୍ଥିତ ମଞ୍ଚନେତାମାନେ କମ୍ପାନୀର ମନମାନୀ , ବେଆଇନ କାର୍ଯ୍ୟ ସହ ସ୍ଥାନୀୟ ନେତାଙ୍କ କମ୍ପାନୀ ପ୍ରୀତି ଉପରେ ବିଷୋଦଗାର କରିଥିଲେ । କମ୍ପାନୀ ଯଥାଶିଘ୍ର ଦାବୀକୁ ଗୁରୁତ୍ୱ ଦେଇ ଅନ୍ୟତ୍ର କାରଖାନା ନିର୍ମାଣ ଦିଗ ରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଏକ ବିଶାଳ ଆନ୍ଦୋଳନ କରାଯାଇ ରାଜରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦେଇଥିଲେ । ପରେ ମଞ୍ଚ ତରଫରୁ ଏକ ପ୍ରତିନିଧି ଦଳ ଉପସ୍ଥିତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦାବୀପତ୍ର ପ୍ରଦାନ ପ୍ରଦାନ କରିଥିଲେ । ଏହି ଅବସରରେ ଦାନଗଦୀ ଅତିରିକ୍ତ ତହସିଲଦାର ଶୁଭସ୍ମିତା ନାୟକ ଉପସ୍ଥିତ ରହିଥିଲେ । ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଟମକା ଥାନା ଅଧିକାରିଣୀ ବିନତୀ ଦାସ, କାଳିଆପାଣି ଥାନା ଅଧିକାରୀ ପ୍ରକାଶ କୁମାର ପ୍ରଧାନଙ୍କ ସମେତ ଦୁଇ ପ୍ଲାଟୁନ ପୁଲିସ ବଳ ଉପସ୍ଥିତ ରହିଥିଲେ ।

# ଆଜି ଖୋଲିବ ମଦ ଦୋକାନୀଙ୍କ ଭାଗ୍ୟ, ମଦ ଦୋକାନ ମାଲିକ ହେବାକୁ ମହିଳା ବି ଆଗ୍ରହୀ

ନୟାଗଡ, (ମହାଭାରତ) : ନିଶା ଯୋଗୁଁ ପରିବାର ଭାଙ୍ଗୁଛି ନିଶା ପାଇଁ ଅପରାଧ ବଢୁଛି । ଏମିତି କେତେ କ'ଣ ସ୍ଲୋଗାନ୍ ଦେଇ ବିଭିନ୍ନ ସ୍ୱେଚ୍ଛାସେବୀ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରକାର ଶୋଭାଯାତ୍ରା ଓ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଅଧିକାଂଶ କାର୍ଯ୍ୟକ୍ରମରେ ମହିଳା ମାନେ ନେତୃତ୍ୱ ନେଉଥିବା ଦେଖିବାକୁ ମିଳୁଛି। କିଛି ସ୍ଥାନରେ ମଦ ବ୍ୟବସାୟ ବନ୍ଦ କରିବାକୁ ମହିଳା ମାନେ ଅଣ୍ଟା ଭିଡୁଥିବା ଦେଖାଯାଇଛି। ମାତ୍ର ଆଶ୍ଚର୍ଯ୍ୟର କଥା ନୟାଗଡ଼ ଜିଲ୍ଲାରେ କିଛି ମହିଳା ମଦ ଦୋକାନର ମାଲିକ ହେବାକୁ ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି। ଚଳିତ ଥର ମଦ ଦୋକାନ ପାଇଁ ନୟାଗଡ଼ ଜିଲ୍ଲାରେ ହୋଇଥିବା ମୋଟ୍ ଆବେଦନକାରୀଙ୍କ ମଧ୍ୟରୁ



ମହିଳାଙ୍କ ସଂଖ୍ୟା ଦେଖିଲେ ଯିଏ କେହି ଆଶ୍ଚର୍ଯ୍ୟ ହୋଇଯିବ। ଆବେଦନକାରୀଙ୍କ ମଧ୍ୟରୁ ପ୍ରାୟ ୫୦% ମହିଳା ଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ମୁତାବକ, ନୟାଗଡ଼ରେ ୨୪ଟି ବିଦେଶୀ ଓ ୧୧ଟି ଦେଶୀ ମଦକୁ ମିଶାଇ ମୋଟ୍ ୩୫ଟି ଦୋକାନ ପାଇଁ ଟେଣ୍ଡର୍ ଆହ୍ୱାନ କରାଯାଇଥିଲା। ଚଳିତ ମାସ ୮ ତାରିଖ ରୁ ଆରମ୍ଭ ହୋଇ ୧୮ ତାରିଖ ରେ ଆବେଦନ ଶେଷ କରାଯିବା ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଆବେଦନକାରୀଙ୍କ ସଂଖ୍ୟା କମ୍ ରହିଥିବାରୁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଏହାକୁ ୨୨ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା। ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ ୨୪ଟି ବିଦେଶୀ ମଦ ଦୋକାନ ପାଇଁ ମୋଟ୍ ୩୧୭ ଜଣ ଆବେଦନକାରୀ ରହିଛନ୍ତି। ଏଥର ଅବକାରୀ ନିୟମକୁ କଡ଼ାକଡ଼ି କରାଯାଇଛି ଓ ଟେଣ୍ଡର୍ ?ରେ ଭାଗ ନେବାକୁ ହେଲେ ପ୍ରତି ମଦ ଦୋକାନ ପିଛା ୩ ଲକ୍ଷ ଲେଖାଏଁ ଜମା କରିବାକୁ ହେବ। ଏହାପରେ ଲଟେରିରେ ଯଦି ସଫଳତା ନ ମିଳେ, ତେବେ ଜମା କରାଯାଇଥିବା ଟଙ୍କା ଆଉ ଫେରସ୍ତ କରାଯିବ ନାହିଁ। ଏହାସହ ମାସକୁ ଯେତିକି ଦୋକାନୀ ଯେତିକି ପରିମାଣରେ ମଦ କିଣିବାକୁ ବାଧ ହେଉଥିଲେ ଏବେ ଏହାକୁ ବହୁଗୁଣା ବଢ଼ାଇ ଦିଆଯାଇଛି। ଏଣୁ ଗୋଟିଏ ଗୋଟିଏ ଦୋକାନ ପାଇଁ ଏତେ ପରିମାଣରେ ଅର୍ଥ ବିନିଯୋଗ ହେଉଥିବାରୁ, ଅଧିକାଂଶ ଏହି ଲଟେରିରେ ଭାଗ ନେବା ପାଇଁ ଇଚ୍ଛୁକ ହୋଇନାହାନ୍ତି। ତଥାପି ୨୪ଟି ବିଦେଶୀ ଦୋକାନ ପାଇଁ ହୋଇଥିବା ଆବେଦନରେ ୧୪୦ ଜଣ ମହିଳା ଥିବା ଦେଖିବାକୁ ମିଳିଛି। ଜିଲ୍ଲାର ହାତ ଗଣତି କେତୋଟି ଦୋକାନ ପାଇଁ ଜଣେ ଲେଖାଏଁ ମହିଳା ଆବେଦନକାରୀ ରହିଥିବା ଜଣାପଡ଼ିଛି। ବାକି ଭାପୁର ଦୋକାନ ପାଇଁ ୬ ଜଣ, ବାଲୁଗାଁରେ ୪ ଜଣ, ଚାନ୍ଦପୁରରେ ୬ ଜଣ, ଦଶପଲ୍ଲାରେ ୮ ଜଣ, ଗଣିଆରେ ୬ ଜଣ, ଗୋଡ଼ିପଡ଼ାରେ ସର୍ବାଧିକ ୧୬ ଜଣ, ଇଟାମାଟିରେ ୧୧ ଜଣ, କଣ୍ଟିଲୋରେ ୪ଜଣ, କେରେଣ୍ଡାଟାଙ୍ଗୀରେ ୫ ଜଣ, ଖଣ୍ଡପଡ଼ାରେ ୬ ଜଣ, ଲେଙ୍କୁଡ଼ିପଡ଼ାରେ ୪ଜଣ, ନୟାଗଡ଼-୧ ପାଇଁ ୯ଜଣ, ନୟାଗଡ଼-୨ରେ ୧୨ ଜଣ, ନୟାଗଡ଼-୩ରେ ୫ଜଣ, ନୂଆଗାଁରେ ୨ଜଣ, ଓଡ଼ଗାଁରେ ୬ଜଣ, ରାଜସୁନାଖଳାରେ ୧୧ଜଣ, ରଣପୁରରେ ୯ଜଣ, ଶରଣକୁଳରେ ହୋଇଥିବା ୪ଟି ଆବେଦନରେ ସମସ୍ତେ ମହିଳା ରହିଥିବା ବେଳେ ସୁନ୍ଦାମୂଳାରେ ତିନିଜଣ ମହିଳା ଆବେଦନକାରୀ ରହିଥିବା ଦେଖିବାକୁ ମିଳିଛି। ବାକି ୧୧ଟି ଦେଶୀ ମଦ ଦୋକାନ ପାଇଁ ଅଳ୍ପ ସଂଖ୍ୟକ ଆବେଦନକାରୀ ରହିଥିବା ସୂଚନା ମିଳିଛି। ଜିଲ୍ଲା ଅବକାରୀ ଅଧୀକ୍ଷକ ଜ୍ଞାନ ରଞ୍ଜନ ପଣ୍ଡାଙ୍କ ସୂଚନା ମୁତାବକ, ଲଟେରି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତା ୨୮ରେ ସରକାରୀ ଛୁଟି ରହିଥିବାରୁ ୨୯ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଲଟେରି କରାଯିବ।

## ପ୍ରଥମ ଅଲ ଓଡିଶା ଆଳି କପ ଉଦଯାପିତ




ଆଳି, (ମହାଭାରତ) : କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଦେମାଳ ପଞ୍ଚାୟତ ଶରତ କୁମାର ଦେବ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ପ୍ରଥମ ଅଲ ଓଡିଶା ଆଳି କପ ବୁଧବାର ବିଳମ୍ବିତ ରାତିରେ ଉଦଯାପିତ ହୋଇଯାଇଛି । ମୂଳସାହି ଗ୍ରାମର ମହାବୀର ଯୁଥ କ୍ଲବ ଓ ମହାବୀର ସ୍ପୋର୍ଟ୍ସର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି ରାତ୍ରୀକାଳୀନ ଟୁର୍ଣ୍ଣାମେଣ୍ଟର ବୁଧବାର ରାତିରେ ଉଦଯାପନୀ ଖେଳ ଅନୁଷ୍ଠିତ ହୋଇଯାଇଛି । ଏହି ଖେଳ କେନ୍ଦ୍ରାପଡ଼ାର ଡିସିସି ସନ୍ତୁପୁର ଟିମ ଓ ପୁରୀର ଏନସିଟି ପିପିଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡିସିସି ସନ୍ତୁପୁର ୧୦ ଓଭର ଖେଳି ୭ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲେ । ଏହାର ଜବାବରେ ଏନସିଟି ପିପିଲି ଟିମ ୧୦ ଓଭରରେ ୫ ଉଇକେଟ ହରାଇ ୧୧୩ ରନ କରି ମ୍ୟାଚ ହାରି ଯାଇଥିଲା। ଏହି ମ୍ୟାଚ ବେସ ଚିତାକର୍ଷକ ଥିଲା । ଏହି ଉଦଯାପନୀ ଉତ୍ସବରେ ଗଣେଶ୍ୱର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ସମ୍ମାନିତ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଅନ୍ୟତମ ଅତିଥି ଭାବେ ମୂଳସାହି ଗ୍ରାମ ସଭାପତି ଗଣେଶ୍ୱର ପାତ୍ର ପ୍ରମୁଖ ଯୋଗଦେଇ କେନ୍ଦ୍ରାପଡ଼ା ଡିସିସି ସନ୍ତୁପୁରା ଟିମକୁ ଚମ୍ପିୟାନ ଟ୍ରଫି ସହିତ ୪୦ ହଜାର ଅର୍ଥ ରାଶି ପ୍ରଦାନ କରିଥିବା ବେଳେ ପୁରୀ ପିପିଲିର ଏନ ସିଟି ଟିମକୁ ରନର୍ସଅପ ଟ୍ରଫି ସହ ୨୫ ହଜାର ଅର୍ଥ ରାଶି ପ୍ରଦାନ କରା ଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଘୋଷଣା ହୋଇଥିବା ହିମାଂଶୁ ଶେଖର (ଲାଡେନ)ଙ୍କୁ ଅତିଥି ମାନେ ଟ୍ରଫି ସହିତ ଏକ ସାଇକେଲ ଓ ମୋବାଇଲ ପ୍ରଦାନ କରିଥିଲେ । ଏହି ଖେଳକୁ ଅମ୍ପାୟାର ଭାବେ ଜ୍ଞାନ ରଞ୍ଜନ ସ୍ୱାଇଁ ଓ ରାଜେଶ ପାତ୍ର ପରିଚାଳନା କରିଥିବା ବେଳେ ମୂଳସାହି ଯୁଥ କ୍ଲବର ସଦସ୍ୟ ମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

## ବିଶ୍ୱ ଋତୁ ସ୍ରାବ ପରିଚ୍ଛନ୍ନତା ଦିବସ ପାଳିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ କେରାଣ୍ଡି ପଂଚାୟତର ବି ସୀତା ପୁର ଗ୍ରାମରେ ଥିବା ଅଙ୍ଗନାବାଡି କେନ୍ଦ୍ର ଠାରେ ବିଶ୍ୱ ଋତୁ ସ୍ରାବ ପରିଚ୍ଛନ୍ନତା ଦିବସ ପାଳିତ ହୋଇଯାଇଛି ।ଋତୁସ୍ରାବ ସମୟରେ କିପରି ପରିଚ୍ଛନ୍ନତା ରହିବେ, ପରିଚ୍ଛନ୍ନତା ରହିବା ଦ୍ୱାରା ବିଭିନ୍ନ ପ୍ରକାର ରୋଗରୁ ନିଜକୁ ରକ୍ଷା କରିବା ତେଣୁ ପରିଚ୍ଛନ୍ନତା ରହିବା ଆବଶ୍ୟକ ରହିଛି। ଏହିବିସୟ ରେ ସଚେତନତ। ସାବାଳକ ବାଳିକା ମାନଙ୍କୁ ।କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ଆଶାକର୍ମୀ,



ଅଙ୍ଗନବାଡ଼ି,ଜି କେ ଏସ ସଦସ୍ୟସ୍ୱଂୟ ସହାୟକ ମାମନେ ଯାଞ୍ଚ କମିଟି ବାୟଜେଷ୍ଟ ଓ ମାନ୍ୟଗଣ୍ୟ ବେକ୍ତି ସହ ମୋନାଜ୍ କୁମାର ପଣ୍ଡା , ଟି ଦିଲି ମା ପ୍ରମୂଖ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମ କୁ ଅଙ୍ଗନବାଡ଼ି କର୍ମୀ ପୁଷ୍ପାଞ୍ଜଳି ପଣ୍ଡା ପରିଚାଳନା କରିଥିଲେ।

## ପ୍ରକଳ୍ପ ଅଧିକାର ଦ୍ୱାରା ମାସିକ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ



ଦଶପଲ୍ଲା, (ମହାଭାରତ): ମାସିକ ଋତୁସ୍ରାବ ସ୍ୱଚ୍ଛତା ଓ ସୁରକ୍ଷା ବିଷୟରେ ଗ୍ରାମୀଣ ମହିଳା ମାନଙ୍କୁ ସଚେତନ କରିବା, ଅନ୍ଧବିଶ୍ୱାସ ଦୂର କରିବା, ନିଜ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ଓ ସ୍ୱଚ୍ଛ ଜୀବନ ପଦ୍ଧତି ବିଷୟରେ କିଶୋରୀମାନଙ୍କୁ ସଚେତନ କରିବା ଓ ସେମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ପ୍ରକଳ୍ପ ଅଧିକାର ଦଶପଲ୍ଲା ଦ୍ୱାରା ଆଜି ବିଶ୍ୱ ମାସିକ ଋତୁସ୍ରାବ ସ୍ୱଚ୍ଛତା ଦିବସ ବିଷୟରେ ପୋଖରୀଗୋଛା ଗ୍ରାମ ପଞ୍ଚାୟତ ଅଧୀନ ସାନ କୁରୁଡ଼ାଙ୍କି ଗ୍ରାମରେ ସ୍ଥାନୀୟ ମହିଳା ଓ କିଶୋରୀ ମାନଙ୍କୁ ନେଇ ଗୋଷ୍ଠୀ ଭିତ୍ତିକ ସଚେତନତା ଶିବିର ଅଧିକାର ମିତ୍ର ପ୍ରକାଶ ମଣ୍ଡଳଙ୍କ ଆୟୋଜନ କ୍ରମେ ଅନୁଷ୍ଠିତ ହେଇଯାଇଛି। ପ୍ରତିବର୍ଷ ୨୮ ମଇ ଦିନଟିକୁ ମାସିକ ଋତୁସ୍ରାବ ସ୍ୱଚ୍ଛତା ଦିବସ ଭାବେ ସମଗ୍ର ବିଶ୍ୱରେ ପାଳନ କରାଯାଉ ଥିବା ବେଳେ ପ୍ରକଳ୍ପ ଅଧିକାର ତରଫରୁ ଏହି ଦିନର ବୈଶିଷ୍ଟ୍ୟ ଓ ଉଦ୍ଦେଶ୍ୟ ବିଷୟରେ ମହିଳା ଓ କିଶୋରୀମାନଙ୍କ ମଧ୍ୟରେ ସଚେତନତା ବଢ଼ାଇବା ଏବଂ ସ୍ୱଚ୍ଛତାର ଗୁରୁତ୍ୱ ବିଷୟ ଜଣେଇବା ଲକ୍ଷ୍ୟ ନେଇ ଏ ପ୍ରକାର ଶିବିର ଆୟୋଜିତ ହୋଇଥିବା କଥା ଅଧିକାର ମିତ୍ର ସରୋଜିନୀ ମଲିକ ସମସ୍ତ ଶିବିରାର୍ଥୀଙ୍କୁ ବୁଝାଇଥିଲେ। ଅଧିକାର ମିତ୍ର ପ୍ରତିମା ପ୍ରଧାନ ଓ ଉର୍ମିଳା ଯାନୀ ଗ୍ରାମୀଣ ଆଦିମ ଅଧିବାସୀ ମହିଳା ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଓ ଶୁଦ୍ଧ ପାନୀୟ ଜଳ,ସୁଷମ ଖାଦ୍ୟ ଓ ଉଜ୍ଜ୍ୱଳ ଭବିଷ୍ୟତ ଗଢିବା ଉପରେ ଧ୍ୟାନ ଦେବା ପାଇଁ ଅନୁରୋଧ କରିଥିଲେ। ଅଧିକାର ମିତ୍ର ମନୋରଞ୍ଜନ ସ୍ୱାଇଁ ଏ ସଭାରେ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ଉକ୍ତ ଗ୍ରାମର ମହିଳା ସଂଗଠିକା ଶ୍ରୀମତୀ ସୁମତୀ ନାୟକ ଏ ଆଲୋଚନା ଶିବିରର ଆବଶ୍ୟକତା ଓ ଉପକାରିତା ବିଷୟରେ ସକାରାତ୍ମକ ମତାମତ ଦେବା ସହିତ ପ୍ରକଳ୍ପ ଅଧିକାରର ଏ ପ୍ରକାର ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ ଓ ସମସ୍ତଙ୍କ ସହଯୋଗ, ଉପସ୍ଥିତି ଓ ସକ୍ରିୟ ସହାଭାଗିତା ଦ୍ୱାରା ଏ ଆଲୋଚନା ସଭା ସଫଳ ହୋଇଥିବାରୁ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଚଣ୍ଡ ରୌଦ୍ରତାପରେ ଦହି ପଣା ବାଣ୍ଟିଲେ ଆସନ୍ତାକାଲିର ଭବିଷ୍ୟତ

ଗଜପତି, (ମହାଭାରତ) : ପ୍ରବଳ ରୌଦ୍ରତାପ ଯୋଗୁଁ ପାଣି ପାଇଁ ସମସ୍ତ ପଥଚାରୀ ଡହଳ ବିକଳ ହେଉଥିବା ବେଳେ ସମସ୍ତଙ୍କ ଦୁଃଖ କିଛିମାତ୍ରାରେ ଲାଘବ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଅଖିଳ ଭାରତୀୟ ଯୁବାଜନ ସେବା ସମିତିର ମୁଖ୍ୟ କୁମାର ରେଡ୍ଡୀ ଓ ଭାରତୀୟ ମାନବ ଅଧିକାର ପରିଷଦର ଲକ୍ଷ୍ମୀକାନ୍ତ ପାଢ଼ୀ। ଗତ ସପ୍ତାହରେ ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରୀୟନ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଶତାଧିକ ପଥଚାରୀଙ୍କୁ ଦହିପାଣି ବଣ୍ଟନ କରିବା ପରେ ଆଜି ସେହି କ୍ରମରେ ପାରଳାଖେମୁଣ୍ଡିର ଯୁବ ବର୍ଗଙ୍କୁ ଏକତ୍ରିତ କରି ଫରେଷ୍ଟ ଗେଟ ନିକଟରେ ଏକ ବିଶାଳ ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଜିଲ୍ଲା ବନ ଅଧିକାରୀ କେ. ନାଗରାଜୁ, ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଯୋଗ ଦେଇ ପଥଚାରୀଙ୍କୁ ଦହିପଣା ବଣ୍ଟନ କରିବା ସହ ସମସ୍ତ ବଣ୍ଟନ କାର୍ଯ୍ୟ ଶେଷ ପରେ ସ୍ୱଚ୍ଛତା ଉପରେ ବିଶେଷ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ ଓ ଆଜିର ଏହି ସେବା କାର୍ଯ୍ୟ ନିମନ୍ତେ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ବିଶେଷ ଭାବେ ଏହି ପଣା ବଣ୍ଟନ ସମୟରେ କୁନି କୁନି ପିଲାଙ୍କ ଦ୍ୱାରା ପଥଚାରୀଙ୍କୁ ପଣା ବଣ୍ଟନ କରିବା ସମସ୍ତଙ୍କ ପାଇଁ ଏକ ପ୍ରେରଣାଦାୟକ ବାର୍ତ୍ତା ପ୍ରେରିତ କରିବା ସହ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଟି.ଶ୍ରୀକାନ୍ତ, ବସନ୍ତ ନାଇଡୁ, ପ୍ରଶାନ୍ତ ପ୍ରଧାନ, ଜେ ବୈକୋନ୍ତ ରାଓ, ଏ ରବି, ବିକ୍ରମ ନାଇଡୁ ଓ ପି. ସନ୍ତୋଷ ଓ ସହଯୋଗୀମାନଙ୍କୁ ବିଶେଷ ଭାବେ ଉତ୍ସାହିତ କରିଥିଲା। ସେହିପରି ପରେ ଏହି କାର୍ଯ୍ୟକ୍ରମରେ ବଜରଙ୍ଗ ଦଳର ଲୋକନାଥ ମିଶ୍ର, କୈଳାଶ ଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ରହି ଯଥାସମ୍ଭବ ସହଯୋଗର ହାତ ବଢାଇଥିଲେ ଓ ଶ୍ରୀ ରେଡ୍ଡୀଙ୍କର ଏହି କାର୍ଯ୍ୟକୁ ବିଶେଷ ପ୍ରଶଂସା କରିଥିଲେ ।

# ମୃତ୍ୟୁ ଶଯ୍ୟା ଉଦ୍ୟୋଗୀ ଯୁବକ ସୁକାନ୍ତ, ଅର୍ଥ ସାଜିଛି ବାଧକ

କାକଟପୁର, (ମହାଭାରତ) : ଦଇବ ଦଉଡି ମଣିଷ ଗାଇ, ଯେଣିକି ଘୋଷଡେ ତେଣିକି ଯାଇ, ପୂର୍ବ ପୁରୁଷ ରୁ ରହି ଆସିଥିବା ଢ଼େଗ ଆଜି ବାସ୍ତବିକ ପରିଚିତ, ଏହିଭଳି ଏକ ହୃଦୟ ବିଦାରକ ଘଟଣା କାକଟପୁର ଅଞ୍ଚଳ ରେ ଦୃଶ୍ୟମାନ ହୋଇଛି, ଯେଉଁ ବୟସ ରେ ହସି ଖେଳି କାମଧନ୍ଦା କରି ଅର୍ଥ ଉପାର୍ଜନ କରୁଥିଲେ ସେ ତାଙ୍କ ଆସନ୍ନ ମୃତ୍ୟୁ କୁ ସାମ୍ନା ରେ ଜଳଜଳ କରି ଦେଖୁଛନ୍ତି, କାହିଁ ନା ବୋଝ ଉପରେ ନଳିତା ବିଡାଭଳି ଏବେ ତାଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ, କାକଟପୁର ବ୍ଲକ କଟକଣା ପଞ୍ଚାୟତ ସଡାସଂ ଗ୍ରାମ ରେ ମୃତକ ଛବି ଖଟୋଇ ଙ୍କ ପୁଅ ସୁକାନ୍ତ ଖଟୋଇ, ଛୋଟ




ବେଳେ ବାପା ଚାଲିଗଲେ ଆଉ ସୁକାନ୍ତ ଙ୍କ ଯୁବକ ଅବସ୍ଥା ରେ ତାଙ୍କ ଆଶାବାଡ଼ି ଜନ୍ମଦାତ୍ରୀ ମା ବି ଦୁନିଆ ଛାଡି ଚାଲିଗଲେ ଆଉ ସୁକାନ୍ତ ଏତେବଡ଼ ଦୁନିଆ ରେ ହୋଇଗଲେ ପୁରା ଏକୁଟିଆ, ବଡବାପା କବି ଖଟୋଇ ଓ ବଡ ମା ସୁକାନ୍ତ କୁ ଭରଣ ପୋଷଣ କରୁଥିଲେ, କିନ୍ତୁ ଜୀବନ ଯୁଦ୍ଧ କୁ ଆଖିରେ ରଖି ନିଜକୁ ସ୍ୱାବଲମ୍ବୀ କରିବାକୁ ମାତ୍ର ୨୦ ବର୍ଷ ବୟସ ରେ ସୁକାନ୍ତ ପଳେଇଗଲେ ସମ୍ପର୍କୀୟ ଙ୍କ ନିକଟକୁ ହାଇଦ୍ରାବାଦ, ସେଠି ପେଟ ପୋଷିବା ପାଇଁ ଏକ ହୋଟେଲ ରେ କାମ କଲେ, କିଛି ପଇସା ସଞ୍ଚୟ କଲେ ଗାଁ ରେ ମାଟିଝାଟି ଘର କୁ କାମ କରିବି, ଆଖିରେ ଅନେକ ସ୍ୱପ୍ନ ମାତ୍ର ଆଖି ପିଛୁଳାକେ ସବୁ ସ୍ୱପ୍ନ ଭାଙ୍ଗି ଧୂଳିସାତ ହୋଇଗଲା, ହଟାତ ତାଙ୍କ ଶରୀର ଅସୁସ୍ଥ ହେଲା, ଦେହ ହାତ ମୁହଁ ଫୁଲିଲା, ଯାହା ଖାଇଲେ ବାନ୍ତି ହେବାକୁ ଲାଗିଲା, ଓଡିଶା ଆସିଲେ ବଡବାପା ଙ୍କୁ କହିଲେ, ତାଙ୍କୁ ଭୁବନେଶ୍ୱର ଘରୋଇ ହସ୍ପିଟାଲ କୁ ନେଇ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା ମାତ୍ର ଯାହା ଡାକ୍ତର କହିଲେ ସେଠି ସୁକାନ୍ତ ହୋଇଗଲେ ଜିଅନ୍ତା ଶବ, ଡାକ୍ତର ଙ୍କ ରିପୋର୍ଟ ଅନୁସାରେ ସୁକାନ୍ତ ଙ୍କର ଦୁଇ ଗୋଟି କୀଡୀନି ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି, ଏବେ ସୁକାନ୍ତ ଙ୍କର ଏକ ସପ୍ତାହ କୁ ଦୁଇ ରୁ ତିନି ଥର ଡାଇଲାସିସି ଚାଲିଛି, ସରକାର ଙ୍କ ସ୍ୱାସ୍ଥ୍ୟ କାର୍ଡ ରୁ ଏକ ତୁର୍ତ୍ତୀୟାସଂ ପ୍ରାୟ ଖର୍ଚ୍ଚ ହୋଇଗଲାଣି, ବଡବାପା କହିଲେ ଜଣେ ଦିନ ମଜୁରିଆ, ଗୋଟେ କୀଡୀନି ପ୍ରତିରୋପଣ ପାଇଁ ୩୦ ଲକ୍ଷ ଟଙ୍କା ର ଆବଶ୍ୟକ ରହିଛି, ମାତ୍ର ବର୍ତ୍ତମାନ ବେୟ ବହୁଳ ଦୁନିଆ ରେ ଏତେ ଟଙ୍କା ଏବେ ଆଣିବେ କେଉଁଠୁ, ସୁକାନ୍ତ ଙ୍କ ଭଳି ଉଦୀୟମାନ ଯୁବକ ଙ୍କ ପାଇଁ ବର୍ତ୍ତମାନ ସରକାରୀ ସହାୟତା ସହ ଆବଶ୍ୟକ ପଡୁଛି କୌଣସି ସହୃଦୟ ପୂର୍ଣ୍ଣ ବ୍ୟକ୍ତି ଙ୍କ ସାହାଯ୍ୟ, ଗାଁ ଠୁ ଗଣ୍ଡା ଅନେକ ସ୍ଥାନ ରେ ଧାର କରଜ କରି ଚିକିତ୍ସା ଚାଲିଛି କିନ୍ତୁ ସୁକାନ୍ତ ଙ୍କ ପାଇଁ ଆବଶ୍ୟକ କୀଡୀନି ପ୍ରତିରୋପଣ।

## ଆସିକା ପୋଲିସ ଉପଖଣ୍ଡ ଅଧିକାରୀ ଭାବେ ଦାୟିତ୍ୱ ନେଲେ ସୌରଭ ରଞ୍ଜନ ପ୍ରଧାନ

ଆସିକା(ମହାଭାରତ) :ଗଞ୍ଜାମ ଜିଲ୍ଲାର ଅତି ସମ୍ବେଦନଶୀଳ ସହର ରୂପେ ପରିଚିତ ଆସିକାୟ ଆସିକା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଭାବେ ସୌରଭ ରଞ୍ଜନ ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି ।ସେ ଦେଓଗଡ଼ ଅଞ୍ଚଳର ହୋଇଥିଲା ବେଳେ ଓପିଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏହା ତାଙ୍କ ଚାକିରୀ ଜୀବନର ପ୍ରଥମ କାର୍ଯ୍ୟସ୍ଥଳୀ ରହିବ। ଦାୟିତ୍ୱ ଗ୍ରହଣ ପରେଆସିକା ଏସ ଡି ପି ଓ ଅଧୀନରେ ଥିବା ହିଞ୍ଜିଳି କାଟୁ, ବେଲଗାଁ, ଧରାକୋଟ, ସୋରଡ଼ା, ବଡ଼ଗଡ଼, ଶେରଗଡ଼, ଆସିକା, କୋଟିନଡା, ଥାନା ଇଲାକା ରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା, ଲୋକ ମାନଙ୍କ ଧନ ଜୀବନ କୁ ସୁରକ୍ଷା ପ୍ରଦାନ କରିବା, ଟ୍ରାଫିକ ସମସ୍ୟା ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଅଣାଯିବା ସହ ୱାରେଣ୍ଟି ମାନଙ୍କୁ ତୁରନ୍ତ ଗିରଫ କରିବା ସହ ଆଇନକୁ ସଠିକ ବାଟରେ ନିଆଯିବା ବୋଲି ଏସ୍ଡିପିଓ ପ୍ରଧାନ କହିଛନ୍ତି। ଆସିକା ଅଞ୍ଚଳରେ ଚୋର ମଦ ସାଙ୍ଗକୁ ଚୋରା ବାଲି ଚାଲାଣ ଉପରେ ରୋକ ଲଗାଯିବ ବୋଲି କହିଛନ୍ତି। ଆସିକା ଉପଖଣ୍ଡ ଇଲାକାର ସମସ୍ତ ଥାନା ଅଧିକାରୀ ମାନଙ୍କୁ ଆଇନ ଶୃଙ୍ଖଳା ପରିସ୍ଥିତି ରେ ସୁଧାର ଆଣିବା ସହ ଜନସାଧାରଣ ଙ୍କୁ ଉତ୍ତମ ବ୍ୟବହାର କରିବା ପାଇଁ କହିବା ସହ ଗଣମାଧ୍ୟମ ର ସହଯୋଗ କାମନା କରିଥିଲେ।

## ଫିରିଙ୍ଗିଆ ବ୍ଲକରେ ପାନୀୟ ଜଳ ସମସ୍ୟା ଉତ୍କଟ

# ପାଣି ପାଇଁ ଡହଳବିକଳ ଆଦିବାସୀ ପରିବାର

ଫିରିଙ୍ଗିଆ(ମହାଭାରତ):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡ଼ା ପଞ୍ଚାୟତ ଅନ୍ତର୍ଗତ ଗଙ୍ଗଲଡ଼କା ଗ୍ରାମର ଟଣସୁପଙ୍ଗା ସାହିରେ ବିଶୁଦ୍ଧ ପାନୀୟ ଜଳ ଅଭାବରେ ଆଦିବାସୀ ପରିବାର ଚରମ ଦୁର୍ବିସହ ଅବସ୍ଥାର ସମ୍ମୁଖୀନ ହେଉଛନ୍ତି। କୂଅ ପାଣି ଉପରେ ନିର୍ଭର କରିବା ଫଳରେ ଅନେକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି।ଟଣାସୁପଙ୍ଗା ସାହିରେ (୧୫) ଉର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରନ୍ତି। ଯାହା ଫଳରେ ଗ୍ରାମବାସୀ ପିଲାଠାରୁ ବୃଦ୍ଧା କୂଅ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳ, ବିଧାୟକଙ୍କ ଜନଶୁଣାଣୀ ଓ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଏ ବାବଦରେ ବାରମ୍ବାର ଅଭିଯୋଗ କରି ଆସୁଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଉନାହିଁ। ସେମାନଙ୍କ କହିବା ଅନୁଯାୟୀ ସରକାର କୋଟି କୋଟି ଟଙ୍କା



ଖର୍ଚ୍ଚ କରି ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରୟାସ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ଏହି ଗ୍ରାମ ବିଶୁଦ୍ଧ ପାନୀୟ ଜଳ ଯୋଜନା ଫେଲ୍ ହେଇଛି।ଜନପ୍ରତିନିଧି ଓ ଅଧିକାରୀଙ୍କ ଅବହେଳା ଓ ଖାମଖିଆଲି ମନୋଭାବ ଯୋଗୁଁ କେବଳ କାଗଜପତ୍ରରେ ସିମୀତ ରହି ଯାଉଛି। ଫିରିଙ୍ଗିଆ ବ୍ଲକରେ ଅନେକ ପଞ୍ଚାୟତ ର ଅନେକ ଗାଁ ଅଛି ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି ବୋଲି ସାଧାରଣରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅଧିକାଂଶ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏଭଳି ପାନୀୟ ଜଳ ସଙ୍କଟ ଦେଖାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଦୂଷିତ ଅନୁପଯୁକ୍ତ ପାଣି ପିଇବା ଫଳରେ ବିଭିନନ୍ନ ରୋଗର ପ୍ରକୋପ ବଢୁଛି। ଯାହା ଗ୍ରାମବାସୀଙ୍କ ପାଇଁ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି।ଏ ପରିପ୍ରେକ୍ଷୀରେ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିଙ୍କ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ରହିଛି ବୋଲି କହିଛନ୍ତି ଗ୍ରାମବାସୀ। ଏନେଇ ଫିରିଙ୍ଗିଆ ବ୍ଲକ ବିଭାଗୀୟ ଯନ୍ତ୍ରୀ ଯୋଗାଯୋଗ କରିଥିଲେ ସତ୍ତ୍ୱେ ଯୋଗାଯୋଗ ହୋଇ ପାରିନାହିଁ। ତେଣୁ ଟଣାସୁପଙ୍ଗା ସାହିରେ ଏକ ନୂତନ ନଳକୂପ ଖୋନନ କରିବା ନିମନ୍ତେ ଲିଟୁନ ଦିଗାଲ,ସମକା ଦିଗାଲ, ଅଚ୍ୟୁତ ଦିଗାଲ,ମୋହନ ଦିଗାଲ,ସାବତ ଦିଗାଲ,ରଣମତୀ ଦିଗାଲ, ମମତା ଦିଗାଲ,ପଞ୍ଚୁ ଦିଗାଲ, ଡ୍ରମ୍ବୁ ଦିଗାଲ ସମେତ ଗଙ୍ଗଲଡ଼କା ୱାର୍ଡର ୱାର୍ଡ ମେମ୍ବର ଶିବ ଦିଗାଲ ଦାବି କରିଛନ୍ତି। ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ କରା ନ ଯାଏଁ ତେବେ ଆଗାମୀ ଦିନରେ ବାଧ୍ୟ ହୋଇ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି କଡ଼ା ଚେତାବନୀ ଦେଇଛନ୍ତି ଗ୍ରାମବାସୀୟଖବର ପ୍ରସାରଣ ପରେ ସଂପୃକ୍ତ କର୍ତ୍ତୃପକ୍ଷ କେଉଁ ପଦକ୍ଷେପ ନେଉଛନ୍ତି ତାହା ଏବେ ଦେଖିବାକୁ ବାକି ରହିଲା।

## ପୋଷଣ ଭି ପଢାଇ ଭି ର ତ୍ରିଦିବସୀୟ କର୍ମଶାଳା ଉଦଘାଟିତ



ଆସିକା(ମହାଭାରତ) :ମହିଳା ଶିଶୁବିକାଶ ବିଭାଗ ପକ୍ଷରୁ ଜନ୍ମିତ ଶିଶୁ ମାନଙ୍କ ଶୈଶବ ଓ ଶିକ୍ଷାନିମନ୍ତେ ତ୍ରୀ ଦିବାସୀୟ କର୍ମଶାଳା ପୋଷଣ ଭି ପଢାଇ ଭି କାର୍ଯ୍ୟକ୍ରମକୁ ଆସିକା ବ୍ଲକ ସଭାଗୃହ ଠାରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଉଦଘାଟନ କରିଛନ୍ତି। ଏହି କର୍ମଶାଳା ଆସିକା ସମନ୍ୱିତ ଶିଶୁ ମଙ୍ଗଳ ଅଧିକାରୀ ଶାନ୍ତି କରସୁଧା ପଟ୍ଟନାୟକ ଙ୍କ ସଂଯୋଜନା ରେ ଆୟୋଜିତ ହୋଇଥିଲା ବେଳେ ଏହି ଉଦଘାଟନ ଉତ୍ସବରେ ଆସିକା ଏ ବିଡ଼ିଓ ସୁଶାନ୍ତ କୁମାର ବେହେରା ସଂଗୀତ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ରହିଥିଲେ।ଜନ୍ମିତ ଶିଶୁ ମାନଙ୍କ ଶୈଶବ ଓ ଶିକ୍ଷାନିମନ୍ତେ ତ୍ରୀ ଦିବାସୀୟ କର୍ମଶାଳାରେ ଆସିକା ସିଡିପିଓ ଅଧୀନ ୧୧ଟି ସେକ୍ଟର ର ୨୫୧ ଜଣ ଅଙ୍ଗନବାଡି କର୍ମୀ ଉପସ୍ଥିତ ରହି କିପରି ଜନ୍ମ ଠାରୁ ୬ବର୍ଷ ଶିଶୁଙ୍କ ମାନସିକ ବିକାଶ କରିବା କିପରି ଭିନ୍ନକ୍ଷମ ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କ ଚିକିତ୍ସା କରାଇବା, ସମସ୍ତ ଶିଶୁଙ୍କ ଠାରୁ ପୃଷ୍ଟି ହୀନତା ଦୁରକରିବା, ଶିଶୁ ମାନଙ୍କ ଶାରୀରିକ ମାନସିକ ଅଭିବୃଦ୍ଧି କରିବା ଉପରେ ପ୍ରଶିକ୍ଷଣ ନେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରଶିକ୍ଷଣ କୁ ପ୍ରଶିକ୍ଷକ ଭାବେ ଆସିକା ସେକ୍ଟର ସୁପରଭାଇଜର ଦୀପ୍ତି ଧୋବା, କୁମୁଦିନୀ ପାତ୍ର, ରଂଯୁକ୍ତା ସ୍ୱାଇଁ, ସଂଯୁକ୍ତା ବେହେରା,ବିଷ୍ଣୁପ୍ରିୟା ଯାନୀ, ପ୍ରମିଳା ସାହୁ,ବୈଜନ୍ତି କହର ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଛନ୍ତି।

## ନୂଆ ଏସ୍‌ଡିପିଓ ସୃଷ୍ଟି ପ୍ରଧାନଙ୍କ ପାଇଁ ଚ୍ୟାଲେଞ୍ଜ

### କାର୍ଯ୍ୟ ରେ ଯୋଗ ଦଉ ଦଉ ଅପରାଧ ନିୟନ୍ତ୍ରଣ, ପୁରୁଣା ମାମଲାର ଖୋଳତାଡ଼

ନୟାଗଡ,(ମହାଭାରତ୍) : ନୟାଗଡ଼ରେ କାର୍ଯ୍ୟରେ ଯୋଗ ଦେଇଛନ୍ତି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ (ଏସ୍‌ଡିପିଓ) ସୃଷ୍ଟି ପ୍ରଧାନ। ପ୍ରଶିକ୍ଷଣ ପରେ ନୟାଗଡ଼ରୁ କ୍ୟାରିୟର୍ ଆରମ୍ଭ କରିଥିବା ସୃଷ୍ଟିଙ୍କ ପାଇଁ ନିଶ୍ଚିତ ଭାବେ ଏକାଧିକ ଚ୍ୟାଲେଞ୍ଜ ରହିଛି। ତାଙ୍କ ଅଧୀନରେ ନୟାଗଡ଼ ଟାଉନ୍, ସଦର, ଇଟାମାଟି, ନୂଆଗାଁ, ଦଶପଲ୍ଲା ଓ ବାଣୀଗୋଛା ଭଳି ଗୁରୁତ୍ୱପୂର୍ଣ୍ଣ ଛଅଟି ଥାନା ରହିଛି। ସମସ୍ତ ଥାନାରେ ଦିନ କୁ ଦିନ ଅପରାଧ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ବିଶେଷ କରି ଥାନା ଗୁଡ଼ିକ ଅଧୀନରେ ଚୋରି, ଡକାୟତି,



ସିନ୍ଧିଚୋରି, ରାହାଜାନୀ ଓ ଲୁଟ୍ ବଢ଼ିବାରେ ଲାଗିଛି। ଏକାଧିକ ମାମଲାରେ ପୁଲିସର ହାତ ଏବେ ବି ଖାଲି। ଅପରାଧୀଙ୍କ ପାଖରେ ପହଞ୍ଚିବା ତ ଦୂରରେ ଥାଉ, ବର୍ତ୍ତମାନର ଆଧୁନିକ ତଥା ବୈଷୟିକ ଜ୍ଞାନ କୌଶଳକୁ ଆପଣେଇ ମଧ୍ୟ ସେମାନଙ୍କ ସମ୍ପର୍କରେ ସାମାନ୍ୟତମ ସୁରାକ୍ ବି ପୁଲିସ ପାଉନି। ସହରର ନାକତଳେ ଏକାଧିକ ଚୋରି ଓ ସିନ୍ଧି ଚୋରି ହୋଇଥିଲେ ମଧ୍ୟ ପୁଲିସ ଏହାର ତଦନ୍ତ କରିବାକୁ ଏକ ପ୍ରକାର ଭୁଲି ଗଲାଣି। କେବଳ ସେତିକି ନୁହେଁ, ଜିଲ୍ଲାର ସୀମାନ୍ତ ଅଞ୍ଚଳ ବାଣୀଗୋଛା ଓ ଦଶପଲ୍ଲା ଜଙ୍ଗଲରେ ଏବେ ବି ମାଓବାଦୀଙ୍କ ଗତିବିଧି ରହିଥିବା ଶୁଣିବାକୁ ମିଳେ। ଏହାର ମୁକ ମୁକାବିଲା ପାଇଁ ନୂତନ ଏସ୍ଡିପିଓଙ୍କୁ ନିଶ୍ଚିତ ଭାବେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ହେବ। କାର୍ଯ୍ୟରେ ଯୋଗ ଦେଉ ଦେଉ ନୟାଗଡ଼ ସହରର ଭିତ୍ତିଭୂମି ପରିଦର୍ଶନ କରିବା ସହ ସମସ୍ତ ଥାନାର ଅଧିକାରୀଙ୍କ ସହ ଏସଡିପିଓ ଆଲୋଚନା କରିଥିବା ଜଣାପଡ଼ିଛି। ବିଶେଷ କରି ସହରରେ କେତେ ସିସିଟିଭି କାମ କରୁଛି, ଏହାର ସେ ଯାଞ୍ଚ କରିଥିବା ଜଣାପଡ଼ିଛି। ନିଜ ପ୍ରତିକ୍ରିୟାରେ ଏସଡିପିଓ ସୃଷ୍ଟି ପ୍ରଧାନ କହିଛନ୍ତି ବର୍ତ୍ତମାନ ସହରରେ ୪୪ଟି ସିସିଟିଭି କାର୍ଯ୍ୟ କରୁଥିବା ସେ ଯାଞ୍ଚରୁ ଜାଣିବାକୁ ପାଇଛନ୍ତି। ଅପରାଧ ନିୟନ୍ତ୍ରଣ ତଥା ପୁରୁଣା ମାମଲାର ନିଶ୍ଚିତ ଭାବେ ଖୋଳତାଡ଼ କରାଯିବ। ବିଶେଷ କରି ତାଙ୍କ ଅଧୀନରେ ଥିବା ସମସ୍ତ ଥାନା ଗୁଡ଼ିକରେ ଯେପରି ସାଧାରଣ ଲୋକେ ଶାନ୍ତି ଶୃଙ୍ଖଳାରେ ରହିବେ, ସେ ନେଇ ପଦକ୍ଷେପ ନିଆଯିବ।

## ଗଞ୍ଜେଇ ଜବତ : ଜଣେ ଗିରଫ

ଦଶପଲ୍ଲା(ମହାଭାରତ):୫୭ ନମ୍ବର ଜାତୀୟ ରାଜପଥ ଦେଇ ଗଞ୍ଜେଇ ଚାଲାଣ ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ବେଳେ ଦଶପଲ୍ଲା ଅବକାରୀ ବିଭାଗ ସହିତ ଦଶପଲ୍ଲା ପୋଲିସର ତୀକ୍ଷ୍ଣ ନଜର ଏବେ ଗଞ୍ଜେଇ ଚୋରା ଚାଲାଣକାରୀଙ୍କ ଉପରେ ଆବଦ୍ଧ ରହିଛି। ଏହି କ୍ରମରେ ବୁଧବାର ଦିନ ନୟାଗଡ ଜିଲ୍ଲା ଅବକାରୀ ବିଭାଗ ଓ ଦଶପଲ୍ଲା ଅବକାରୀ ବିଭାଗ ଅଧିକାରୀ ମିଳିତ ଭାବେ ଚଢ଼ାଉ କରି ମହୀତମା ଛକ ନିକଟରୁ ୮ କେଜି ଗଞ୍ଜେଇ ଜବତ କରାଯିବା ସହ ଘଟଣାରେ ଜଣଙ୍କୁ ଗିରଫ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି ଗିରଫ୍ ବ୍ୟକ୍ତି ଜଣକ ହେଲେ କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ବଡ଼ପାଟସୁନ୍ଦରପୁର ର ସ୍ୱର୍ଗତ ରବୀନ୍ଦ୍ର ନାଥ ଭୋଇ ଙ୍କ ପୁତ୍ର ବ୍ରଜକିଶୋର ଭୋଇ (୩୨)ଙ୍କ ନାମରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି ।

## ମାଆ ରାମାୟଣମ୍ମା ଯାତ୍ରାରେ ପଣା ଯୋଗାଇଲେ ସ୍ୱେଚ୍ଛାସେବୀ

ଗଜପତ(ମହାଭାରତ): ପ୍ରାୟ ଏକ ମାସ ଧରି ଚାଲିଆସିଥିବା ଛତ୍ରପୁର ଅଧିଷ୍ଠାତ୍ରୀ ମାଆ ରାମାୟଣମ୍ମାଙ୍କ ଯାତ୍ରା ସରିବାକୁ ଆଉ ମାତ୍ର ୧୦ଦିନ ବାକି ଥିବା ବେଳେ ସବୁ ସମୟରେ ସବୁ ସ୍ଥାନରେ ସମାଜସେବା କରି ପ୍ରଶଂସିତ ହେଉଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧିର ସ୍ୱେଚ୍ଛାସେବୀମାନେ ସଙ୍ଗଠନର ମୁଖ୍ୟ ନୀଳମଣି ମିଶ୍ର । ସଙ୍ଗଠକ ତଥା ଗଜପତି ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ପ୍ରଚେଷ୍ଟାରେ ଛତ୍ରପୁରରେ ଏହି ଯାତ୍ରା ସମୟରେ ଆରମ୍ଭ କରିଛନ୍ତି ପଣା ବଣ୍ଟନ ବ୍ୟବସ୍ଥା। ଏହି କ୍ରମରେ ଗତକାଲି ସମାଜସେବୀ ମନୋଜ ମିଶ୍ର, ଏସ. ରବି, ସୁଶାନ୍ତ ଗୌଡ଼, ମାଧବ ସାସମଲ ତଥା ନିରାକାର ସାହୁଙ୍କ ନେତୃତ୍ୱରେ ଶତାଧିକ ପଥଚାରୀଙ୍କୁ ଗ୍ଲୁକୋଜ ପାଣି ବଣ୍ଟନ କରାଯାଇଥିଲା। ସେହିପରି ଆଜି ପବିତ୍ର ପୁରୁଷୋତ୍ତମ ଏକାଦଶୀ ଅବସରରେ ଆଇ.ଆର.ଇ ରେ କାର୍ଯ୍ୟରତ ମନୋରଞ୍ଜନ ବେହେରା, ଟୁଟୁ ନାୟକ ତଥା ବି. ବୈରାଗୀଙ୍କ ନେତୃତ୍ୱରେ ଦହିପଣା ବଣ୍ଟନ କରାଯାଇଥିଲା। ଆଜିର ଏହି ଅନନ୍ୟ କାର୍ଯ୍ୟକ୍ରମରେ ନିମନ୍ତ୍ରଣ ରକ୍ଷା କରି ଗଞ୍ଜାମ ଜିଲ୍ଲାର ଆଡ଼ିସିନାଲ ଏସ.ପି. ପ୍ରଶାନ୍ତ କୁମାର ଦାସ, ସରକାରୀ ଓକିଲ ଧର୍ମା ରେଡ୍ଡୀ ଯୋଗ ଦେଇ ସମସ୍ତଙ୍କୁ ଦହିପଣା ବଣ୍ଟନ କରିବା ସହ ଏହି ସେବା କାର୍ଯ୍ୟ ନିମନ୍ତେ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ସାଧୁବାଦ ଜଣାଇବା ସହ ଆଗକୁ ଏଭଳି କାର୍ଯ୍ୟ ଜାରି ରଖିବାକୁ ପ୍ରୋତ୍ସାହିତ କରିଥିଲେ। ସୂଚନାଯୋଗ୍ୟ, ମାଆ ରାମାୟଣମ୍ମା ଯାତ୍ରା ଶେଷ ପର୍ଯ୍ୟନ୍ତ ଏହି ପଣା ବଣ୍ଟନ କାର୍ଯ୍ୟ ଜାରି ରହିବ ବୋଲି ସଙ୍ଗଠକ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

## ଖଣ୍ଡପଡ଼ାରେ ମେଧାବୀ ଯୁକ୍ତ ୨ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ଗଣିଆ/ଖଣ୍ଡପଡ଼ା:(ମହାଭାରତ): ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୬ଟି ମହାବିଦ୍ୟାଳୟର ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ଶ୍ରେଣୀର ୧୧ ଜଣ କୃତୀ ଟପ୍ପର ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ ସାମ୍ବାଦିକ ସଂଘ ପକ୍ଷରୁ ରବିବାର ଏକ ସ୍ୱତନ୍ତ୍ର ଉତ୍ସବରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଖଣ୍ଡପଡ଼ା ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲ୍ଲା ସାଂସଦ ପ୍ରତିନିଧି ଗୟାଧର ପରିଡା, ଖଣ୍ଡପଡ଼ା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ଯୁବ ସମାଜସେବୀ ଚିତ୍ତରଞ୍ଜନ ମିଶ୍ର ଏବଂ ବରିଷ୍ଠ ସାମ୍ବାଦିକ ଭବାନୀ ଶଙ୍କର ସିଂହସାମନ୍ତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ଦେଇଥିଲେ। ଚଳିତ ବର୍ଷ ଯୁକ୍ତ ୨ କଳା ପରୀକ୍ଷାରେ ସମଗ୍ର ନୟାଗଡ଼ ଜିଲ୍ଲାରେ ସର୍ବାଧିକ ୫୬୪ ନମ୍ବର ରଖି ଗୌରବ ଆଣିଥିବା ପଠାଣି ସାମନ୍ତ ମହାବିଦ୍ୟାଳୟର




ଛାତ୍ରୀ ସୌମ୍ୟା ଶେଫାଳିକା ମହାପାତ୍ରଙ୍କୁ ବିଧାୟକ ଶ୍ରୀ ସ୍ୱାଇଁ ସ୍ୱତନ୍ତ୍ର ଭାବେ ଟ୍ରଫି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବିଜ୍ଞାନ ଟପ୍ପର ତୁଳସୀ ନାୟକ (ପଠାଣି ସାମନ୍ତ ମହାବିଦ୍ୟାଳୟ), କଳା ଟପ୍ପର, ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର ଶ୍ରାବଣୀ ପ୍ରଧାନ, ନୀଳମାଧବ ମହାବିଦ୍ୟାଳୟର ଶୁଭସ୍ମିତା ବେହେରା ଓ ଦିପ୍ତିକ୍ରିଷ୍ଟି ପୃଷ୍ଟି, କୁମ୍ଭାରପଡା ମହାବିଦ୍ୟାଳୟର ଅଭିଷେକ ନାୟକ, ଭାପୁର ଆଞ୍ଚଳିକ ମହାବିଦ୍ୟାଳୟର ଚିଣ୍ଟୁ ଖୁଣ୍ଟିଆ, ପ୍ରହଲ୍ଲାଦ ମହାବିଦ୍ୟାଳୟ ପଦ୍ମାବତୀର ସାଇସ୍ମିତା ସାହୁ ଓ ଫିଜଲି ମଲ୍ଲିକ ଏବଂ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଶ୍ରୁତିକିରଣ ଦାଶଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ କୃତୀ ଛାତ୍ର ରାଜେଶ ବିଶୋଇ ଓ ଗାଇଡ୍ ଶିକ୍ଷକ ଧନେଶ୍ୱର ମଲ୍ଲଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ହରିଶ୍ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଅଜିତ କୁମାର ବସନ୍ତରାୟ ଓ ସ୍ଥାନୀୟ ବରିଷ୍ଠ ସାମ୍ବାଦିକମାନେ ଏଥିରେ ସହଯୋଗ କରିଥିଲେ। ଶେଷରେ ଶ୍ରୀ ସିଂହସାମନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ 'ଏ ୟୁନିଟ ଅଫ୍ ଲିଡ଼ିଂ ରିପୋଟର' ପକ୍ଷରୁ ଗଣିଆ ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ତଥା କଳିଙ୍ଗ ସମାଜର ମ୍ୟାନେଜିଙ୍ଗ ଏଡ଼ିଟର ଶ୍ରୀ ଅଖିଳ ବିହାରୀ ପାଣିଗ୍ରାହୀଙ୍କୁ ମଧ୍ୟ ଆନୁଷ୍ଠାନିକ ଭାବେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଡେ଼ପୁଟି ଡ଼ାଇରେକ୍ଟର ଡକ୍ଟର ବିଧୂତ ଶେଖର ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଗଜପତ(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ଠାରେ ଡେପୁଟି ଡାଇରେକ୍ଟର ଡକ୍ଟର ବିଧୂତ ଶେଖର ମିଶ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।ଡକ୍ଟର ମିଶ୍ର ପଦନ୍ନତି ହୋଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଭାବେ ନୟାଗଡ଼ରେ ଯୋଗ ଦେବେ। ତେଣୁ ତାଙ୍କୁ ଆଜି ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଅଧିକାରୀ ତୁଷାରେନ୍ଦୁ ନାୟକ, ସହକାରୀ ପ୍ରାଣୀ ଚିକିତ୍ସାଅଧିକାରୀ, ଏଲ ଆଇ, ପ୍ରମୁଖ ଉପସ୍ଥିତ ଥିଲେ।

## ଆସିକା ଅଞ୍ଚଳରେ ମ୍ୟାଲେରିଆ ଜ୍ୱରରେ ବହୁ ଆକ୍ରାନ୍ତ

ଆସିକା(ମହାଭାରତ): ଆସିକା ଅଞ୍ଚଳରେ ବହୁ ଅଞ୍ଚଳ ବାସୀ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେଉଛନ୍ତି। ଏହାର ମୂଳ କାରଣରେ ରହିଛି ଗ୍ରାମାଞ୍ଚଳରେ ମଶା ଉପଦ୍ରବ। କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ ଭାରତ ଅଭିଯାନ ପାଇଁ ଅନେକ ଯୋଜନା କରିଛନ୍ତି। ଏହା କେବଳ ନାମକୁମାତ୍ର କିଛି କରାଯାଇ ଥିବାବେଳେ ବର୍ତ୍ତମାନ ସୁଧା ଗ୍ରାମାଞ୍ଚଳକୁ କୁଢ କୁଢ ଅଳିଆ ଆବର୍ଜନା ଗଦା ହୋଇ ରହିଛି। ଗ୍ରାମାଞ୍ଚଳ ଡ୍ରେନ୍ ପ୍ରାୟ ନାହିଁ। ପଞ୍ଚାୟତ ଅଧିନରେ ନାମକୁ ମାତ୍ର ଡ୍ରେନ୍ ଥିବାବେଳେ ତାକୁ ନିୟମିତ ସଫା କରାଯାଉ ନାହିଁ। ପଞ୍ଚାୟତକୁ ବହୁ ଯୋଜନା ସହ ଲକ୍ଷ ଲକ୍ଷ ଟଙ୍କାର ଉନ୍ନୟନ କାର୍ଯ୍ୟ କରୁଥିବା ବେଳେ ପଞ୍ଚାୟତ ଅଧିନ କୌଣସି ସଫେଇ କର୍ମଚାରି ନାହାନ୍ତି।ବର୍ଷ ତମାମ ଋତୁ ଅନୁଯାଇ ମଧ୍ୟ ସଫେଇ କରାଯାଏ ନାହିଁ। ପଞ୍ଚାୟତ ଅଧିନ ନା ବ୍ଲିଚିଙ୍ଗ, ନା ଫେନାଇଲ ରହିନାହିଁ। ସଫେଇ ଗାଡି ମଧ୍ୟ ନାହିଁ। ପୂର୍ବରୁ ମ୍ୟାଲେରିଆ ଆକ୍ରାନ୍ତରେ ବହୁ ଲୋକ ଆକ୍ରାନ୍ତ ହୋଇ ମରୁଥିଲେ। ପରବର୍ତ୍ତି ସମୟରେ ମତିଷ୍କ ମ୍ୟାଲେରିଆ ମୃତ୍ୟୁ ସରକାରଙ୍କ ଚିନ୍ତାର କାରଣ ହୋଇଥିଲା। ଏଥିପାଇ ପ୍ରତ୍ୟେକ ମେଡିକାଲ ସାଙ୍ଗକୁ ବ୍ଲକ ପଞ୍ଚାୟତ ଗୁଡିକରେ ମ୍ୟାଲେରିଆ ନିରାକରଣ ବିଭାଗ ରହି ପ୍ରଚାର, ସଚେତନ, ସଫେଇ ନିୟମିତ, ପ୍ରତ୍ୟେକ ଜ୍ୱର ଆକ୍ରାନ୍ତ ବ୍ୟକ୍ତି ରକ୍ତ ନମୁନା ସଂଗ୍ରହ କରି ମ୍ୟାଲେରିଆ ପରୀକ୍ଷା କରାଯାଇ ଔଷଧ ମାଗଣା ପ୍ରଦାନ କରାଯାଉଥିଲି। ଯାହାଫଳରେ ମ୍ୟାଲେରିଆ , ମାଇ ଏନୋଫିଲିସ ମଶା ଦମନ ସାଙ୍ଗକୁ ମ୍ୟାଲେରିଆ ପ୍ରାଦୁର୍ଭାବ କମିଥିଲା।

## ଗଜପତିର ସୁଦଶ କୁମାର ମଣ୍ଡଳ ଓଏଏସ୍ ପାଇଲେ

ପାରଳାଖେମୁଣ୍ଡି(ମହାଭାରତ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ମୁରୁସିଂ ଗ୍ରାମର ସ୍ୱର୍ଗତ ଅନିସୀମ ମଣ୍ଡଳ ଓ ସାବେନୀ ମଣ୍ଡଳଂକ ପୁତ୍ର ସୁଦଶ କୁମାର ମଣ୍ଡଳ ଓଡିଶା ସିଭିଲ୍ ସର୍ଭିସ ପରୀକ୍ଷାରେ ୧୮୧ ରାଂକ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଦଶମ ଶ୍ରେଣୀ ଆନ୍ଧ୍ରପ୍ରଦେଶର ପୁରୁଣା ପାଟଣା ସେଣ୍ଟଆନ୍ସ ସ୍କୁଲରୁ ପାସ୍ କରି ବିଶାଖାପାଟଣା ନାରାୟଣା ଅନୁଷ୍ଠାନରୁ +୨ ବିଜ୍ଞାନ ବିଜ୍ଞାନରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ବ୍ରହ୍ମପୁର ଖଲିକୋଟ କଲେଜରେ ପଦାର୍ଥ ବିଜ୍ଞାନ (ଉଚ୍ଚମାନ)ରେ ଡିଗ୍ରୀ ହାସଲ କଲାପରେ ସ୍ନାତକୋତ୍ତର ଶ୍ରେଣୀରେ ପଢୁଥିଲେ। କିନ୍ତୁ ଆର୍ଥିକ ଅନାଟନ ଦୃଷ୍ଟିରୁ ରେଭିନ୍ୟୁ ଇନିସପେକ୍ଟର ଚାକିରିରେ ୨୦୨୧ରେ ନିଯୁକ୍ତି ପାଇ ଅଧାରୁ ସ୍ନାତକୋତ୍ତର ଶିକ୍ଷା ଛାଡିଥିଲେ। ତଥାପି ଓଏଏସ୍ ପାଇଁ ସେ ସଂକଳ୍ପ ରଖି ନିଜର ତୃତୀୟ ଚେଷ୍ଟାରେ କୃତକାର୍ଯ୍ୟ ହୋଇପାରିଲେ। ସେ ସଂଘର୍ଷ ଭିତରେ ନିଜର ସ୍ୱପ୍ନ ସାକାର କରିଛନ୍ତି। ସେ ବାପାଙ୍କୁ ବହୁ ଆଗରୁ ହରାଇଥିଲେ ତେଣୁ ପରିବାରର ଦାୟିତ୍ୱ ତାଂକ ଉପରେ ନ୍ୟସ୍ତ ଥିଲା। ବାପା ଶିକ୍ଷକତା କରୁଥିବା ସମୟରେ ଇହଧାମ ତ୍ୟାଗ କରିଥିଲେ। ତେଣୁ ସେ ପରିବାରର ଦାୟିତ୍ୱ ସହ ନିଜର ଭବିଷ୍ୟତ ପ୍ରତି ଦୃଷ୍ଟି ରଖିଥିଲେ।ସେ କହନ୍ତି, ଝଡଝଂଜାକୁ ସାମନା କରି ଯେଉଁମାନେ ନିଜ ସ୍ୱପ୍ନ ସଫଳ କରନ୍ତି ସେମାନେ ବାସ୍ତବ ଜୀବନ ଅନୁଭବ କରିଥାନ୍ତି। ତାଂକର ଗଜପତି ଜିଲ୍ଲା ଆଦିବାସୀ ତଥା ଅନୁନ୍ନତ ବର୍ଗ ପାଇଁ ଶ୍ରେଷ୍ଠ ପ୍ରେରଣା କହିଲେ ଅତ୍ୟୁକ୍ତି ହେବନାହିଁ।

# ଆସିକା ବିଜେଡି ପକ୍ଷରୁ ବ୍ଲକ ତହସିଲରେ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର

ଆସିକା(ମହାଭାରତ):ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ବିଡ଼ିଓ ଜନ ପ୍ରତିନିଧି ମାନଙ୍କୁ ଅଣ ଦେଖା କରିବା,ବେଆଇନ ବାଲି ଘାଟ ଚାଲିବା ଏବଂ ସରୋଜ ପାଢ଼ୀ ଛକ ନାମ କରଣ,ପଂଚାୟତ ସମିତି ବୈଠକ ନିୟମିତ ନହେବା ନେଇ ଦାବିପତ୍ର ଉପଜିଲ୍ଲାପାଳ ଭଞ୍ଜନଗରଉମାଶଙ୍କର ବେହେରା, ତହସିଲଦାର ସଂଗୀତା ସେଣ , ବିଡ଼ିଓ ରାଜେନ୍ଦ୍ର ପ୍ରାସାଦ ନାୟକ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଆଜି ଆସିକା ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଏକ ଦଳ ଆସିକା ପଞ୍ଚାୟତ କିଛି ଜଣ ବ୍ୟକ୍ତି ବିଶେଷ ଓ ଯନ୍ତ୍ରୀ ମାନେ ବ୍ଲକରେ କରୁଥିବା ଏକଛତ୍ର ବାଦ ଶାସନ ବିରୁଦ୍ଧରେ ସାଂସଦ ପାଣ୍ଠି ,ବିଧାୟକପାଣ୍ଠି



,ଏମଜୀଏନଆରଜିଏସ ପାଣ୍ଠି, କେନ୍ଦ୍ରଖାଦ୍ୟ ଯୋଗାଣ, ରାଜ୍ୟଖାଦ୍ୟ, ଜିଲ୍ଲା ପରିଷଦ ପାଣ୍ଠି ରୁ କାମ ସରିଲା ପରେ ମଧ୍ୟ ବିଲ ପୈଠ ନାକରିବା ବିରୁଦ୍ଧରେ ବିଡ଼ିଓ ରାଜେନ୍ଦ୍ର ନାୟକ ଙ୍କ ସହ ଆଲୋଚନା କରିବା ସହ ଆଗାମୀ ସାତ ଦିନ ମଧ୍ୟରେ ଯଦି ବିଲ ପାସ ନହୁଏ ତେବେ ଶାନ୍ତି ପୂର୍ଣ୍ଣ ଧାରଣା ଦେବାକୁ ଚେତାବନୀ ଦେବା ସହ ଏକ ନିର୍ବାଚିତ ଜନପ୍ରତିନିଧି ମାନଙ୍କ ଦସ୍ତଖତ ରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହିଭଳି ତହସିଲଦାର ସଂଗୀତା ସେଣଙ୍କ ସହ ଆଲୋଚନା କରି ନରସିଂହପଲ୍ଲୀ ବାଲିଘାଟ ଏବଂ ସରୋଜ ନଗର କୁ ଆଇନ ଅନୁସାରେ ନହୋଇଥିବାରୁ ଏହାକୁ ତୁରନ୍ତ ହଟାଇବାକୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଏଥି ସହିତ ଉପଜିଲ୍ଲାପାଳ ଭଞ୍ଜନଗର ଉମା ଶଙ୍କର ବେହେରା ଙ୍କୁ ଭେଟି ବିଡ଼ିଓ ଙ୍କ ମନମୁଖୀ ଶାସନ ବିଷୟରେ ଅବଗତ କରିବା ସହ ଆସିକାର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରି ଏକ ଦାବୀ ପତ୍ର ପ୍ରଦାନ କରିଥିଲେ। ଏହି ଦାବୀ ପତ୍ର ପ୍ରଦାନ କରିବା ପାଇଁ ବିଜେଡି ଜିଲ୍ଲାପରିଷଦ ସଦସ୍ୟ ମନୋଜ ଦୋରା, ଅନିମା ପରିଡା,ବ୍ଲକ ବିଜେଡି ସଭାପତି ବିଦ୍ୟାନ୍ତ ଚର୍ଛି, ସରପଞ୍ଚ ସଙ୍ଘ ସଭାପତି ଭବାନୀ ଶଙ୍କର ମଲ୍ଲିକ, ସରପଞ୍ଚ ଜୟ ସେନ ସ୍ୱାଇଁ,ମନୋଜ ପରିଡା,ଦେବରାଜ ନାହାକ,ପୌରାଞ୍ଚଳ ଉପାଧକ୍ଷା ଜୟନ୍ତୀ ବିଷୋୟୀ,ଗଞ୍ଜାମ ଜିଲ୍ଲା ବିଜେଡି ଯୁବ ସଭାପତି ନଚିକେତା ସ୍ୱାଇଁ,ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ପାଣିଗ୍ରାହୀ,ଅନିଲ ନାହାକ,ପୂର୍ବତନ ବ୍ଲକ ଅଧକ୍ଷ ସୂର୍ଯ୍ୟକାନ୍ତ ପରିଡା,ସମିତି ସଭ୍ୟ,ତ୍ରିନାଥ ବେହେରା,କାଉନସିଲର ନିଗମାନନ୍ଦ ରାଉତ, ନିରଞ୍ଜନ ଜେନା,ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## କେବଳ ଭାରତ ନୁହେଁ ୟୁରୋପରେ ଗ୍ରୀଷ୍ମ ଭାଙ୍ଗିଲା ରେକର୍ଡ

ଲଣ୍ଡନ: ୟୁରୋପରେ ଏବେ ଗ୍ରୀଷ୍ମ ଆରମ୍ଭ ବି ହୋଇନି, ହେଲେ ତା ପୂର୍ବରୁ ପାରଦ ଉପରମୁହାଁ ହେଲାଣି। ୟୁରୋପର ଅନେକ ଦେଶରେ ଗରମ ଏବେ ଦୀର୍ଘ ଦଶନ୍ଧୀର ରେକର୍ଡ ଭାଙ୍ଗିଛି। ବ୍ରିଟେନ, ଫ୍ରାନ୍ସ ଓ ସ୍ପେନ ସମେତ ପଶ୍ଚିମ ୟୁରୋପର ଏକ ବିସ୍ତୃତ ଭାଗ ଏବେ ଭୀଷଣ ଗରମରେ ସନ୍ତୁଳି ହେଉଛି। ବୈଜ୍ଞାନିକମାନେ ଏହାକୁ ନା କେବଳ ଏକ ଋତୁ ପରିବର୍ତ୍ତନ ବରଂ ମାନବ ଜନିତ ଜଳବାୟୁ ପରିବର୍ତ୍ତନର ସ୍ପଷ୍ଟ ସଂକେତ ବୋଲି କହୁଛନ୍ତି। ଏଥି ମଧ୍ୟରେ ଭାରତ ସମେତ ପାକିସ୍ତାନରେ ତାପମାତ୍ରା ସ୍ୱାଭାବିକରୁ କିଛି ଡିଗ୍ରି ଉପରେ ରହିବାରେ ଲାଗିଛି। ମେ ମାସରେ ଗ୍ରୀଷ୍ମ ସବୁ ରେକର୍ଡ ଭାଙ୍ଗିଛି। ବ୍ରିଟେନ ରାଜଧାନୀ ଲଣ୍ଡନର କ୍ୟୁ ଗାର୍ଡେନରେ ତାପମାତ୍ରା ୩୪.୮ ଡିଗ୍ରି ସେଲସିୟସ ରେକର୍ଡ ହୋଇଛି। ଏହା ମେ ମାସର ତଥା ବସନ୍ତ ଋତୁର ସବୁଠୁ ଅଧିକ ତାପମାତ୍ରା ବୋଲି ଏବେ କୁହାଯାଉଛି। ତେବେ ଗ୍ରୀଷ୍ମର ଏହି ରେକର୍ଡ କେବଳ ଦିନକ ପାଇଁ ନଥିଲା, ତା ପରଦିନ ମଧ୍ୟ ତାପମାତ୍ରା ବଢିଥିଲା। ଏହା ୩୫.୧ ଡିଗ୍ରି ସେଲସିୟସକୁ ପହଞ୍ଚିଥିବା ବେଳେ ବସନ୍ତର ସବୁଠୁ ଉତପ୍ତ ଦିନ ଭାବେ ପରିଗଣିତ ହୋଇଛି। ବ୍ରିଟେନ ପାଣିପାଗ ଏଜେନ୍ସୀ ଏହାକୁ ଏହି ସମୟର ଅଭୂତପୂର୍ବ ଗରମ ବୋଲି କହିଛି। ଏହା ପୂର୍ବରୁ ମେ ମାସରେ ସବୁଠୁ ଅଧିକ ଉତ୍ତାପ ୩୨.୮ ଡିଗ୍ରି ସେଲସିୟସ ଥିଲା ଯାହା ୧୯୨୨ ଓ ୧୯୪୪ରେ ରେକର୍ଡ ହୋଇଥିଲା। ବ୍ରିଟେନ ସ୍ୱାସ୍ଥ୍ୟ ସୁରକ୍ଷା ଏଜେନ୍ସୀ ଏମ୍ବର ହିଟ୍ ହେଲଥ୍ ଆଲର୍ଟ ଜାରି କରିଛି। ଫ୍ରାନ୍ସରେ ମଧ୍ୟ ମେ ମାସରେ କେତେକ ସ୍ଥାନରେ ରେକର୍ଡ ତାପମାତ୍ରା ଅନୁଭୂତ ହୋଇଛି। ପାଣିପାଗ ବିଜ୍ଞାନ ବିଭାଗ ଅନୁସାରେ ତାପମାତ୍ରା ସ୍ୱାଭାବିକରୁ ୧୩ ଡିଗ୍ରି ସେଲସିୟସ ବଢିଛି। ଏହାକୁ ଅସାଧାରଣ ରୂପେ ଶୀଘ୍ର ଓ ଦୀର୍ଘ ସମୟ ପର୍ଯ୍ୟନ୍ତ ଅନୁଭୂତ ହେବାକୁ ଥିବା ଗରମ ବୋଲି କୁହାଯାଇଛି। ଫ୍ରାନ୍ସ ସରକାରଙ୍କ ଅନୁସାରେ ଶନିବାରଠାରୁ ଏ ପର୍ଯ୍ୟନ୍ତ ହିଟୱେଭରେ ୨ ଜଣଙ୍କ ମୃତ୍ୟୁ ହେଲାଣି। ପ୍ୟାରିସରେ ଫ୍ରେଞ୍ଚ ଓପନ ଟେନିସ୍ ଟୁର୍ଣ୍ଣାମେଣ୍ଟ କାଳରେ ଖେଳାଳି ଓ ଦର୍ଶକ ଭୀଷଣ ଗରମର ସମ୍ମୁଖୀନ ହୋଇଛନ୍ତି। ପରିସ୍ଥିତି ଏପରି ହୋଇଥିଲା ଯେ ଷ୍ଟାଡିୟମରେ ପାଣି ସିଞ୍ଚନ ସହ କୁଲିଂ ଟାୱାରର ସହାୟତା ନେବାକୁ ପଡିଥିଲା। ସ୍ପେନରେ ପରିସ୍ଥିତି ମଧ୍ୟ ଚିନ୍ତାଜନକ। ସାଧାରଣତଃ ଏଠାରେ ଜୁଲାଇ ମାସରେ ଗ୍ରୀଷ୍ମ ଋତୁ ପ୍ରାରମ୍ଭ ହୋଇଥାଏ, ହେଲେ ଚଳିତବର୍ଷ ମେ ମାସରୁ ଲୋକେ ଗରମରେ ତହଳବିକଳ ହେଲେଣି। ସ୍ପେନର ଦକ୍ଷିଣ-ପଶ୍ଚିମଭାଗରେ ତାପମାତ୍ରା ୪୦ ଡିଗ୍ରି ସେଲସିୟସକୁ ପହଞ୍ଚିବାରେ ଲାଗିଲାଣି। ରାଜଧାନୀ ମାଦ୍ରିଦରେ ମଧ୍ୟାହ୍ନରେ ସଡ଼କ ଓ କେଫେ ଜନଶୂନ୍ୟ ହୋଇପଡୁଛି। ସ୍ଥାନୀୟ ଲୋକଙ୍କ ଅନୁସାରେ ପାରମ୍ପରିକ ଋତୁ ଚକ୍ର ତୀବ୍ର ବଦଳିବାରେ ଲାଗିଛି। ପୂର୍ବରୁ ଜୁନ ମାସ ପର୍ଯ୍ୟନ୍ତ ହାଲୁକା ଥଣ୍ଡା ଅନୁଭୂତ ହେଉଥିବା ବେଳେ ଏବେ ମେ ମାସରୁ ତାପମାତ୍ରା ବଢିବା ଆରମ୍ଭ ହେଲାଣି। ଜର୍ମାନରେ ଚଳିତବର୍ଷ ପ୍ରଥମ ଥର ଶନିବାର ତାପମାତ୍ରା ୩୦ ଡିଗ୍ରି ସେଲସିୟସ ଉପରକୁ ପହଞ୍ଚିଥିଲା। ବିଶେଷଜ୍ଞଙ୍କ ଅନୁସାରେ ଜୁନ ଆରମ୍ଭ ହେବା ପୂର୍ବରୁ ଏପରି ତାପମାତ୍ରା ବୃଦ୍ଧିକୁ ସ୍ୱାଭାବିକ କୁହାଯାଇ ପାରିବନି। ପଶ୍ଚିମ ଓ ଦକ୍ଷିଣ ଜର୍ମାନୀରେ ଲୋକଙ୍କୁ ଟାଣ ଖରା ଓ ଗରମ ପବନର ସାମ୍ନା କରିବାକୁ ପଡୁଛି। ସହରର ବିଭିନ୍ନ ପାର୍କ, ପୁଷ୍କରିଣୀ ଓ ସ୍ୱିମିଂ ପୁଲରେ ଲୋକେ ଭିଡ ଜମାଉଛନ୍ତି। ଜର୍ମାନ ପାଣିପାଗ ଏଜେନ୍ସୀ ଅନୁସାରେ ଆଗାମୀ ଦିନରେ ତାପମାତ୍ରା ଆହୁରି ବଢିପାରେ। ଏଣୁ ବୟସ୍କ, ଶିଶୁ ଓ ଅସୁସ୍ଥ ଲୋକେ ଏଥି ଯୋଗୁ ପ୍ରଭାବିତ ହୋଇ ପାରନ୍ତି।

## ଜଳିଗଲା ଚଳନ୍ତା ସ୍କର୍ପିଓ : ୪ ମୃତ

ନୂଆଦିଲ୍ଲୀ ୨୮ ।୦୫; ରାଜସ୍ଥାନର ଆଜମେର୍ ଜିଲ୍ଲାରେ ଗୁରୁବାର ସକାଳେ ଏକ ଦୁଃଖଦ ଘଟଣାରେ ଗୋଟିଏ ପରିବାରର ୪ ସଦସ୍ୟ ଜୀବନ୍ତ ଜଳି ଯାଇଥିବା ଜଣାପଡ଼ିଛି। ବୋରାଡା ଥାନା ଅନ୍ତର୍ଗତ ଶ୍ରୀରାମପୁରା ଗାଁ ନିକଟରେ ଭୋର ୫ଟା ୩୦ ମିନିଟରେ ସମୟରେ ଏହି ଘଟଣା ଘଟିଛି। ଦୁଇଜଣ ପୂର୍ବତନ ସରପଞ୍ଚ ଓ ତାଙ୍କ ପରିବାର ଏକ ସ୍କର୍ପିଓ ଗାଡ଼ିରେ ଯାଉଥିବାବେଳେ ଗାଡ଼ିରେ ହଠାତ୍ ନିଆଁ ଲାଗି ଯାଇଥିଲା। ନିଆଁ ଏତେ ଜୋରରେ ବ୍ୟାପି ଯାଇଥିଲା ଯେ, ପରିବାର ଲୋକ ଗାଡ଼ିରୁ ବାହାରି ପାରିନଥିଲେ। ପୋଲିସ ଅଧୀକ୍ଷକ ହର୍ଷବର୍ଦ୍ଧନ ଅଗ୍ରୱାଲ କହିଛନ୍ତି ଯେ, ଏହି ଦୁର୍ଘଟଣାରେ ପୂର୍ବତନ ସରପଞ୍ଚ ରାମସିଂହ ଚୌଧୁରୀ, ତାଙ୍କ ମା' ତଥା ପୂର୍ବତନ ସରପଞ୍ଚ ପୁସି ଦେବୀ, ପତ୍ନୀ ତଥା ଜିଲ୍ଲା ପରିଷଦ ସଦସ୍ୟ ସୁରଜ୍ଞାନୀ ଦେବୀ ଓ ଭାଣିଜୀ ମହିମାଙ୍କ ମୃତ୍ୟୁ ହୋଇଛି। ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ପୁସି ଦେବୀଙ୍କ ଛାତିରେ ଯନ୍ତ୍ରଣା ଯୋଗୁଁ ପୁଅ ରାମସିଂହ ତାଙ୍କୁ ହସ୍ପିଟାଲ ନେଇ ଯାଉଥିଲେ। ଏହି ସମୟରେ ସ୍କର୍ପିଓ ଗାଡ଼ିରେ ହଠାତ୍ ନିଆଁ ଲାଗି ଯାଇଥିଲା। ନିଆଁ ଏତେ ଜୋରରେ ଲାଗିଥିଲା ଯେ ରାମସିଂହ, ତାଙ୍କ ପତ୍ନୀ ଓ ଭାଣିଜୀ ଗାଡ଼ିରୁ ବାହାରି ନ ପାରି ଜିଅନ୍ତା ଜଳି ଯାଇଥିଲେ। ସ୍ଥାନୀୟ ଲୋକମାନେ ଗାଡ଼ି ଡୋର୍ ଭାଙ୍ଗି ପୁସି ଦେବୀଙ୍କୁ ବାହାରକୁ ବାହାର କରିଥିଲେ ମଧ୍ୟ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଥିଲା। ସର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ତେବେ ପୁଲିସ ଘଟଣାର ତଦନ୍ତ କରୁଛି। ଦୁର୍ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ପୋଲିସ ଓ ପ୍ରଶାସନିକ ଅଧିକାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପକ୍ଷରେ ଏଫ୍ଏସ୍ଏଲ୍ ଟିମ୍ ସାହାଯ୍ୟରେ ଏହି ଘଟଣାର ତଦନ୍ତ କରାଯାଉଛି।

## ମନ୍ଦିରରୁ ଫେରୁଥିବା ବେଳେ ଯୁବତୀଙ୍କୁ ଟେକିନେଇ ଗଣ ଦୁଷ୍କର୍ମ

ଜୟପୁର,୨୮ ।୫: ରାଜସ୍ଥାନର ରାଜଧାନୀ ଜୟପୁରରେ ଜଣେ ଯୁବତୀଙ୍କ ସହ ଗଣବଳାତ୍କାରର ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଘଟଣାଟି ସହରର ଭିକେଆଇ ପୋଲିସ ଷ୍ଟେସନ ଅଧୀନରେ ଘଟିଥିବା ଜଣାପଡ଼ିଛି । ଏହି ମାମଲାରେ ପୋଲିସ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଜଣେ ହୋମଗାର୍ଡ ଯବାନ ଥିବା ଜଣାପଡିଛି। ଘଟଣାଟି ମେ ୨୩ ତାରିଖରେ ଘଟିଥିଲା, କିନ୍ତୁ ପୋଲିସ ତଦନ୍ତ ପରେ ମାମଲାର ସମ୍ପୂର୍ଣ୍ଣ ବିବରଣୀ ଏବେ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ମେ ୨୩ ତାରିଖରେ ଯୁବତୀ ଜଣକ ଜଣେ ପରିଚିତ ପୁରୁଷଙ୍କ ସହିତ ସିକର ରୋଡ୍ ଅଞ୍ଚଳରେ ଥିବା ଏକ ମନ୍ଦିରରେ ପୂଜା କରିବାକୁ ଯାଇଥିଲେ । ମନ୍ଦିର ଦର୍ଶନ କରି ଫେରିବା ବାଟରେ ଦୁଇଜଣ ଯୁବକ ସେମାନଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ସେମାନଙ୍କ ଭିଡିଓ ରେକର୍ଡ କରିସାରିଥିବା ଦାବି କରି ସେମାନଙ୍କୁ ଭୟଭୀତ କରିବା ଏବଂ ଧମକ ଦେବାକୁ ଚେଷ୍ଟା କରିଥିଲେ। ଅଭିଯୁକ୍ତମାନେ ଯୁବତୀ ଏବଂ ଯୁବକଙ୍କୁ ସେମାନଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇଥିଲେ। ଏହା ପରେ, ତିନି ଜଣ ବ୍ୟକ୍ତି ଯୁବକଙ୍କୁ ଶାରୀରିକ ଆକ୍ରମଣ କରିଥିଲେ। ଅଭିଯୋଗ ହୋଇଛି ଯେ ଅଭିଯୁକ୍ତ ଯୁବକଙ୍କୁ ପ୍ରତିରୋଧ କରିବାରୁ ରୋକିବା ପାଇଁ ତାଙ୍କ ହାତ ଏବଂ ଗୋଡ ବାନ୍ଧି ଦେଇଥିଲେ। ଏହା ପରେ, ଯୁବତୀଙ୍କୁ ଜୋରଜବରଦସ୍ତ ଏକ ନିର୍ଜନ ସ୍ଥାନକୁ ନେଇଯାଇଥିଲା। ପୋଲିସ ଅନୁଯାୟୀ, ଅଭିଯୁକ୍ତ ଯୁବତୀଙ୍କ ସହିତ ଗଣବଳାତ୍କାର କରିଥିଲେ। ଅପରାଧ କରିବା ପରେ, ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। କୌଣସି ପ୍ରକାରେ, ପୀଡିତା ଏବଂ ତାଙ୍କ ପୁରୁଷ ବନ୍ଧୁ ପୋଲିସ ପାଖରେ ପହଞ୍ଚି ଅଭିଯୋଗ ଦାୟର କରିବାରେ ସଫଳ ହୋଇଥିଲେ ।

# ୨୦୦ କେଜି ଆମ୍ବରସ ପିଇ ଭଗବାନ ଅସୁସ୍ଥ ! ୧୪ ଦିନ ପାଇଁ ମନ୍ଦିର ବନ୍ଦ

ନୂଆଦିଲ୍ଲୀ : ରାଜସ୍ଥାନର କୋଟାର ଥିବା ଜଗଦୀଶ ମନ୍ଦିରରେ ଅନନ୍ୟ ପରମ୍ପରା ଦେଖିବାକୁ ମିଳିଛି । ଏହି ମନ୍ଦିରରେ, ପ୍ରତିବର୍ଷ ଜ୍ୟେଷ୍ଠ ପୂର୍ଣ୍ଣିମାରେ ଦେବତାଙ୍କୁ ଏକ ସ୍ୱତନ୍ତ୍ର ୧୪ ଦିନର ' ବୀମାରି ଅବକାଶ' ପ୍ରଦାନ କରାଯାଏ । ବିଶ୍ୱାସ କରାଯାଏ ପ୍ରଚଣ୍ଡ ଗରମରେ ଥଣ୍ଡା ପାଣିରେ ସ୍ନାନ କରିବା ଏବଂ ଆମ୍ବ ରସ ପିଇବା ପରେ ଦେବତା ଅସୁସ୍ଥ ହୋଇଯାଆନ୍ତି । ତେଣୁ ୧୪ ଦିନ ପାଇଁ ମନ୍ଦିର ଦ୍ୱାର ବନ୍ଦ ରହେ । ଏହା ସହ ଭଗବାନଙ୍କ ଚିକିତ୍ସା ଚାଲେ । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ଏକ ସତ୍ୟ ଏବଂ ୩୦୦ ବର୍ଷର ପୁରୁଣା ପରମ୍ପରା । ଭାରତ ହେଉଛି ବିଶ୍ୱାସ ଏବଂ ପରମ୍ପରାର ଦେଶ । ବିଶେଷ କରି ଜଗନ୍ନାଥ ସଂସ୍କୃତିରେ ଭଗବାନଙ୍କୁ ମାନବୀୟ ରୂପରେ ପୂଜା କରାଯାଏ। ମଣିଷ ଭଳି



ଭଗବାନ ମଧ୍ୟ ଶୁଅନ୍ତି, ଖାଆନ୍ତି ଏବଂ ଅସୁସ୍ଥ ମଧ୍ୟ ହୁଅନ୍ତି। ଏହି ନିଆରା ପରମ୍ପରା ଗୁଜରାଟର ଅହମ୍ମଦାବାଦରେ ଅବସ୍ଥିତ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିରରେ ଦେଖିବାକୁ ମିଳେ। ଯାହା ପୁରୀ ଜଗନ୍ନାଥ ମନ୍ଦିରର ପରମ୍ପରା ସହିତ ଅନେକାଂଶରେ ସମାନ। ପ୍ରତିବର୍ଷ ଜ୍ୟେଷ୍ଠ ପୂର୍ଣ୍ଣିମା ବା ସ୍ନାନ ପୂର୍ଣ୍ଣିମା ଅବସରରେ ଭଗବାନ ଜଗନ୍ନାଥ, ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କୁ ୧୦୮ କଳସ ସୁବାସିତ ଜଳରେ ସ୍ନାନ କରାଯାଇଥାଏ । ଗ୍ରୀଷ୍ମର ପ୍ରକୋପରୁ ରକ୍ଷା ପାଇବା ପାଇଁ ଏବଂ ଭକ୍ତଙ୍କ ଶ୍ରଦ୍ଧା ସ୍ୱରୂପ ଭଗବାନଙ୍କୁ ପ୍ରାୟ ୨୦୦ କେଜିରୁ ଅଧିକ ଆମ୍ବ ରସ ଏବଂ ଜାମୁକୋଳି ଭୋଗ ଲଗାଯାଇଥାଏ ।

ଲୋକକଥା ଅନୁସାରେ, ଅତ୍ୟଧିକ ସ୍ନାନ ଏବଂ ଏହି ଶୀତଳ ଭୋଗ ସେବନ କରିବା ପରେ ଭଗବାନଙ୍କୁ ଜ୍ୱର ହୋଇଥାଏ। ଏହାକୁ ଭଗବାନଙ୍କ 'ଲୀଳା' ବୋଲି କୁହାଯାଏ।ଭଗବାନ ଅସୁସ୍ଥ ହେବା ପରେ ସେ'ଅଣସର' ଘରକୁ ଚାଲିଯାନ୍ତି। ଏହି ସମୟରେ ମନ୍ଦିରର ମୁଖ୍ୟ ଦ୍ୱାର ଭକ୍ତମାନଙ୍କ ପାଇଁ ୧୪ ରୁ ୧୫ ଦିନ ପାଇଁ ବନ୍ଦ କରିଦିଆଯାଏ। ଏହି ସମୟରେ ଭଗବାନଙ୍କୁ କୌଣସି ଭୋଗ ଅର୍ପଣ କରାଯାଏ ନାହିଁ। ବରଂ ଜଣେ ରୋଗୀର ଚିକିତ୍ସା କଲା ଭଳି ଭଗବାନଙ୍କୁ ଆୟୁର୍ବେଦିକ କାଢ଼ା ଏବଂ ପଥିଆ ପ୍ରଦାନ କରାଯାଏ।ଏହି ପରମ୍ପରା ଅହମ୍ମଦାବାଦର ଜଗନ୍ନାଥ ମନ୍ଦିରରେ ପ୍ରାୟ ୩୦୦ ବର୍ଷ ଧରି ଚାଲିଆସୁଛି।

## ଇସ୍ତଫା ଦେଲେ ସିଦ୍ଦରମୈୟା

କର୍ଣ୍ଣାଟକ : କର୍ଣ୍ଣାଟକାରେ ଚାଲିଥିବା ଚେୟାର ଅଦଳବଦଳ ରାଜନୀତିରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ୩ ବର୍ଷ ଆଉ ୮ ଦିନ ମୁଖ୍ୟମନ୍ତ୍ରୀ ପଦରେ କାମ କରିବା ପରେ ଏବେ ଇସ୍ତଫା ଦେଇଛନ୍ତି ବରିଷ୍ଠ କଂଗ୍ରେସ ନେତା ସିଦ୍ଦରମୈୟା। ଆଜି ସେ ରାଜଭବନରେ ପହଞ୍ଚି ରାଜ୍ୟପାଳଙ୍କ ସ୍ୱତନ୍ତ୍ର ସଚିବ ପ୍ରଭୁ ଶଙ୍କରଙ୍କୁ ନିଜ ଇସ୍ତଫାପତ୍ର ହସ୍ତାନ୍ତର କରିଛନ୍ତି। ପ୍ରଭୁ ଶଙ୍କର କହିଛନ୍ତି ଯେ "ମୁଁ ମୁଖ୍ୟମନ୍ତ୍ରୀ ପଦରୁ ସିଦ୍ଦରମୈୟାଙ୍କ ଇସ୍ତଫାପତ୍ର ଗ୍ରହଣ କରିଛି। କିନ୍ତୁ ରାଜ୍ୟପାଳ ଫେରିବା ପରେ ହିଁ ଏହାକୁ ଗ୍ରହଣ କରିପାରିବେ। ଏଯାଏ ସିଦ୍ଦରମୈୟାଙ୍କ ଇସ୍ତଫାପତ୍ର ଗ୍ରହଣ ହୋଇନି। ଏବେ କର୍ଣ୍ଣାଟକାର ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ ବେଙ୍ଗାଲୁରୁରେ ନାହାନ୍ତି। ସେ ତାଙ୍କ ଅସୁସ୍ଥ ପତ୍ନୀଙ୍କୁ ଭେଟିବାକୁ ମଧ୍ୟପ୍ରଦେଶର ଉଜ୍ଜୟନୀ ଚାଲି ଯାଇଛନ୍ତି। ଆଜି ସନ୍ଧ୍ୟା କିମ୍ବା ରାତି ସମୟରେ ସେ ବେଙ୍ଗାଲୁରୁ ଫେରିବେ। ତେଣୁ ସିଦ୍ଦରମୈୟା ରାଜ୍ୟପାଳଙ୍କ ଅଫିସରେ ପହଞ୍ଚି ତାଙ୍କ ସ୍ୱତନ୍ତ୍ର ସଚିବଙ୍କୁ ଇସ୍ତଫାପତ୍ର ହସ୍ତାନ୍ତର କରିଛନ୍ତି।

# ୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବିଜେପି ବଦଳାଇଲା ସଭାପତି, ହର୍ଷ ମାଲହୋତ୍ରାଙ୍କୁ ଦିଲ୍ଲୀ ଦାୟିତ୍ୱ

ନୂଆଦିଲ୍ଲୀ: ବିଜେପି ଗରୁବାର ତିନି ରାଜ୍ୟ- ତ୍ରିପୁରା, ହରିୟାଣା ଏବଂ ପଞ୍ଜାବ ସହ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ ପାଇଁ ନୂଆ ରାଜ୍ୟ ସଭାପତିଙ୍କ ନିଯୁକ୍ତି ଘୋଷଣା କରିଛି। ଏହି ନିଯୁକ୍ତି ସହ ରାଷ୍ଟ୍ରୀୟ ଅଧକ୍ଷ ନୀତୀନ ନବୀନ ରାଜ୍ୟମାନଙ୍କ ସହ ଜାତୀୟ ସ୍ତରରେ ମଧ୍ୟ ପଦାଧିକାରୀଙ୍କ ଏକ ନୂଆ ଟିମ୍ ବାଛିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସାଂସଦ ଏବଂ ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରାଙ୍କୁ ଦିଲ୍ଲୀରେ ଦଳର ଅଧକ୍ଷ ନିଯୁକ୍ତ କରାଯାଇଛି। ସେହିଭଳି ହରିୟାଣାରେ ଅର୍ଚ୍ଚନା ଗୁପ୍ତାଙ୍କୁ ରାଜ୍ୟ ସଭାପତି ଘୋଷଣା କରାଯାଇଛି। ତ୍ରିପୁରାରେ ଅଭିଷେକ ଦେବରାୟ ଏବଂ ପଞ୍ଜାବରେ କେବଳ ସିଂହ ଢିଲ୍ଲୋଙ୍କୁ ରାଜ୍ୟ ସଭାପତି ଭାବରେ ନିଯୁକ୍ତ କରାଯାଇଛି।

ହର୍ଷ ମାଲହୋତ୍ରା ଏବେ କେନ୍ଦ୍ର ସରକାରରେ କର୍ପୋରେଟ ବ୍ୟାପାର ଏବଂ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ପଦରେ ଅଛନ୍ତି। ସେ ବିରେନ୍ଦ୍ର ସଚଦେବାଙ୍କ ସ୍ଥାନ ନେବେ। ହର୍ଷ ମାଲହୋତ୍ରା ୨୦୨୪ ଲୋକସଭା ନିର୍ବାଚନରେ ପୂର୍ବ ଦିଲ୍ଲୀ ସିଟରୁ ସାଂସଦ ହୋଇଥିଲେ। ସେ କର୍ପୋରେଟର ସହ ପୂର୍ବ ଦିଲ୍ଲୀ ନଗର ନିଗର (ଋଡଗଡ)ର ମେୟର ମଧ୍ୟ ରହିସାରିଛନ୍ତି। ଦିଲ୍ଲୀରେ ଆପ୍ ବିରୋଧରେ ପାର୍ଟିକୁ ଆହୁରି ମଜବୁତ କରିବା



ଉଦ୍ଦେଶ୍ୟରେ ତାଙ୍କର ଚୟନକୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଭାବରେ ଦେଖାଯାଉଛି।

ହରିୟାଣାରେ ଦଳ ବଡ଼ ସାଂଗଠନିକ ପରିବର୍ତ୍ତନ କରିବା ସହ ମୋହନ ଲାଲ ବଡେ?ଲୀଙ୍କୁ ହଟାଇ ଡା. ଅର୍ଚ୍ଚନା ଗୁପ୍ତାଙ୍କୁ ନୂଆ ରାଜ୍ୟ ସଭାପତି ଭାବରେ ନିଯୁକ୍ତ କରିଛନ୍ତି। ଡା. ଅର୍ଚ୍ଚନା ଗୁପ୍ତା ଏହା ପୂର୍ବରୁ ପାନିପତ ଜିଲ୍ଲା ସଭାପତି ଭାବରେ କାମ କରିସାରିଛନ୍ତି। ଜାଟ ଏବଂ ଅଣ- ଜାଟ ସମୀକରଣ ଏବଂ ରାଜ୍ୟରେ ମହିଳାଙ୍କ ଭାଗିଦାରୀ ବାର୍ତ୍ତା ଦେବା ପାଇଁ ଅର୍ଚ୍ଚନା ଗୁପ୍ତାଙ୍କୁ ଏହି ବଡ଼ ଦାୟିତ୍ୱ ଦିଆଯାଇଛି।

ପଞ୍ଜାବରେ ସୁନୀଲ ଜାଖଡ଼ଙ୍କ ତିନି ବର୍ଷର କାର୍ଯ୍ୟକାଳ ସମାପ୍ତ ହେବା ପରେ ପୂର୍ବତନ ବିଧାୟକ କେବଳ ସିଂହ ଢିଲ୍ଲୋଙ୍କୁ ରାଜ୍ୟର ନୂଆ ସଭାପତି ନିଯୁକ୍ତ କରାଯାଇଛି। ୭୫ ବର୍ଷୀୟ ଢିଲ୍ଲୋ ୨୦୦୭ରୁ ୨୦୧୭ ପର୍ଯ୍ୟନ୍ତ ବରନାଲାରୁ ବିଧାୟକ ହୋଇଥିଲେ। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ଅମରିନ୍ଦର ସିଂହଙ୍କ ଖୁବ୍ ଘନିଷ୍ଠ। କଂଗ୍ରେସର ପଞ୍ଜାବ ନିର୍ବାଚନରେ ପରାଜୟ ପରେ, ଢିଲ୍ଲୋ ୨୦୨୨ ଜୁନରେ ବିଜେପିରେ ସାମିଲ ହୋଇଥିଲେ। ଏହା ପୂର୍ବରୁ ସେ ପଞ୍ଜାବ ବିଜେପିର ଉପାଧ୍ୟକ୍ଷ ଭାବରେ କାମ କରୁଥିଲେ। ମାଲୱା କ୍ଷେତ୍ରରେ ତାଙ୍କ ମଜବୁତ ନେତୃତ୍ୱ ଏବଂ ଶିଖ୍ ନେତା ହୋଇଥିବା କାରଣରୁ ତାଙ୍କ ଉପରେ ଦଳ ଭରଷା କରିଛି। ପୂର୍ବୋତ୍ତର ରାଜ୍ୟ ତ୍ରିପୁରାରେ ରାଜୀବ ଭଟ୍ଟାଚାର୍ଯ୍ୟଙ୍କ ସ୍ଥାନରେ ଯୁବ ବିଧାୟକ ଅଭିଷେକ ଦେବରାୟଙ୍କୁ ରାଜ୍ୟ ସଭାପତି ଦାୟିତ୍ୱ ଦିଆଯାଇଛି। ୪୦ ବର୍ଷୀୟ ଦେବରାୟ ଗୋମତୀ ଜିଲ୍ଲାର ମାତାବଡ଼ୀ ବିଧାନସଭା କ୍ଷେତ୍ରରୁ ବର୍ତ୍ତମାନ ବିଧାୟକ ଅଛନ୍ତି। ୨୦୨୩ରେ ସେ ତ୍ରିପୁରା ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ବଡ଼ ଭୋଟ ବ୍ୟବଧାନରେ ହରାଇ ପ୍ରଥମ ଥର ବିଧାନସଭାକୁ ଯାଇଥିଲେ। ଫାର୍ମାସୀରେ ସ୍ନାତକ କରିଥିବା ଦେବରାୟ ପାର୍ଟିର ଯୁବ ଭୋଟର ଏବଂ କାର୍ମିଙ୍କ ମଧ୍ୟରେ ବେଶ୍ ପରିଚିତ।

## ଗୁଜରାଟ ଛାତ୍ରୀଙ୍କୁ କାନାଡ଼ାରେ ଛୁରୀ ଭୁସି ହତ୍ୟା

ନୂଆଦିଲ୍ଲୀ: କାନାଡାରେ ଭାରତୀୟ ଛାତ୍ରୀଙ୍କୁ ଛୁରୀ ଭୁସି ହତ୍ୟା ଅଭିଯୋଗ। ମୃତକ ହେଉଛନ୍ତି ଗୁଜରାଟ ଆନନ୍ଦ ଜିଲ୍ଲା ବୋରସାଦର ବିଧି ମେଘା। ଗତ ମେ ୧୫ ତାରିଖରୁ ବିଧି ନିଖୋଜ ଥିବା ବେଳେ, ଗତକାଲି କାନାଡ଼ା ଆମେରିକା ସୀମା ନାଏଗାରା ଅଞ୍ଚଳରୁ ତାଙ୍କ ମୃତ ଦେହ ଉଦ୍ଧାର କରାଯାଇଛି।

ସୂଚନା ଅନୁସାରେ, ବିଧି କାନାଡାରେ ରହି ଲ' ପାଠ ପଢୁଥିଲେ ଏହା ସହ ସେଠାରେ କାମ ମଧ୍ୟ କରୁଥିଲେ। ସେ କାନାଡାର ସ୍ଥାୟୀ ବାସିନ୍ଦା ପାଇଁ ଆବେଦନ କରିବାକୁ ପ୍ରସ୍ତୁତି ମଧ୍ୟ କରୁଥିଲେ। ତେବେ ଗତ ମେ ୧୫ ତାରିଖରୁ ତାଙ୍କର ନିଖୋଜ ହୋଇଯାଇଥିବା ନେଇ ଖବର ଆସିଥିଲା। ଆଉ ତଦନ୍ତକ୍ରମେ ପୋଲିସ ୨୨ ବର୍ଷୀୟ ଛାତ୍ରୀଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରିଛି। ତାଙ୍କ ଶରୀରରେ



ଗଭୀର କ୍ଷତ ଥିବାରୁ ତାଙ୍କୁ ଛୁରୀ ଭୁସି ହତ୍ୟା କରାଯାଇଥିବା ଜଣାପଡ଼ିଛି। ସେପଟେ କାନାଡ଼ା ଅଧିକାରୀ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାରେ ସଂପୃକ୍ତ ଅଭିଯୁକ୍ତର ଖୋଜ ଜାରି ରହିଛି। ଖୁବଶୀଘ୍ର ଅଭିଯୁକ୍ତ ଧରାପଡ଼ିବା ନେଇ କହିଛନ୍ତି ପୋଲିସ ଅଧିକାରୀ। ବିଧିଙ୍କ ମୃତ୍ୟୁ ଖବର ପରିବାର ଲୋକଙ୍କୁ ଦିଆଯାଇଛି। ତେବେ ବିଧିଙ୍କ ହତ୍ୟା ଖବର ପୁଣି ଥରେ ବିଦେଶରେ ରହୁଥିବା ଭାରତୀୟ ଛାତ୍ରଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ାଇଛି। କାରଣ ଗତ କିଛି ବର୍ଷ ମଧ୍ୟରେ, ବିଭିନ୍ନ ଦେଶରେ ଭାରତୀୟ ବଂଶୋଦ୍ଭବ ଏବଂ ଛାତ୍ରମାନଙ୍କ ଉପରେ ଆକ୍ରମଣ, ଡକାୟତି ଏବଂ ହିଂସାତ୍ମକ ଅପରାଧ ସହିତ ଜଡିତ ଅନେକ ମାମଲା ସାମ୍ନାକୁ ଆସିଛି। ଏହା ପୂର୍ବରୁ ଡିସେମ୍ବର ୨୦୨୫ରେ ଟୋରଣ୍ଟୋ ବିଶ୍ୱବିଦ୍ୟାଳୟର ସ୍କାରବୋରୋ କ୍ୟାମ୍ପସ ନିକଟରେ ୨୦ ବର୍ଷୀୟ ଭାରତୀୟ ଡକ୍ଟରେଟ୍ ଛାତ୍ର ଶିବାଙ୍କ ଅବସ୍ଥିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା।ପରେ ତାଙ୍କର ମୃତଦେହ ହାଇଲ୍ୟାଣ୍ଡ କ୍ରିକ୍ ଟ୍ରେଲ୍ ନିକଟରେ ମିଳିଥିଲା। ସେହିଭଳି ୨୦୨୫ ଏପ୍ରିଲରେ, ହାମିଲଟନରେ ୨୧ ବର୍ଷୀୟ ଭାରତୀୟ ଛାତ୍ରୀ ହରସିମରତ ରନ୍ଧାୱାଙ୍କ ମୃତ୍ୟୁ ହୋଇଥିଲା। ଦୁଇ ଗୋଷ୍ଠୀ ମଧ୍ୟରେ ଗୁଳିବିନିମୟ ସମୟରେ ବସ୍ ଷ୍ଟପରେ ଠିଆ ହୋଇଥିବା ହରସିମରତଙ୍କ ଦେହରେ ଗୁଳି ବାଜିବାରୁ ତାଙ୍କର ମୃତ୍ୟୁ ହୋଇଥିଲା।

# ଖୁବଶୀଘ୍ର ବଦଳିବାକୁ ଯାଉଛି ପେଟ୍ରୋଲ ପକାଇବାର ନିୟମ

ନୂଆଦିଲ୍ଲୀ : ଭାରତରେ ପେଟ୍ରୋଲ ପମ୍ପର ଗ୍ରାହକମାନେ ଖୁବ ଶୀଘ୍ର ବିଭିନ୍ନ ପ୍ରକାରର ଇଥାନଲ-ମିଶ୍ରିତ ପେଟ୍ରୋଲ ବାଛିବାର ବିକଳ୍ପ ପାଇପାରିବେ, ଯାହା ସେମାନଙ୍କର ନିର୍ଦ୍ଦିଷ୍ଟ ଯାନ ପାଇଁ ଉପଯୁକ୍ତ। ସରକାର ଋ୨୦, ଋ୨୨, ଋ୨୫, ଏବଂ ଋ୩୦ ଭଳି ଅନେକ ଇଥାନଲ-ମିଶ୍ରିତ ପେଟ୍ରୋଲ ପ୍ରକାର ବଜାରରେ ପ୍ରବେଶ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ପଦକ୍ଷେପ ପଛରେ ଉଦ୍ଦେଶ୍ୟ ହେଉଛି ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ସ୍ୱଚ୍ଛ ଇନ୍ଧନକୁ ପ୍ରୋତ୍ସାହିତ କରିବା। ସରକାର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଇଣ୍ଡିଆନ ଅଏଲ କର୍ପୋରେସନ, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ତାନ



ପେଟ୍ରୋଲିୟମ ଏବଂ ଜିଓ-ବିପି ମୋବିଲିଟି, ନାୟାରା ଏନର୍ଜି ଏବଂ ସେଲ ଭଳି ଘରୋଇ ଖେଳାଳିମାନଙ୍କୁ ଏହି ରୋଲଆଉଟ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ବିକାଶ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନୂତନ ଢାଞ୍ଚା ଅଧୀନରେ, ପେଟ୍ରୋଲ ପମ୍ପଗୁଡ଼ିକରେ ପ୍ରତ୍ୟେକ ଇଥାନଲ-ମିଶ୍ରିତ ଇନ୍ଧନ ପ୍ରକାରକୁ ସ୍ପଷ୍ଟ ଭାବରେ ଚିହ୍ନଟ କରାଯିବ। ଡିସପେନ୍ସର୍ ପେଟ୍ରୋଲ ସହିତ ମିଶ୍ରିତ ଇଥାନଲ ପ୍ରତିଶତ ସ୍ପଷ୍ଟ ଭାବରେ ପ୍ରଦର୍ଶନ କରିବେ, ଯାହା ଗ୍ରାହକମାନଙ୍କୁ ସେମାନଙ୍କ ଯାନ ପାଇଁ ଉପଯୁକ୍ତ ବିକଳ୍ପ ଚୟନ କରିବାକୁ ସକ୍ଷମ କରିବ। ଏହାକୁ ସହଜ କରିବା ପାଇଁ, ପୃଥକ ଷ୍ଟୋରେଜ ଟ୍ୟାଙ୍କ, ମିଶ୍ରଣ ପ୍ରଣାଳୀ ଏବଂ ଗୁଣବତ୍ତା ମନିଟରିଂ ତନ୍ତ୍ର ମଧ୍ୟ ପ୍ରତିଷ୍ଠା କରାଯିବ। ବର୍ତ୍ତମାନ, ଦେଶର ଅଧିକାଂଶ ପେଟ୍ରୋଲ ପମ୍ପରେ ଋ୨୦ ପେଟ୍ରୋଲ ଉପଲବ୍ଧ। ତଥାପି, ଇଥାନଲ ଶିଳ୍ପ ଦୀର୍ଘ ଦିନ ଧରି ମିଶ୍ରଣ ଅନୁପାତ ୨୦ ପ୍ରତିଶତରୁ ଅଧିକ କରିବା ପାଇଁ ସମର୍ଥନ କରିଆସୁଛି। ଶିଳ୍ପ ବିଶେଷଜ୍ଞମାନେ ଯୁକ୍ତି ଦିଅନ୍ତି ଯେ ଭାରତର ଇଥାନଲ ଉତ୍ପାଦନ ଏବେ ଘରୋଇ ଆବଶ୍ୟକତାକୁ ଅତିକ୍ରମ କରିସାରିଛି, ଯାହା ଫଳରେ ନୂତନ ମିଶ୍ରଣ ବିକଳ୍ପର ପ୍ରଚଳନ ଏକ ଆବଶ୍ୟକତା ପାଲଟିଯାଇଛି। ସରକାରୀ ତଥ୍ୟ ଅନୁଯାୟୀ, ନଭେମ୍ବର ୨୦୧୪ ରୁ ଫେବୃଆରୀ ୨୦୨୬ ମଧ୍ୟରେ ଇଥାନଲ ମିଶ୍ରଣ ଦେଶ ପାଇଁ ପ୍ରାୟ ୧.୭ ଲକ୍ଷ କୋଟି ସଞ୍ଚୟ କରିଛି। ଏହା ବ୍ୟତୀତ, ଏହି ପଦକ୍ଷେପ କାର୍ବନ ନିର୍ଗମନରେ ଯଥେଷ୍ଟ ହ୍ରାସ ଆଣିଛି। ତଥାପି, ଯାନବାହାନ ମାଇଲେଜ ଏବଂ ଇଞ୍ଜିନ କାର୍ଯ୍ୟଦକ୍ଷତା ଉପରେ ଉଚ୍ଚ-ଇଥାନଲ ପେଟ୍ରୋଲ ମିଶ୍ରଣର ସମ୍ଭାବ୍ୟ ପ୍ରଭାବ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ଚିନ୍ତା ଜାରି ରହିଛି। ତଥାପି, ସରକାର ଦାବି କରିଛନ୍ତି ଯେ ଋ୨୦ ପରି ଇନ୍ଧନ ଯାନର ପିକଅପ ଉନ୍ନତ କରେ ଏବଂ ମାଇଲେଜ ବିଶେଷ ଭାବରେ ପ୍ରଭାବିତ କରେ ନାହିଁ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ, ନିକଟ ଭବିଷ୍ୟତରେ, ଭାରତର ଗ୍ରାହକମାନେ ବ୍ରାଜିଲର ଗ୍ରାହକମାନଙ୍କ ପରି ସେମାନଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତା ଅନୁସାରେ ବିଭିନ୍ନ ଇଥାନଲ ମିଶ୍ରଣ ସହିତ ପେଟ୍ରୋଲ ବାଛିପାରିବେ।

## ପାଞ୍ଚ ଜଣଙ୍କୁ ଚାପିଦେଲା ବାଲି ବୋଝେଇ ଟ୍ରକ

ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶ ବାନ୍ଦା ଜିଲ୍ଲା ବିସଣ୍ଡାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବାଲି ଭର୍ତ୍ତି ଟ୍ରକ ୫ ଜଣଙ୍କୁ ଚାପି ଦେବାରୁ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ଘଟଣାରେ ଅନ୍ୟ ୫ ଜଣ ଗୁରୁତର ରହିଛନ୍ତି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି । ପୋଲିସ ଅଧିକ୍ଷକ ଡାକ୍ତର ଶିବରାଜ କହିଛନ୍ତି, ବୁଧବାର ସନ୍ଧ୍ୟା ୪.୩୦ ସମୟରେ ବିସଣ୍ଡା ପୂର୍ବରୁ ଲୋଲି ଶିବ ଗାଁ ନିକଟରେ ବାଲି ଭର୍ତ୍ତି ଟ୍ରକ ଅବସରପ୍ରାପ୍ତ ଶିକ୍ଷକ ରାମେଶ୍ୱରଙ୍କୁ ଧକ୍କା ଦେଇଥିଲା । ଏହାପରେ ଘଟଣା ସ୍ଥଳରେ ତାଙ୍କର ଜୀବନ ଚାଲିଯାଇଥିଲା । ଏହାପରେ କିଛି ଲୋକ ବାଇକ୍ ଯୋଗେ ଫେରାର ଟ୍ରକର ପିଛା କରିଥିଲେ । ଆଉ ନାଥୁ ନିକଟରେ ଇ-ରିକ୍ସାକୁ ଧକ୍କା ଦେବା ପରେ ଟ୍ରକ ଓଲଟି ପଡିଥିଲା । ଏହି ଘଟଣାରେ ୪ ଜଣ ଲୋକଙ୍କ ଜୀବନ ଚାଲିଯାଇଥିଲା । ଏହି ଦୁର୍ଘଟଣାରେ ଅନ୍ୟ ୫ ଜଣ ମଧ୍ୟ ଆହତ ହୋଇଛନ୍ତି । ସେମାନଙ୍କର ଚିକିତ୍ସା ଚାଲିଛି ।

ଭୁବନେଶ୍ୱର, ଶୁକ୍ରବାର ୨୯ ମଇ ୨୦୨୬
Bhubaneswar, Friday 29 May, 2026
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ


# ହାଇଦ୍ରାବାଦ ନିରାଶ, କ୍ୱାଲିଫାୟର-୨ରେ ରାଜସ୍ଥାନ

ନ୍ୟୁ ଚଣ୍ଡିଗଡ:,୨୮।୫ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ଏଲିମିନେଟରରେ ରାଜସ୍ଥାନ ରୟାଲ୍ସ ଦମଦାର ପ୍ରଦର୍ଶନ କରିଛି। ଉଭୟ ବ୍ୟାଟିଂ ଏବଂ ବୋଲିଂ କ୍ଷେତ୍ରରେ ସଫଳ ରଣନୀତି ପ୍ରସ୍ତୁତ କରି ସନରାଇଜର୍ସ ହାଇଦ୍ରାବାଦକୁ ରାଜସ୍ଥାନ ପରାସ୍ତ କରିଛି। ଏହି ବିଜୟ ହାସଲ ସହିତ ରାଜସ୍ଥାନ କ୍ୱାଲିଫାୟର-୨ ପାଇଁ ଯୋଗ୍ୟତା ଅର୍ଜନ କରିଛି। ମେ ୨୯ରେ ନ୍ୟୁ ଚଣ୍ଡିଗଡରେ ଗୁଜରାଟ ଟାଇଟନ୍ସକୁ ରାଜସ୍ଥାନ ଭେଟିବ। ମେ ୩୧ର ବିଜୟୀ ଦଳ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଫାଇନାଲ ମୁକାବିଲାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଭେଟିବ।

ହାଇଦ୍ରାବାଦ ୨୪୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। କିନ୍ତୁ ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ଦଳ ୫୭ ରନ୍‌ରେ ଆଗଧାଡିର ୪ଜଣ ବିସ୍ଫୋରକ ବ୍ୟାଟରଙ୍କୁ ହରାଇଥିଲା। ଅଭିଷେକ ଶର୍ମା ଖାତା ଖୋଲିପାରି ନଥିଲେ। ଈଶାନ କିଶନ ୩୩ ରନ୍ କରିଥିଲେ। ସେ ୧୧ଟି ବଲ୍ ଖେଳି ୩ଟି ଚେକା ଏବଂ ୩ଟି ଛକା ମାରି ଦଳକୁ ଆଶାର ଆଲୋକ ଦେଖାଉଥିବା ବେଳେ ଆଉଟ୍ ହୋଇଥିଲେ। ସମରନ ରବିଚନ୍ଦ୍ରନ ମାତ୍ର ୧ ରନ୍ କରିଥିଲା ବେଳେ ଟ୍ରାଭିସ ହେଡ୍ ୧୭ ରନ୍ କରି ପାଭିଲିଅନ ଫେରି ଆସିଥିଲେ। ହାଇଦ୍ରାବାଦ ୧୯.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୯୬ ରନ୍ କରିପାରିଛି। ଫଳରେ ରାଜସ୍ଥାନ ଠାରୁ ୪୭ ରନ୍‌ରେ ପରାସ୍ତ ହୋଇଛି।





ସେହିପରି ହେନରିକ୍ କ୍ଲାସେଁ (୧୮), ନୀତିଶ କୁମାର ରେଡ୍ଡି (୩୮) ଏବଂ ଅଧିନାୟକ ପେଟ୍ କମିନ୍ସ (୧) ମଧ ଅଧିକ ସମୟ ପର୍ଯ୍ୟନ୍ତ ତିଷ୍ଠି ପାରି ନଥିଲେ। ଆଖି ଆଗରେ ବିଶାଳ ସ୍କୋର ଲକ୍ଷ୍ୟ ଥିବା ବେଳେ ହାଇଦ୍ରାବାଦର କେଣସି ବ୍ୟାଟର କ୍ରିଜରେ ବେଶୀ ସମୟ ପର୍ଯ୍ୟନ୍ତ ତିଷ୍ଠି ପାରି ନଥିଲେ। ଆଜି ନ୍ୟୁ ଚଣ୍ଡିଗଡର ମୁଲ୍ଲାଁପୁରସ୍ଥିତ ମହାରାଜା ଯଦବିନ୍ଦର ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଟସ୍ ଜିଣି ହାଇଦ୍ରାବାଦ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ରାଜସ୍ଥାନ ବ୍ୟାଟିଂ କରିବାକୁ ପଡିଆରେ ଓହ୍ଲାଇଥିଲା। ରିୟାନ ପରାଗଙ୍କ ନେତୃତ୍ୱରେ ତଥା ଯୁବ ବ୍ୟାଟର ବେଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୨୪୩ ରନ୍ ସଂଗ୍ରହ କରିଥିଲା।

ରାଜସ୍ଥାନ ଯୁବ ଖେଳାଳି ବେଭବ ସୂର୍ଯ୍ୟବଂଶୀ ନିଜର ବିସ୍ଫୋରକ ବ୍ୟାଟିଂରେ ଆଜି ଧମାକା କରିଛନ୍ତି। ବେଭବ ଆଇପିଏଲ୍ ଇତିହାସରେ ଗୋଟିଏ ସଂସ୍କରଣରେ ସର୍ବାଧିକ ଛକା ମାରିଥିବା ବ୍ୟାଟରଙ୍କ ତାଲିକାର ଶୀର୍ଷରେ ସ୍ଥାନ ପାଇଛନ୍ତି। ଆଜି ସେ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ବେଭବ ୨୯ଟି ବଲ୍ ଖେଳି ୯୭ ରନ୍ ସଂଗ୍ରହ କରିଛନ୍ତି। ଏଥିରୁ ୯୨ ରନ୍ କେବଳ ବାଉଣ୍ଡ୍ରିରୁ ଆସିଛି। ସେ ୫ଟି ଚେକା ଏବଂ ୧୨ଟି ଛକା ମାରିଛନ୍ତି। ୩୩୪.୪୮ ଷ୍ଟ୍ରାଇକ୍ ରେଟ୍‌ରେ ସେ ଯେତେବେଳେ ବ୍ୟାଟିଂ କରିଥିଲେ, ନ୍ୟୁଚଣ୍ଡିଗଡରସ୍ଥିତ ମହାରାଜା ଯଦବିନ୍ଦର ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ ଉଛୁଳି ପଡୁଥିଲା। ବେଭବ ପ୍ରଫୁଲ୍ଲ ହିଙ୍ଗେଙ୍କ ବଲ୍ ସ୍ମରଣ ରବିଚନ୍ଦ୍ରନଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ।

ରାଜସ୍ଥାନ ପାଇଁ ଯଶସ୍ୱୀ ଜୟସ୍ୱାଲ ଏବଂ ବେଭବ ସୂର୍ଯ୍ୟବଂଶୀ ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ପ୍ରାରମ୍ଭିକ ପ୍ରଥମ ୱିକେଟ୍ ପାଇଁ ୮ ଓଭରରେ ୧୨୫ ରନ୍ ସଂଗ୍ରହ କରିଥିଲେ। ଏଥିରୁ ବେଭବ ୯୭ ରନ୍ କରିଥିଲେ। ହାଇଦ୍ରାବାଦର ଦ୍ୱିତୀୟ ଶିକାର ହୋଇଥିଲେ ଜୟସ୍ୱାଲ। ସେ ବ୍ୟକ୍ତିଗତ ସ୍କୋର ୨୯ ରନ୍ ଥିଲା। ସେ ୨୯ଟି ବଲ୍ ଖେଳି ୪ଟି ଚେକା ମାରିଥିଲେ। ସେହି ସମୟରେ ଦଳର ସ୍କୋର ୧୩୭ ରନ୍ ଥିଲା। ସେହିପରି ତୃତୀୟ ୱିକେଟ୍ ବେଳକୁ ହାଇଦ୍ରାବାଦ ୧୯୨ ରନ୍ ସଂଗ୍ରହ କରିଥିଲା। ଏହି ସମୟରେ ଧ୍ରୁବ ଜୁରେଲ ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ସେ ୨୧ଟି ବଲ୍ ଖେଳି ୫ଟି ଚେକା ,ବଂ ୩ଟି ଛକା ବଳରେ ୫୦ ରନ୍ କରିଥିଲେ।

## ଆଜି ଗୁଜରାଟକୁ କରିବ ମୁକାବିଲା

ହାଇଦ୍ରାବାଦର ଚତୁର୍ଥ ଶିକାର ହୋଇଥିଲେ ଅଧିନାୟକ ରିୟାନ ପରାଗ। ସ୍କୋର ୨୦୭ ରନ୍ ଥିଲା ବେଳେ ସେ ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ସେ ୧୨ଟି ବଲ୍ ଖେଳି ୨ଟି ଚେକା ଏବଂ ୨ଟି ଛକା ମାରିଥିଲେ। ରାଜସ୍ଥାନ ପଞ୍ଚମ ୱିକେଟ୍ ଭାବେ ଦାସୁନ ଶନକା (୫ରନ୍)ଙ୍କୁ ହରାଇଥିଲା। ଜୋଫ୍ରା ଆର୍ଚ୍ଚର ୪ ରନ୍ କରିଥିଲେ। ନାନ୍ଦ୍ରେ ବର୍ଗର ୧ ରନ୍‌ଏ ରବୀନ୍ଦ୍ର ଜାଡେଜା ଅପରାଜିତ ୧୨ ରନ୍ ଏବଂ ସୁଶାନ୍ତ ମିଶ୍ରା ଅପରାଜିତ ୧ ରନ୍ କରିଥିଲେ। ହାଇଦ୍ରାବାଦ ପାଇଁ ପ୍ରଫୁଲ୍ଲ ହିଙ୍ଗେ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଈଶାନ ମାଲିଙ୍ଗା, ଶିବାଙ୍ଗ କୁମାର ଏବଂ ନିତିଶ କୁମାର ରେଡ୍ଡିଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

## ବେଭବ ନୂଆ 'ଛକା ମେସିନ୍': ଗେଲ୍

ଲଣ୍ଡନ: ବୁଧବାରର ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଏଲିମିନେଟର୍ ମୁକାବିଲାରେ ୧୨ଟି ଛକା ମାରି ରାଜସ୍ଥାନ ରୟାଲ୍‌ସର କିଶୋର କ୍ରିକେଟ୍ ବୀର ବେଭବ ସୂର୍ଯ୍ୟବଂଶୀ ଆଇପିଏଲ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ଛକା ମାରିବାର ରେକର୍ଡ କରିଛନ୍ତି। ଏହି କ୍ରମରେ ସେ ୱେଷ୍ଟଇଣ୍ଡିଜ୍‌ର ଦୁର୍ଦ୍ଧର୍ଷ ଓପନର୍ କ୍ରିସ୍ ଗେଲ୍‌ଙ୍କୁ ଟପି ଥିଲେ। ବେଭବଙ୍କ ଏହି ଐତିହାସିକ ସଫଳତା ଗେଲ୍‌ଙ୍କୁ ମଧ ପ୍ରଭାବିତ କରିଛି। ସେଥିପାଇଁ ସେ ଏହି ୧୫ବର୍ଷୀୟ ବିସ୍ମୟ ବ୍ୟାଟରଙ୍କୁ ନୂଆ 'ଛକା ମେସିନ୍'ର ଉପାଧି ପ୍ରଦାନ କରିଛନ୍ତି। ବେଭବଙ୍କ ସ୍ମରଣୀୟ ପାଳି ଦେଖିଲା ପରେ ଗେଲ୍ ଟ୍ୱିଟ୍ କରିଛନ୍ତି ଯେ ବେଭବ ତୁମେ ଅପ୍ରତିଦ୍ୱନ୍ଦ୍ୱୀ ତାରକା। ଯୁବବୀର ତୁମେ ଆମର ଖୁବ୍ ମନୋରଞ୍ଜନ କଲ। ତୁମେ ହିଁ ଅସଲ ଛକା ମେସିନ। ଏହି ଟ୍ୱିଟ୍‌ରେ ଗେଲ୍ ବୈଭବଙ୍କ ଏକ ଫଟୋ ସାମିଲ କରି ତା' ଉପରେ 'ୟୁନିଭର୍ସାଲ୍ ବେବି ବସ୍' ଲେଖିଛନ୍ତି। ଗେଲ୍ ନିଜକୁ ସବୁବେଳେ ୟୁନିଭରସାଲ୍ ବସ୍ ଭାବେ ଅବିହିତ କରୁଥିଲା ବେଳେ ବେଭବଙ୍କୁ 'ୟୁନିଭର୍ସାଲ୍ ବେବି ବସ୍' କହି ତାଙ୍କର ପ୍ରଶଂସକ ପାଲଟି ଯାଇଥିବାର ସଙ୍କେତ ଦେଇଛନ୍ତି।

# କଳିଙ୍ଗରେ ଏସୀୟ ଇନ୍‌ଡୋର ଆଥଲେଟିକ୍ସ ଓଡିଶା ପାଇଁ ଗର୍ବର ମୂହୂର୍ତ୍ତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୫: ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ହେବ ୨୦୨୮ ଏସୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍ । ସେହିପରି ଆସନ୍ତା ବର୍ଷ ହେବାକୁ ଥିବା ଏସୀୟ ରିଲେ ଚାମ୍ପିଅନସିପ୍‌ର ଆୟୋଜନ ଦାୟିତ୍ୱ ଚଣ୍ଡିଗଡ଼କୁ ପ୍ରଦାନ କରାଯାଇଛି। ହଂକଂରେ ଅନୁଷ୍ଠିତ ଏସୀୟ ଖେଳକୁଦ ପରିଷଦ (ଏଏଏ)ର ପରିଚାଳନା ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ବିଶ୍ୱ ଖେଳକୁଦ ମହାସଂଘର ଉପସଭାପତି ଆଦିଲ ସୁମାରିୱାଲା ଘୋଷଣା କରିଛନ୍ତି। ଏହି ଦୁଇ ପ୍ରତିଯୋଗିତା ଆୟୋଜନ ଲାଗି ଗତ ବର୍ଷ ଭାରତୀୟ ଖେଳକୁଦ ମହାସଂଘ ଦାବି ଉପସ୍ଥାପନ କରିଥିଲା।



କଳିଙ୍ଗ ଷ୍ଟାଡିୟମ୍‌ରେ ୨୦୨୮ ମାର୍ଚ୍ଚ ୩ରୁ ୫ ମଧ୍ୟରେ ବିଶ୍ୱ ଇନ୍‌ଡୋର୍ ଆଥଲେଟିକ୍ସ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏହା ପୂର୍ବରୁ ସମ୍ଭବତଃ ଫେବ୍ରୁଆରିରେ ଏସୀୟ ଇନ୍‌ଡୋର ଚାମ୍ପିଅନସିପ୍ ଆୟୋଜନ ହେବାର ସମ୍ଭାବନା ରହିଛି। ସେହିପରି ଚଣ୍ଡିଗଡ଼ରେ ହେବାକୁ ଥିବା ଏସୀୟ ରିଲେ ଚାମ୍ପିଅନ୍‌ସିପ୍‌ର ଏହା ତୃତୀୟ ସଂସ୍କରଣ ହେବ। ପ୍ରଥମ ସଂସ୍କରଣ ବ୍ୟାଙ୍କକ୍‌ରେ ୨୦୨୪ରେ ହୋଇଥିବାବେଳେ ଓ ଦ୍ୱିତୀୟ ସଂସ୍କରଣ ଚଳିତ ବର୍ଷ ଜୁନ ୨୦ରୁ ୨୧ ପର୍ଯ୍ୟନ୍ତ ଚୀନର ସାଓସିଙ୍ଗ୍‌ରେ ଅନୁଷ୍ଠିତ ହେବ।

ଓଡିଶାକୁ ଏସୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ଆୟୋଜନ ଦାୟିତ୍ୱ ମିଳିବାକୁ ନେଇ ଆନନ୍ଦ ପ୍ରକାଶ କରିବା ସହ ଭାରତୀୟ ଖେଳକୁଦ ମହାସଂଘକୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓଡ଼ିଶା ଓ ଭାରତ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ ବୋଲି ବର୍ଣ୍ଣନା କରି ସେ କହିଛନ୍ତି ଯେ ଏହି ଦାୟିତ୍ୱ ମିଳିବା ସହ ଓଡ଼ିଶା ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କ୍ଷେତ୍ରରେ ନିଜର ସ୍ଥାନକୁ ଆହୁରି ସୁଦୃଢ କରିଛି। ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶାର ଆଉ ଏକ ବଡ଼ ସଫଳତା ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ କଳିଙ୍ଗ ଷ୍ଟାଡିୟମ୍‌ର ନବନିର୍ମିତ ଇନ୍‌ଡୋର ଷ୍ଟାଡିୟମ୍‌ରେ ପୂର୍ବରୁ ପ୍ରଥମ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ସହ ଜାତୀୟ ମିଳିତ କ୍ରୀଡା ଏବଂ ଓପନ୍ ପୋଲଭଲ୍‌ଟ ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଯାଇଛି। ଉଭୟ ଏସୀୟ ଓ ବିଶ୍ୱ ଇନ୍‌ଡୋର ଆଥଲେଟିକ୍ସର ଆୟୋଜନ ଅଧିକାର ମିଳିବା ଓଡିଶା କ୍ରୀଡାର ସ୍ୱର୍ଣ୍ଣିମ ଇତିହାସରେ ନୂଆ ଫର୍ଦ୍ଦ ଯୋଡି ହେବାର ପ୍ରତିଶ୍ରୁତି ନେଇ ଆସିଛି।

# ବୈଭବଙ୍କୁ ପ୍ରଶଂସା କଲେ ପରେ କମିନ୍ସ

ନୂଆଦିଲ୍ଲୀ: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଉନ୍ନବିଂଶ ସଂସ୍କରଣର ଏଲିମିନେଟରରେ ରାଜସ୍ଥାନ ରୟାଲ୍ସର ବିସ୍ଫୋରକ ବ୍ୟାଟର ବେଭବ ସୂର୍ଯ୍ୟବଂଶୀ ଏଭଳି ବ୍ୟାଟିଂ କଲେ, ଯାହା ସନରାଇଜର୍ସ ହାଇଦ୍ରାବାଦର ପୂରା ଅଭିଯାନକୁ ଶେଷ କରିଦେଇଥିଲା। ୧୫ ବର୍ଷୀୟ ବିସ୍ମୟ ବାଳକ ୨୯ଟି ବଲ୍‌ର ସାମ୍ନା କରିଥିଲେ ଏବଂ ଏଥିରୁ ସେ ୧୨ଟି ଛକା ଏବଂ ୫ଟି ଚୌକା ବଳରେ ୯୭ ରନ୍ ସଂଗ୍ରହ କରିଥିଲେ। ବେଭବଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ସ୍କୋର ୨୪୩/୮ କରିଥିଲା। ଜବାବରେ ସନରାଇଜର୍ସ ହାଇଦ୍ରାବାଦ ସମସ୍ତ ୱିକେଟ୍ ହରାଇ ୧୯୭ ରନ୍ କରିଥିଲା ଏବଂ ମୁକାବିଲାରେ ୪୭ ରନ୍‌ରେ ପରାସ୍ତ ହୋଇଥିଲା। ମ୍ୟାଚ୍ ପରେ ପୁରସ୍କାର ବିତରଣ ସମାରୋହରେ ହାଇଦ୍ରାବାଦର ଅଧିନାୟକ ପେଟ କମିନ୍ସ ଦେଇଥିବା ପ୍ରତିକ୍ରିୟା ଉପରେ ଭାରତୀୟ କ୍ରିକେଟ୍ ଟିମ୍‌ର ପୂର୍ବତନ ଅଧିନାୟକ କୃଷ୍ଣମାଚାରୀ ଶ୍ରୀକାନ୍ତ ମୁହଁ ଖୋଲିଛନ୍ତି।





ଶ୍ରୀକାନ୍ତ ନିଜର ୟୁଟ୍ୟୁବ୍ ଚ୍ୟାନେଲରେ କମିନ୍ସଙ୍କୁ ନେଇ କହିଛନ୍ତି, ସେ ବେଭବ ସୂର୍ଯ୍ୟବଂଶୀଙ୍କୁ ଗୋଟିଏ ଶବ୍ଦରେ ପ୍ରଶଂସା କରି ନାହାନ୍ତି। ଯେଉଁ ୧୫ ବର୍ଷୀୟ ଖେଳାଳି ହାଇଦ୍ରାବାଦକୁ ଟୁର୍ଣ୍ଣାମେଣ୍ଟରୁ ବାହାର କରିଦେଲା, ସେହି ବାଳକଙ୍କୁ ପ୍ରଶଂସା କରାଯିବାର ଉଚିତ ଥିଲା। ମୋତେ ଏହା ଆଦ୍‌ରେ ପସନ୍ଦ ଆସିଲା ନାହିଁ ଯେ, ବେଭବ ସୂର୍ଯ୍ୟବଂଶୀଙ୍କ ପାଇଁ ଗୋଟିଏ ଶବ୍ଦ କହିଲେ ନାହିଁ। ସେ କେବଳ ମାର୍ଜିନ ଅଫ୍ ଏରର ସଂପର୍କରେ କହିଥିଲେ। ଜଣେ ୧୫ ବର୍ଷୀୟ ଖେଳାଳି ଆସିଲେ ଏବଂ ଆପଣଙ୍କୁ ବାହାର କରିଦେଲେ। ଅତି କମରେ ତାଙ୍କୁ ପ୍ରଶଂସା କରାଯିବାର ଥିଲା।

ବେଭବ ସୂର୍ଯ୍ୟବଂଶୀ ଏହି ମୁକାବିଲାରେ ଏକାଧିକ ରେକର୍ଡ ଭଙ୍ଗ କରିଛନ୍ତି। ଆଇପିଏଲ୍ ପ୍ଲେଅଫ୍ ଇତିହାସରେ ସର୍ବାଧିକ ୧୨ ଛକା ମାରିବାର ରେକର୍ଡ ତାଙ୍କର ନାମରେ ସାମିଲ କରିଛନ୍ତି। ସେ ଏବେ ଅରେଞ୍ଜ କ୍ୟାପ୍ ଦୌଡରେ ଆଗରେ ଅଛନ୍ତି। ୧୫ଟି ମ୍ୟାଚ୍‌ରେ ତାଙ୍କର ନାମରେ ୬୨୪ ରନ୍ ସଂଗ୍ରହ ହୋଇସାରିଛି।

ଏହି ଅବସରରେ ହାଇଦ୍ରାବାଦର ନେତୃତ୍ୱ ନେଇ ଶ୍ରୀକାନ୍ତ ବଡ ବୟାନ ଦେଇଛନ୍ତି। ସେ କହିଛନ୍ତି ଟିମ୍ ଈଶାନ କିଶନଙ୍କ ନେତୃତ୍ୱରେ ଟିମ୍ ଭଲ ପ୍ରଦର୍ଶନ କରିପାରିଥାନ୍ତା। ଶ୍ରୀକାନ୍ତଙ୍କ କହିବା ଅନୁସାରେ ଭବିଷ୍ୟତରେ ସନରାଇଜର୍ସ ହାଇଦ୍ରାବାଦର ପ୍ରାୟୋଜକ ଅଧିନାୟକଙ୍କ ପରିବର୍ତ୍ତନ ନେଇ ବିଚାର କରିପାରେ। ଆଇପିଏଲ୍ ୨୦୨୬ର ପ୍ରାରମ୍ଭିକ ୪ଟି ମ୍ୟାଚରେ ଈଶାନ କିଶନଙ୍କ ନେତୃତ୍ୱରେ ହାଇଦ୍ରାବାଦ ପଡିଆକୁ ଓହ୍ଲାଇଥିଲା ଏବଂ ଏଥିରୁ ୩ଟିରେ ବିଜୟୀ ହୋଇଥିଲା। ଟିମ୍‌ରେ ସନ୍ତୁଳନର ଅଭାବ ନଥିଲା।

# ୧୬ ବର୍ଷରୁ କମ ଜଟଣୀ କ୍ରିକେଟ କପ

ଖୋର୍ଦ୍ଧା ,୨୮।୫::ଜଟଣୀ କ୍ରିକେଟ ଏକାଡେମୀ ଦ୍ୱାରା ଆନୁକୂଲ୍ୟରେ ୧୬ ବର୍ଷ ରୁ କମ ବୟସ ର କ୍ରିକେଟ ଖେଳାଳୀ ମାନଙ୍କୁ ନେଇ ଜଟଣୀ କ୍ରିକେଟ କପ ୨୦୨୬ ସ୍ଥାନୀୟ ଜଟଣୀ ମହାବିଦ୍ୟାଳୟ ଖେଳ ପଡିଆ ଠାରେ ଆସନ୍ତା ମେ ୩୧ ତାରିଖରୁ ଜୁନ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୮ ଟି ଦଳ ଭାଗ ନେବେ। ଦଳ ଗୁଡିକ ୨ ଟି ଗ୍ରୁପ ରେ ବାଣ୍ଟି ହୋଇ ଜଣକେ ୩ ଟି ଲେଖାଏଁ ଲିଗ ମ୍ୟାଚ ଖେଳିବେ। 'ଏ' ଗ୍ରୁପ ରେ ଜଟଣୀ କ୍ରିକେଟ ଏକାଡେମୀ,ଓସ୍କାର ଭୁବନେଶ୍ୱର,ସୋଲାର କଟକ, ସନ ସାଇନ ପିପିଲି ଦଳ ଥିବାବେଳେ 'ବି' ଗ୍ରୁପ ରେ ରାଇଜିଙ୍ଗ ଷ୍ଟାର କଟକ, ଖୋର୍ଦ୍ଧା, ଆର ଆର କେ, ଜେ ସି ଏ ଦଳ ଅଛନ୍ତି ବୋଲି ଆୟୋଜନ କମିଟି ଜଟଣୀ କ୍ରିକେଟ ଏକାଡେମୀ ର ସଚିବ ମନୋହର ମେଣ୍ଡାଲି, ସଭାପତି ବେଣୁଧର ଦାସ,ଦୁଇ କୋଷାଧକ୍ଷ ସନ୍ତୋଷ ପଟ୍ଟନାୟକ ଓ ସନ୍ଦୀପ ପାଇକରାୟ ଏକ ସାମ୍ବାଦିକ ସମ୍ମିଳନୀ ରେ ଜଣାଇଛନ୍ତି। ଏ ବର୍ଷ ଏହି କପ ର ଦ୍ୱିତୀୟ ସଂସ୍କରଣ ର ଫାଇନାଲ ଆସନ୍ତା ଜୁନ ୭ ତାରିଖରେ ହେବ।




# ଆଇସିସି ଟେଷ୍ଟ୍ ମାନ୍ୟତା : ଶୀର୍ଷରେ ବୁମ୍ରା

ନୂଆଦିଲ୍ଲୀ: ସଦ୍ୟତମ ଆଇସିସି ଟେଷ୍ଟ୍ ମାନ୍ୟତାରେ ଭାରତୀୟ ବଜାୟ ରଖିଛନ୍ତି। ଭାରତ ଚଳିତ ବର୍ଷ ଏପର୍ଯ୍ୟନ୍ତ ଆଣି ଟେଷ୍ଟ୍ ଶୀର୍ଷସ୍ଥାନ ସୁରକ୍ଷିତ ରଖିଛନ୍ତି। ବୋଲିଂ ମାନ୍ୟତାରେ ଅଷ୍ଟ୍ରେଲିଆର ତୃତୀୟ ସ୍ଥାନରେ ରହିଛନ୍ତି। ତେବେ ବ୍ୟାଟିଂ ମାନ୍ୟତାରେ ଇଂଲଣ୍ଡର ଭାରତର ଯଶସ୍ୱୀ ଜୟସ୍ୱାଲ ଅଷ୍ଟମ ଓ ଶୁବମନ ଗିଲ୍ ନବମ

ତେବେ ନିକଟରେ ଘରୋଇ ମାଟିରେ ପାକିସ୍ତାନ ମୁସ୍ତାଫିକୁର ରହିମ୍ ଓ ଲିଟନ ଦାସଙ୍କ ଟେଷ୍ଟ୍ ମାନ୍ୟତାରେ ୧୦ଟି ପାହାଚ ଉପରକୁ ଉଠି ଲିଟନ୍ ୧୪ଟି ପାହାଚ ଉପରକୁ ଉଠି ମାନ୍ୟତାରେ ବାଂଲା ବୋଲର୍ ତାଇଜୁଲ ୧୨ରେ ପହଞ୍ଚିଛନ୍ତି। ମେହେଦି ହାସାନ ହୋଇଛନ୍ତି। ଅଷ୍ଟ୍ରେଲିଆ ବିଶ୍ୱର ନଂ୧ ଆଫ୍ରିକା ଓ ଭାରତ ଯଥାକ୍ରମେ ଦ୍ୱିତୀୟ ବାଂଲାଦେଶ ଦୁଇ ସୋପାନ ଉପରକୁ



ଦ୍ରୁତ ବୋଲର୍ ଯଶପ୍ରୀତ୍ ବୁମ୍ରା ନିଜର ଶୀର୍ଷ ମାନ୍ୟତା ଖେଳି ନଥିଲେ ବି ବୁମ୍ରା ୮୭୯ ପଏଣ୍ଟ ସହ ନିଜର ମିଚେଲ୍ ଷ୍ଟାର୍କ ଦ୍ୱିତୀୟ ଓ ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନେରି ଜୋ ରୁଟ୍ ଓ ହ୍ୟାରୀ ବ୍ରୁକ୍ ପ୍ରଥମ ଦୁଇଟି ସ୍ଥାନରେ ଥିବାବେଳେ ସ୍ଥାନରେ ରହିଛନ୍ତି।

ବିପକ୍ଷରେ ଟେଷ୍ଟ୍ ଶୃଙ୍ଖଳା ଜିତିଥିବା ବାଂଲାଦେଶର ଖେଳାଳି ମାନ୍ୟତାରେ ଉଲ୍ଲେଖନୀୟ ଉନ୍ନତି ଆସିଛି। ରହିମ୍ ବ୍ୟାଟିଂ ୧୬ତମ ସ୍ଥାନରେ ପହଞ୍ଚିଛନ୍ତି। ସେହିପରି ୨୪ତମ ସ୍ଥାନରେ ପହଞ୍ଚିଛନ୍ତି। ବୋଲିଂ ଇସ୍ଲାମ ନିଜ କ୍ୟାରିୟରର ସର୍ବୋଚ୍ଚ ସ୍ଥାନ ମିରାଜ୍ ୨୫ତମ ସ୍ଥାନକୁ ଉନ୍ନୀତ ଟେଷ୍ଟ୍ ଦଳ ଥିବାବେଳେ ଦକ୍ଷିଣ ଓ ତୃତୀୟ ସ୍ଥାନରେ ଅଛନ୍ତି। ଉଠି ସପ୍ତମରେ ପହଞ୍ଚିଛି।

# ଭଙ୍ଗା ହେଲା ମେସିଙ୍କ ୭୦ ଫୁଟ ଉଚ୍ଚତାର ମୂର୍ତ୍ତି

କୋଲକାତା,୨୮।୫: କୋଲକାତାରେ ନିର୍ମାଣ କରାଯାଇଥିବା ଆର୍ଜେଣ୍ଟିନାର ମହାନ ଫୁଟ୍‌ବଲ୍ ତାରକା ଲିଓନେଲ ମେସିଙ୍କ ଏକ ୭୦ ଫୁଟ ଉଚ୍ଚର ମୂର୍ତ୍ତିକୁ ଭାଙ୍ଗି ଦିଆଯାଇଛି। ସୁରକ୍ଷା କାରଣରୁ ଏଭଳି କରାଯାଇଥିବା ସେଠାକାର ନୂଆ ସରକାର ସୂଚନା ଦେଇଛନ୍ତି। ଏହି ମୂର୍ତ୍ତିଟି ମେସିଙ୍କ ବହୁ ଚର୍ଚ୍ଚିତ ଭାରତ ଗସ୍ତ ବେଳେ ନିର୍ମାଣ କରାଯାଇଥିଲା। ଏଥିଲାଗି ୨୭ ଦିନର ସମୟ ଲାଗିଥିଲା। ତେବେ ଟିକିଏ ବି ଜୋରରେ ପବନ ବହିଲେ ମୂର୍ତ୍ତିଟି ହଲୁଥିବାରୁ ଏହାକୁ କୋଲକାତା ନଗର ନିଗମ ବିପଦପୂର୍ଣ୍ଣ ଶ୍ରେଣୀରେ ସାମିଲ କରିଥିଲା।



ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଗତ ସୋମବାର ଆନୁଷ୍ଠାନିକ ଭାବେ ମୂର୍ତ୍ତିକୁ ଭାଙ୍ଗି ଦିଆଯାଇଥିଲା। ଏହି ସମୟରେ ବିରୋଧ ଓ ବିକ୍ଷୋଭର ଆଶଙ୍କା କରି ପାଖାପାଖି ୫,୦୦୦ ପୁଲିସକର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଭାରତକୁ ମେସି ତାଙ୍କ ବିବାଦୀୟ 'ଗୋଟ୍' କାର୍ଯ୍ୟକ୍ରମ ଅନ୍ତର୍ଗତ କୋଲକାତା, ହାଇଦ୍ରାବାଦ, ମୁମ୍ବାଇ ଓ ଦିଲ୍ଲୀ ଗସ୍ତ କରିଥିଲେ। ଅନ୍ୟ ସବୁସ୍ଥାନରେ ତାଙ୍କ କାର୍ଯ୍ୟକ୍ରମ ସୁରୁଖୁରୁରେ ଶେଷ ହୋଇଥିଲା। ହେଲେ କୋଲକାତାରେ ଘୋର ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ଏପରିକି ତାଙ୍କର ଟିକିଏ ବି ଝଲକ ନମିଳିବାରୁ ପ୍ରଶଂସକମାନେ ସଲ୍ଟ ଲେକ୍ ଷ୍ଟାଡିୟମ୍‌ରେ ଭଙ୍ଗାରୁଜା କରିବା ସହ ଚେୟାର ଟେବୁଲ୍ ଫିଙ୍ଗାଫିଙ୍ଗି କରିଥିଲେ। ଗତକିଛି ଦିନ ତଳେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ପଶ୍ଚିମବଙ୍ଗର ପୂର୍ବତନ କ୍ରୀଡାମନ୍ତ୍ରୀ ଅରୂପ ବିଶ୍ୱାସଙ୍କ ପାଇଁ ଏଭଳି ଲଜ୍ଜାଜନକ ଘଟଣା ଘଟିଥିଲା ବୋଲି ଅଭିଯୋଗ କରିଥିଲେ।

# ଜାମାଇକାଠୁ ସେମିରେ ହାରିଲା ଭାରତ

ଲଣ୍ଡନ,୨୮।୫: ଭାରତୀୟ ଫୁଟ୍‌ବଲ୍ ଦଳ ଏଠାରେ ଆୟୋଜିତ ୟୁନିଟି କପ୍‌ର ସେମିଫାଇନାଲ୍‌ରେ ଜାମାଇକାଠାରୁ ୦-୨ ଗୋଲ୍‌ରେ ପରାସ୍ତ ହୋଇ ବିଦାୟ ନେଇଛି। ନିର୍ଦ୍ଧାରିତ ସମୟରେ ଭାରତୀୟ ଖେଳାଳିମାନେ ଗୋଟିଏ ହେଲେ ବି ଗୋଲ୍ ଦେଇ ପାରି ନଥିଲେ। ଅନ୍ୟପକ୍ଷରେ ଜାମାଇକା ପକ୍ଷରୁ କର୍ଟନି କ୍ଲାର୍କ ଓ କହେମିମ୍ ଡିକ୍ସନ ଗୋଲ୍ ଦେଇଥିଲେ। ଭାରତ ଏବେ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ଜିମ୍ବାୱେର ମୁକାବିଲା କରିବ। ଏକାଧିକ ସୁଯୋଗ ହାତଛଡା କରିବା ହିଁ ଭାରତୀୟ ଦଳ ପରାଜୟର ମୁଖ୍ୟ କାରଣ ଥିଲା। ବିଗତ କିଛି ମାସ ହେବ ଭାରତୀୟ ଦଳ ଲଗାତାର ଖରାପ ପ୍ରଦର୍ଶନ କରି ଆସୁଥିବାରୁ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାର ସେମି ଫାଇନାଲ୍ ଯିବାକୁ ମଧ ଏକ ଭଲ ସଫଳତା ଭାବେ ଫୁଟ୍‌ବଲ୍‌ପ୍ରେମୀ ବିବେଚନା କରୁଛନ୍ତି।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k